# ଶାବରୀ

## ଗବେଷଣାଧର୍ମୀ ଓଡ଼ିଆ ପତ୍ରିକା

ସଂଖ୍ୟା-୧

ଜୁଲାଇ - ଡିସେମ୍ବର ୨୦୨୪

# SHABAREE

## *Odia Research Journal*

CENTRAL UNIVERSITY OF ORISSA
KORAPUT

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ

# ଶାବରୀ

ଗବେଷଣାଧର୍ମୀ ଓଡ଼ିଆ ପତ୍ରିକା

# SHABAREE

*Odia Research Journal*

ସଂଖ୍ୟା-୧
ଜୁଲାଇ - ଡିସେମ୍ବର-୨୦୨୪

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ
ଏନ୍.ଏ.ଡ଼ି. ସୁନାବେଡ଼ା - ୭୬୩୦୦୪
କୋରାପୁଟ

ଶାବରୀ
ଗବେଷଣାଧର୍ମୀ ଓଡ଼ିଆ ପତ୍ରିକା
ସଂଖ୍ୟା- ୧
ଜୁଲାଇ - ଡିସେମ୍ବର - ୨୦୨୪

ପ୍ରକାଶକ :
କୁଳସଚିବ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ
ଏନ୍. ଏ. ଡି. ସୁନାବେଡ଼ା, କୋରାପୁଟ

ମୁଦ୍ରଣ :
ଭିବ୍‌ଗିଓର ପ୍ରିଣ୍ଟର୍ସ, ଭୁବନେଶ୍ୱର-୭୫୧୦୦୨

Odia Research Journal
SĀBAREE

Vol. - 01
2024

Published By :
Registrar, Central University of Odisha
N.A.D., Sunabeda-, Koraput, Odisha

Printed : VIBGIOR Printers, Bhubaneswar - 751002

(ପତ୍ରିକାରେ ପ୍ରକାଶିତ ରଚନାଗୁଡ଼ିକରେ ପ୍ରତିଫଳିତ ମତ ଓ ମନ୍ତବ୍ୟ ସହିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଓଡ଼ିଆ ବିଭାଗ ବା ସମ୍ପାଦକ ମଣ୍ଡଳୀ ଜଡ଼ିତ ନୁହଁନ୍ତି, ଏହା ସମ୍ପୂର୍ଣ୍ଣ ରୂପେ ସମ୍ପୃକ୍ତ ଲେଖକଙ୍କର ।)

**ଶାବରୀ**
ଗବେଷଣାଧର୍ମୀ ଓଡ଼ିଆ ପତ୍ରିକା
ସଂଖ୍ୟା -୧
୨୦୨୪

ପୃଷ୍ଠପୋଷକ
**ପ୍ରଫେସର ଚକ୍ରଧର ତ୍ରିପାଠୀ**
କୁଳପତି, ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ

ଉପଦେଷ୍ଟା
**ପ୍ରଫେସର ବସନ୍ତ କୁମାର ପଣ୍ଡା**
**ପ୍ରଫେସର ବାବାଜୀ ଚରଣ ପଟ୍ଟନାୟକ**
**ପ୍ରଫେସର କାଳିଦାସ ମିଶ୍ର**
**ପ୍ରଫେସର ବାଉରିବନ୍ଧୁ ସାହୁ**
**ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା**
**ପ୍ରଫେସର ନରସିଂହ ଚରଣ ପଣ୍ଡା**

ମୁଖ୍ୟ ସମ୍ପାଦିକା
**ଡକ୍ଟର ରୁଦ୍ରାଣୀ ମହାନ୍ତି**
ବିଭାଗ ମୁଖ୍ୟ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ

ସମ୍ପାଦକ ମଣ୍ଡଳୀ
**ଡ. ସତ୍ୟ ଷଡ଼ଙ୍ଗୀ (ଅତିଥି)**
**ଡ. ଆଲୋକ ବରାଳ**
**ଡ. ପ୍ରଦୋଷ କୁମାର ସ୍ୱାଇଁ**
**ଡ. ଗଣେଶ ପ୍ରସାଦ ସାହୁ**
**ଡ. ରଘୁନାଥ ଓଝା**

ସମୀକ୍ଷକ
**ପ୍ରଫେସର ନାରାୟଣ ସାହୁ**
**ପ୍ରଫେସର ମନୋରଞ୍ଜନ ପ୍ରଧାନ**

# FORM-IV

(See Rule 8)

| | | |
|---|---|---|
| 1. Place of Publication | : | Central University of Odisha, NAD, Sunabeda, Koraput, Odisha. |
| 2. Periodicity of its publication | : | Half-yearly |
| 3. Printer's Name | : | Prof. N. C. Panda, |
| Nationality | : | Indian |
| Address | : | Central University of Odisha, NAD, Sunabeda, Koraput, Odisha. |
| 4. Publisher's Name | : | Prof. N. C. Panda, |
| Nationality | : | Indian |
| Address | : | Registrar, Central University of Odisha, At/Po. - NAD, Sunabeda, Dist. - Koraput, Odisha. PIN-763004 |
| 5. Editor's Name | : | Dr. Rudrani Mohanty |
| Nationality | : | Indian |
| Address | : | Dept. Of Odia, Central University of Odisha, At/Po. - NAD, Sunabeda, Dist. - Koraput, Odisha. PIN-763004 |

6. Name and address of individual who can own the newspaper and partners or shareholders holding more than one percent of the total capital.

I, Narasingh Charan Panda, hereby declare that the particulars given above are the best of my knowledge and belief.

(NARASINGH CHARAN PANDA)
Publisher
August, 2024

## ମାନନୀୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କ

# ଶୁଭେଚ୍ଛା ବାର୍ତ୍ତା

ବିଶ୍ୱବିଦ୍ୟାଳୟଗୁଡ଼ିକ ହେଉଛନ୍ତି ଗବେଷଣା-ନିକେତନ । ଗବେଷଣା ହିଁ ଏହାର ଆତ୍ମା ଓ ଅଙ୍ଗ । ସମଗ୍ର ବିଶ୍ୱଜଗତରେ ପ୍ରବାହିତ ଜ୍ଞାନ ପ୍ରବାହକୁ ନିଜ କ୍ୟାମ୍ପସ୍‌କୁ ଘେନି ଆସିବା ଓ ଆପଣା ଗବେଷଣାଲବ୍ଧ ଜ୍ଞାନ ବିଶ୍ୱରେ ବିତରଣ କରିବା ଏହାର କାର୍ଯ୍ୟକ୍ରମରେ ପ୍ରତିଫଳନ ହୋଇଥାଏ । ଏକ କଥାରେ କହିଲେ, ବିଶ୍ୱବ୍ୟାପୀ ଜ୍ଞାନ ବିସ୍ଫୋରଣରେ ସାମିଲ ହୋଇ ଜ୍ଞାନର ଅଗ୍ରଗତି ଓ ବିକାଶରେ ଅଂଶୀଦାର ହେବାରେ ହିଁ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ପ୍ରାଧାନ୍ୟ ଲାଭକରେ । ୨୦୦୯ ମସିହାରେ ସଂସଦରେ ପାରିତ ବିଧି ଅନୁଯାୟୀ ସ୍ଥାପିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ତରୁଣ ହେଲେ ମଧ୍ୟ ଏହି ଉଚ୍ଚଶିକ୍ଷାନୁଷ୍ଠାନଟି ଏହି ଜ୍ଞାନ ଯଜ୍ଞରେ ସମ୍ମିଳିତ ହୋଇଆସିଛି । ତେବେ ଗବେଷଣାଧର୍ମୀ ପତ୍ରିକାର ଆବଶ୍ୟକତା ଅନୁଭବ କରି ମୁଁ ଏ ଦିଗରେ ଦାୟିତ୍ୱ ନେବାପାଇଁ ବିଭାଗଗୁଡ଼ିକୁ ଉତ୍ସାହ ଦେଇଆସିଛି । ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଏ ଦିଗରେ ଅଗ୍ରଣୀ ହୋଇ ଗବେଷଣା-ପତ୍ର ପ୍ରକାଶ କରିବାକୁ ଯାଉଥିବା ସମ୍ବାଦରେ ମୁଁ ସେଥିପାଇଁ ଅତ୍ୟନ୍ତ ଆନନ୍ଦିତ । ପ୍ରାଥମିକ ଭାବରେ ଏହା କେବଳ ଓଡ଼ିଆ ଭାଷା-ସାହିତ୍ୟ-ସଂସ୍କୃତି ଆଧାରିତ ହେଲେ ବି କ୍ରମଶଃ ଅନ୍ୟାନ୍ୟ ଭାଷା-ସାହିତ୍ୟ ଓ ବିବିଧ ବିଷୟ ଆଦିକୁ ସମାନ ଗୁରୁତ୍ୱ ଦେବ, ମାତ୍ର ରଚନାର ଭାଷା ହେବ ଓଡ଼ିଆ । ମାତୃଭାଷାରେ ଶିକ୍ଷା ଓ ଗବେଷଣାକୁ 'ନୂତନ ଶିକ୍ଷାନୀତି-୨୦୨୦' ରେ ପ୍ରାଧାନ୍ୟ ଦିଆଯାଇଛି, କାରଣ ବୌଦ୍ଧିକ ଅନୁସନ୍ଧାନ ଓ ଅନୁସନ୍ଧିତ୍ସା କ୍ଷେତ୍ରରେ ଭାଷା ବାଧକ ଯେପରି ହେବନାହିଁ । ଏହାଯୋଗୁଁ ପ୍ରତ୍ୟେକ ଭାରତୀୟ ଭାଷାରେ ମୌଳିକ ଚିନ୍ତନର ବାଟ ଫିଟିବ ଓ କ୍ରମଶଃ ଭାଷାଗୁଡ଼ିକ ଜ୍ଞାନଚର୍ଚ୍ଚାର ବାହକ ହୋଇ ବିକାଶ ଲାଭ କରିବେ । ଏହି ଗବେଷଣା ପତ୍ରିକା ପ୍ରକାଶନ ହେତୁ ଓଡ଼ିଆ ଭାଷା ଓ ଜ୍ଞାନର ସମୃଦ୍ଧି ସମ୍ଭବ ହେବ । କୋଣାର୍କ, ଶ୍ରୀମନ୍ଦିର ଆଦି ବିଶାଳ କୀର୍ତ୍ତି ଯେଉଁ ଜାତିର ସୁଉଚ୍ଚ ଜ୍ଞାନର ପରାକାଷ୍ଠା, ତାହା ପୁଣି ବିକାଶର ପନ୍ଥାନୁସରଣ କରିବ, ଏହା ଆମର ସ୍ୱପ୍ନ ।

ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ତଥା ଅନ୍ୟ ସମସ୍ତଙ୍କ ଆନ୍ତରିକ ଉଦ୍ୟମ ଫଳରେ ମୋର ଅଭିଳାଷ ପୂରଣ ହୋଇଥିବାରୁ ମୁଁ ବିଭାଗର ପ୍ରତ୍ୟେକଙ୍କୁ ସାଧୁବାଦ ଜଣାଉଛି ।

ଚକ୍ରଧର ତ୍ରିପାଠୀ
କୁଳପତି
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ
କୋରାପୁଟ, ଓଡ଼ିଶା

ସମ୍ପାଦକୀୟ

# ଗବେଷଣାର ଗୁରୁମନ୍ତ୍ର : ଏକ ଅନିର୍ବାଣ ସ୍ମୃତି-ଶିଖା

"ଓଡ଼ିଆରେ ଗବେଷଣା କରିବା ମୋର ଇଚ୍ଛା । ଏ ବିଷୟରେ ଆପଣଙ୍କଠୁ କିଛି ସାହାଯ୍ୟ ଭିକ୍ଷା କରୁଛି ।"

"ଗବେଷଣାରେ ସାହାଯ୍ୟ କରିବା ମୋ ଜୀବନର ଏକ ପରମ ବ୍ରତ ।"

୧୯୫୧ ମସିହାର ଏକ ସନ୍ଧ୍ୟାରେ ଏହା ଥିଲା ଓଡ଼ିଶାର ପ୍ରଥିତଯଶା ପ୍ରତ୍ନତତ୍ତ୍ୱବିତ୍, ଇତିହାସ ଗବେଷକ ତଥା ସାହିତ୍ୟ-ଆଲୋଚକ ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟଙ୍କ (୧୮୯୩-୧୯୭୧) ସହ ବାରିପଦା କଲେଜର ଜଣେ ସଦ୍ୟ ନିଯୁକ୍ତ ଓଡ଼ିଆ ଅଧ୍ୟାପକଙ୍କ ଆଳାପର ଅଥମାରମ୍ଭ । ଅଧ୍ୟାପକ ଜଣକ ହେଲେ ନଟବର ସାମନ୍ତରାୟ ।

ପରମାନନ୍ଦ ଆଚାର୍ଯ୍ୟ ଗବେଷଣାର ବିଷୟ ଦେବା ସହିତ ତାଙ୍କ ବ୍ୟକ୍ତିଗତ ପାଠାଗାରକୁ ସାମନ୍ତରାୟଙ୍କ ଅଧ୍ୟୟନ ନିମନ୍ତେ ଉନ୍ମୁକ୍ତ କରିଦେଇଥିଲେ । ପଢ଼ାପଢ଼ି ତ ଚାଲିଲା, କିନ୍ତୁ ସାମନ୍ତରାୟ ଗବେଷଣା ପାଇଁ ଧନ୍ଦି ହେଉଥିଲେ ।

ନଟବରଙ୍କ ଅବସ୍ଥା ବୁଝି ଆଚାର୍ଯ୍ୟ ମହାଶୟ ଯେଉଁ ଦିଗ୍‌ଦର୍ଶନ ଦେଇଥିଲେ ତାହା ଗବେଷଣା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଶିକ୍ଷଣୀୟ । ସେ କହିଲେ, "ବେଶ ଭଲ କଥା । ଆଗକୁ ଯିବାର ବାଟଟି ତା'ହେଲେ କହି ଦେଉଛି । ଏଇଟା ମୋ ଜୀବନର ଅଭିଜ୍ଞତା । ଗବେଷଣା କରୁ କରୁ ମୁଁ ଯାହା ଅଙ୍ଗେ ଅଙ୍ଗେ ନିଭେଇଛି ତାହାହିଁ କହୁଛି । ଶୁଣନ୍ତୁ, ଗବେଷଣାରେ ଥାଏ ତିନୋଟି ପର୍ଯ୍ୟାୟ । ପ୍ରଥମ ପର୍ଯ୍ୟାୟ ହେଉଛି ନିର୍ଦ୍ଦିଷ୍ଟ ବିଷୟ ପାଇଁ ଉପାଦାନ-ଆହରଣ, ତା'ର ଦ୍ୱିତୀୟ ପର୍ଯ୍ୟାୟ ହେଉଛି ଆହୃତ ଉପାଦାନ ଭିତ୍ତିରେ ସାମଞ୍ଜସ୍ୟ ପ୍ରତିଷ୍ଠା କିମ୍ବା ଏକ ନୂତନ ମୂଲ୍ୟବୋଧ ପ୍ରତିଷ୍ଠା । ତା'ର ତୃତୀୟ ପର୍ଯ୍ୟାୟ ହେଉଛି, ଅତୀତ ସହିତ ଆତ୍ମନିମଜ୍ଜନ କରି ନୂତନ ଆଲୋକପାତ କରିବା । ଏ ପ୍ରତ୍ୟେକ ପର୍ଯ୍ୟାୟ ସ୍ୱୟଂସମ୍ପୂର୍ଣ୍ଣ ହେଲେହେଁ ପରସ୍ପର ଘନିଷ୍ଠଭାବେ ସମ୍ବନ୍ଧାନ୍ୱିତ, ଗୋଟିକ ବିନା ଅନ୍ୟଟିର ସମ୍ଭାବନା ଏକାନ୍ତ ସ୍ୱପ୍ନ ।"

'ମୁଁ କିପରି ଗବେଷଣା କଲି' (୧୯୭୬) ପୁସ୍ତକରେ ଡକ୍ଟର ନଟବର ସାମନ୍ତରାୟ ସ୍ମୃତିଚାରଣ କରି ଲେଖିଛନ୍ତି : ତାଙ୍କ କଥା ଶୁଣି ମୋ ମୁଣ୍ଡ ଘୂରିଗଲା । ହଡ଼ବଡ଼େଇ ଯାଇ କହିଲି, "ଏ ତିନୋଟିକୁ ଆପଣ ଯେମିତି କହିଲେ ତାହା ଭଲକରି ଧରିପାରିଲି ନାହିଁ । ଦୟାକରି ଟିକେ ବୁଝେଇ ଦିଅନ୍ତୁ ନା ।"

ଟିକିଏ ହସିଦେଇ ଗୁରୁ ସୁଲଭ ଭାଷାରେ ଆଚାର୍ଯ୍ୟ ମହୋଦୟ କହିବାକୁ ଲାଗିଲେ ।

- ଗବେଷଣା ପାଇଁ ଯେଉଁ ବିଷୟ ନିର୍ବାଚନ କରାଯାଏ ତା' ପାଇଁ ଉପାଦାନ ବିକ୍ଷିପ୍ତ ଭାବେ ବହୁ ସ୍ଥାନରେ ପଡ଼ିରହିଥାଏ । ଖୋଜି ଜାଣିବାର କୌଶଳ ଜଣାନଥିଲେ ପାଖରେ ଥିବା ବିଷୟ ମଧ୍ୟ ଆଖିକି ଧରା ଦିଏନାହିଁ । ପୁଣି ଜିନିଷଟି ପାଇଲେ ମଧ୍ୟ ସେଥିରୁ କେଉଁ ଅଂଶଟିକୁ ଆହରଣ କରିବା ଉଚିତ ତାହା ବିଚାର କରି ନ ପାରିଲେ ସମଗ୍ର ଉପାଦାନଟି ଆଣିବାକୁ ଜଣେ ବାଧ୍ୟ ହୁଏ । ଏଥିରେ ତା'ର ବହୁ ଶ୍ରମ ଅଯଥା ନଷ୍ଟ ହୁଏ । ପୁଣି, ଗୁଡ଼ିଏ ଜିନିଷ ଭିତରୁ ଅସଲ ଜିନିଷଟି ଆଖିରୁ ଖସିଯାଏ । ବିଷୟର ଅନୁସନ୍ଧାନ ଓ ଆହରଣ ବେଳେ, ତେଣୁ ଯଥାର୍ଥ ବିଚାର ବୁଦ୍ଧି ଓ ସୂକ୍ଷ୍ମ ଦୃଷ୍ଟି ଶକ୍ତିର ବିନିଯୋଗ କରିବାକୁ ହୋଇଥାଏ । ଗବେଷଣାର ଏଇ ପର୍ଯ୍ୟାୟଟି ହେଉଛି ଯଥାର୍ଥତଃ ଫିଲ୍‌ଡଓ୍ୱାର୍କ । ଏ ଫିଲ୍‌ଡଓ୍ୱାର୍କର ପରିସର ଯେତେ ବ୍ୟାପକ ଓ ବିସ୍ତୃତ ହେବ, ଦ୍ୱତୀୟ ପର୍ଯ୍ୟାୟଟିର କାମ ସେତେ ସହଜ ଓ ନିର୍ଭୁଲ ହୋଇପାରିବ । ଦ୍ୱିତୀୟ ପର୍ଯ୍ୟାୟ ହେଉଛି ବିଭିନ୍ନ ଉପାଦାନ ଭିତରେ ସାମଞ୍ଜସ୍ୟ ପ୍ରତିଷ୍ଠା । ଏହାହିଁ ବିଶ୍ଳେଷାତ୍ମକ ପର୍ଯ୍ୟାୟ ବା ଆନାଲିଟିକାଲ୍ ଷ୍ଟେଜ । ଏଥିରେ ଗୋଟିଏ ଗୋଟିଏ ମୂଳ ଉପାଦାନ ଯାହା ସାଧାରଣ ଆଖିକି ପ୍ରଥମେ ଏକାନ୍ତ ଭାବେ ମୂଲ୍ୟହୀନ ବୋଧ ହେଉଥାଏ, ତାହା ଅନ୍ୟ ଏକ ଉପାଦାନର ସହଯୋଗରେ ଏକ ସ୍ୱତନ୍ତ୍ର ମୂଲ୍ୟବୋଧ ଆହରଣ କରିଥାଏ । ସୁସଙ୍ଗଠିତ ଚିତ୍ତ, ବିଶ୍ଳେଷଣାତ୍ମକ

ମନ ଓ ବୈଜ୍ଞାନିକ ଆଭିମୁଖ୍ୟ ଏଇ ପର୍ଯ୍ୟାୟରେ ଏକାନ୍ତ ଅପରିହାର୍ଯ୍ୟ ହୋଇ ପଡ଼ନ୍ତି । ତୃତୀୟ ପର୍ଯ୍ୟାୟ ପାଇଁ ଏ ସବୁ ଉପଯୁକ୍ତ ଖୋରାକ ଯୋଗାଇ ଦେଇଥାନ୍ତି ମାତ୍ର । ଶେଷ ପର୍ଯ୍ୟାୟଟିରେ ଏକ ସାମଗ୍ରିକ ଦୃଷ୍ଟିଭଙ୍ଗୀ, ଗଠନ ତତ୍ପର ଚିତ୍ତବୃତ୍ତି ପ୍ରଧାନ ହୋଇ ଦେଖାଦିଅନ୍ତି । ଅଂଶ ବିଶେଷର ବିଶ୍ଳେଷଣ ମାଧ୍ୟମରେ ଯେଉଁ ସତ୍ୟର ସନ୍ଧାନ ମିଳେ, ଏଇ ପର୍ଯ୍ୟାୟରେ ସମଗ୍ର ରଚନା ଭିତରେ ସେଇ ସତ୍ୟର ଏକ ପରିପୂର୍ଣ୍ଣ ରୂପ ସୁପ୍ରତିଷ୍ଠ ହୋଇଯାଏ । ସ୍ଥୁଳତଃ, ପ୍ରଥମ ପର୍ଯ୍ୟାୟରେ ଅଧ୍ୟୟନ, ଅଧ୍ୟବସାୟ ଓ ଆହରଣ, ଦ୍ୱିତୀୟ ପର୍ଯ୍ୟାୟରେ ବିଶ୍ଳେଷଣାତ୍ମକ ବୈଜ୍ଞାନିକ ବିଚାରବୋଧ ଆବଶ୍ୟକ ହେବାବେଳେ ତୃତୀୟ ପର୍ଯ୍ୟାୟଟିରେ ଆବଶ୍ୟକ ହୁଏ ଗବେଷକର ସ୍ୱପ୍ନ - ସେ ଅତୀତକୁ ଫେରିଯାଇ ସେଥିରେ ନିଜକୁ ମିଶାଇ ଦିଏ ଓ ପ୍ରଥମ ଦୁଇ ପର୍ଯ୍ୟାୟରେ ପାଇଥିବା ଉପାଦାନ ଓ ସତ୍ୟକୁ ଏକ ନୂତନ ରୂପାଲୋକରେ ଉଦ୍‌ଭାସିତ କରି ତୋଳେ ।

ଷାଠିଏ ବର୍ଷରେ ଉପନୀତ ଓଡ଼ିଆ ସାହିତ୍ୟର ଗୋଟିଏ କ୍ଲାସିକ୍ ଗବେଷଣା ଗ୍ରନ୍ଥ ନଟବର ସାମନ୍ତରାୟଙ୍କ 'ଓଡ଼ିଆ ସାହିତ୍ୟର ଇତିହାସ (୧୮୦୩-୧୯୨୦)' ର ଗୁରୁତ୍ୱ ଓ ମହତ୍ତ୍ୱ ଆମ ସମସ୍ତଙ୍କୁ ଜଣା । ତେବେ ଏହି ପ୍ରସଙ୍ଗଟି ଉତ୍ଥାର କରିବାର ପ୍ରାସଙ୍ଗିକତା ହେଉଛି ଅଧୁନା ନବାଗତ ଗବେଷକ-ଗବେଷିକା ତଥା ବିଦ୍ୟାର୍ଥୀମାନଙ୍କ ମସ୍ତିଷ୍କ ଓ ବିଚାରଧାରାରେ ଗବେଷଣା-କାର୍ଯ୍ୟଧାରାକୁ ଉଜ୍ଜୀବିତ କରି ରଖିବା ଓ ସେମାନଙ୍କୁ ଉତ୍ସାହିତ କରିବା ।

୨୦୦୯ ମସିହା ସେପ୍ଟେମ୍ବର ୧୬ ତାରିଖରୁ ଆମ 'ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ' ଯୁବପ୍ରାଣର ସ୍ୱପ୍ନ ଓ ସମ୍ଭାବନାକୁ ସାକାର କରିବା ଦିଗରେ ନାନା ରୂପେ ନିରନ୍ତର ପ୍ରୟାସ ଜାରି ରଖି ଆସିଛି । ୨୦୧୦ ମସିହାରୁ ବିଭାଗର ପ୍ରାଚୀର ପତ୍ରିକା 'ସାବେରୀ' ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଆଶାର ପ୍ରଦୀପଟିଏ ପ୍ରଜ୍ୱଳିତ କରିବାର ଅବକାଶ ସୃଷ୍ଟି କରିଥିଲା, ମାତ୍ର ନାନା କାରଣରୁ ତାହା ସ୍ତିମିତ ହୋଇଆସିଲା । ମାନନୀୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ମହୋଦୟଙ୍କ ଉତ୍ସାହ, ଅନୁପ୍ରେରଣା ଓ ତାଗିଦ୍‌ରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ପ୍ରଥମକରି ସମ୍ପୂର୍ଣ୍ଣ ଗବେଷଣାଧର୍ମୀ ପତ୍ରିକା 'ଶାବରୀ' ନୂତନ ସମ୍ଭାବନା ଓ ଉଦ୍ଦୀପନା ବହନ କରି ପ୍ରକାଶିତ ହେବାର ଗୌରବ ଲାଭ କରିଛି । ମାନନୀୟ କୁଳପତି ପ୍ରଫେସର ତ୍ରିପାଠୀ ମହୋଦୟଙ୍କୁ ତେଣୁ ଶତ ନମନ । ବିନମ୍ର ସାଧୁବାଦ ପତ୍ରିକାଟିର ଉପଦେଷ୍ଟା ଓ ସମୀକ୍ଷକ ମାନନୀୟ ବିଦ୍ୱାନ ବୃନ୍ଦଙ୍କୁ । ଆନ୍ତରିକ ଶ୍ରଦ୍ଧା ଓ ଧନ୍ୟବାଦ ବିଭାଗର ସ୍ୱପ୍ନକୁ ବାସ୍ତବ ରୂପ ଦେବା ନିମନ୍ତେ ପୂର୍ଣ୍ଣ ପ୍ରାଣରେ ଶ୍ରମ ଓ ସମୟ ବିନିଯୋଗ କରିଥିବା ଅନୁଜତୁଲ୍ୟ ମୋର ସହକର୍ମୀ ଡ. ସତ୍ୟ ଷଡ଼ଙ୍ଗୀଙ୍କୁ ।

ଭାଷା ଓ ସାହିତ୍ୟର ପ୍ରସାର, ଗବେଷଣା ତଥା ପ୍ରକାଶନ ଦିଗରେ ନିରନ୍ତର ପ୍ରୟାସ ହେବ 'ଶାବରୀ'ର ମୁଖ୍ୟ ଆଭିମୁଖ୍ୟ । ପତ୍ରିକାଟିର ସର୍ଜନଶୀଳ ସୁଦୀର୍ଘ ଅଭିଯାତ୍ରା ନିମନ୍ତେ ଆପଣମାନଙ୍କଠାରୁ ଶ୍ରଦ୍ଧା ଓ ସଦିଚ୍ଛା କାମନା କରୁଛି ।

ଅବଶିଷ୍ଟ ଘଟଣା ହେଉଛି ଇତିହାସ - ଯାହା ସମସ୍ତଙ୍କୁ ବେଶ୍ ଜଣା । ଓଡ଼ିଆ ସାହିତ୍ୟର ଗୋଟିଏ କ୍ଲାସିକ୍ ଗବେଷଣା ଭାବରେ ପରିଗଣିତ 'ଓଡ଼ିଆ ସାହିତ୍ୟର ଇତିହାସ (୧୮୦୩-୧୯୨୦)' ଥିସିସ୍ ପାଇଁ ୧୯୬୩ରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ନଟବର ସାମନ୍ତରାୟଙ୍କୁ ଡକ୍ଟରେଟ ଉପାଧି ମିଳେ । ଥିସିସ୍‌ଟି ଗ୍ରନ୍ଥାକାରରେ ପ୍ରକାଶ ପାଏ ୧୯୬୪ରେ । ଏହା କେବଳ ଆଧୁନିକ ଓଡ଼ିଆ ସାହିତ୍ୟର ଅଧ୍ୟୟନ, ଅଧ୍ୟାପନ ଓ ଗବେଷଣାର ଆକର ଗ୍ରନ୍ଥ ନହୋଇ ଅନ୍ୟାନ୍ୟ ବିଷୟର ଗବେଷଣାରେ ମଧ୍ୟ ଯେପରି ଦିଗ୍‌ଦର୍ଶନ ଦେଇଥାଏ, ତାହାର କଳନା ନାହିଁ ।

ଗବେଷଣା ଜଗତର ଏହି କୀର୍ତ୍ତିସ୍ତମ୍ଭକୁ ଚଳିତବର୍ଷ ୬୦ ବର୍ଷ ପୂରିଲା ।

ପୂଜ୍ୟ ପରମାନନ୍ଦ ଆଚାର୍ଯ୍ୟଙ୍କ ଗବେଷଣାର ବ୍ୟାବହାରିକ ମୂଳସୂତ୍ର ବିଷୟରେ ଦିଗ୍‌ଦର୍ଶନ, ତାହାରି ଆଧାରରେ ଡକ୍ଟର ନଟବର ସାମନ୍ତରାୟଙ୍କ ଅତୁଳନୀୟ ଅଧ୍ୟବସାୟର ପରାକାଷ୍ଠା ଆଜି ମଧ୍ୟ ଏକ ପ୍ରଦୀପସ୍ତମ୍ଭ ।

ଡକ୍ଟର ରୁଦ୍ରାଣୀ ମହାନ୍ତି
ସହଯୋଗୀ ପ୍ରଫେସର ଓ ବିଭାଗ ମୁଖ୍ୟ

# ରୁଦ୍ରସୁଧାନିଧି : ଏକ ଦୃଷ୍ଟିପାତ

ଡକ୍ଟର ବାବାଜୀଚରଣ ପଟ୍ଟନାୟକ

*ଭାରତବର୍ଷର ଆଞ୍ଚଳିକ ଭାଷାରେ ରଚିତ ସର୍ବାଦ୍ୟ ଗଦ୍ୟ କଥା-ଗ୍ରନ୍ଥ 'ରୁଦ୍ରସୁଧାନିଧି' । ଓଡ଼ିଆ ଭାଷାରେ ରଚିତ ଏହି ଗ୍ରନ୍ଥର ପ୍ରଣେତା ନାରାୟଣାନନ୍ଦ ଅବଧୂତ ସ୍ୱାମୀ । ଏହାର ରଚନାକାଳ ନେଇ ମତାନ୍ତର ଥିଲେ ବି ତାହା ଷୋଡ଼ଶ ଶତାବ୍ଦୀର ରଚନା ବୋଲି ଗୃହୀତ । ବୃତ୍ତଗନ୍ଧି ଗଦ୍ୟ ଶୈଳୀରେ ରଚିତ ଚମତ୍କାର ବର୍ଣ୍ଣନା ଶୈଳୀ ଯୁକ୍ତ ଏହି ପ୍ରାଚୀନ କଥା ଗ୍ରନ୍ଥ ଓଡ଼ିଆ ସାହିତ୍ୟ ତଥା ଭାରତୀୟ ସାହିତ୍ୟର ଗୋଟିଏ ଅମୂଲ୍ୟ ନିଧି ।*

ନାରାୟଣାନନ୍ଦ ଅବଧୂତ ସ୍ୱାମୀ ବିରଚିତ 'ରୁଦ୍ରସୁଧାନିଧି' ଓଡ଼ିଆ ଭାଷା-ସାହିତ୍ୟ କ୍ଷେତ୍ରରେ ଏକ ଅଭୂତପୂର୍ବ, ଅତୁଳନୀୟ ଗଦ୍ୟକାବ୍ୟ । ଆଲୋଚକମାନେ ଏହାକୁ ଭାରତବର୍ଷ ପରିପ୍ରେକ୍ଷୀରେ ସର୍ବାଦ୍ୟ ଆଞ୍ଚଳିକ ଭାଷାର ଗଦ୍ୟକୃତି ଭାବରେ ବିବେଚନା କରିଥାନ୍ତି । ସୁତରାଂ, ପ୍ରାଚୀନ ଓଡ଼ିଆ ସାହିତ୍ୟର ଗଦ୍ୟ ନିଦର୍ଶନ ଦୃଷ୍ଟିରୁ ଅସମ୍ପୂର୍ଣ୍ଣ ରୁଦ୍ରସୁଧାନିଧି ସମାଦୃତ । ଅଧ୍ୟାପକ ଡକ୍ଟର କରୁଣାକର କର ୧୯୩୬ ମସିହାରେ ନିମାପଡ଼ାରୁ 'ରୁଦ୍ରସୁଧାନିଧି' ପୋଥି ପାଆନ୍ତି । ପରେ, କଟକ ଜିଲ୍ଲାର ରୋଦନାପୁର ଶାସନରୁ ଆଉ ଗୋଟିଏ ପୋଥି ପାଇ 'ରୁଦ୍ରସୁଧାନିଧି' ସମ୍ପାଦନା କରନ୍ତି । ଏହି ସମ୍ପାଦିତ କୃତି ଓଡ଼ିଶା ସାହିତ୍ୟ ଏକାଡ଼େମୀ ତରଫରୁ ପ୍ରକାଶ ପାଏ । ଇତିପୂର୍ବରୁ 'ରୁଦ୍ରସୁଧାନିଧି' ପାଠର ପ୍ରଥମାଂଶ କେତେ ପୃଷ୍ଠା ପ୍ରକାଶ ପାଇଥାଏ ଆର୍ତ୍ତବଲ୍ଲଭ ମହାନ୍ତି ସମ୍ପାଦିତ 'ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ' (ପ୍ରାଚୀ ଗ୍ରନ୍ଥମାଳା-୩୭) ରେ । ଏହି ସମ୍ପାଦିତ ପୁସ୍ତକ ୧୯୩୨ ମସିହାରେ ପ୍ରକାଶ ପାଇଥାଏ । ଏହାର ମୁଖବନ୍ଧରେ ଆର୍ତ୍ତବଲ୍ଲଭ 'ରୁଦ୍ରସୁଧାନିଧି' ଓ ତାହାର ଲେଖକଙ୍କ ସମ୍ବନ୍ଧରେ ଏଭଳି ଅଭିମତ ପ୍ରଦାନ କରିଥାନ୍ତି :

The author Narayan Abadhuta Swami is a great scholar. This work clearly be speaks his knowledge of kavya, Alankar, Smruty, Astrology, Yoga, Sankhya, Vedanta and other sastras. He also mention the name of sastras in which he was proficient. He possesses a creativeimagination and playful fancy. His style is simple and forceful. He adopts language in a wonderful way to the sentiment to be expressed. He had a deep insight in to the workings of the human heart.

This work is neither poetry nor prose but a happy blend of both. One will be led to think that it was written at a time when Dandi Vrutta (Sarala Das of the 15th century is known to be the first writer in the vrutta, the special characteristic of this vrutta being that the letters in the line are not of equal number, but it is none the less very musical) had not come in to existence. If this views be accepted we can safely place him in the 13th or 14th century A.D. But owing to lack of other convincing evidences, I could not ascetain the date and from the study of the language, its

syntax, construction and use of words, I placed him before the 17th century A.D.

ଅର୍ଥାତ୍ 'ରୁଦ୍ରସୁଧାନିଧି'ର ଲେଖକ ନାରାୟଣ ଅବଧୂତ ସ୍ୱାମୀ ଜଣେ ବିଦ୍ୱାନ୍ । ଏହି କୃତି ଜଣାଇଦିଏ ଲେଖକଙ୍କ କାବ୍ୟ, ଅଳଙ୍କାର, ସ୍ମୃତି, ଜ୍ୟୋତିଷ, ଯୋଗ, ସାଂଖ୍ୟ, ବେଦାନ୍ତ ଆଦି ଶାସ୍ତ୍ରଜ୍ଞାନ, ଯେଉଁ ଶାସ୍ତ୍ରରେ ସେ ନିପୁଣ ତାହା ସେ ରୁଦ୍ରସୁଧାନିଧିରେ ଦର୍ଶାଇଛନ୍ତି । ତାଙ୍କର ସର୍ଜନଶୀଳ କଳ୍ପନା ଓ ମଜାଳିଆ ବ୍ୟଙ୍ଗ ବାରିହୋଇପଡ଼େ । ତାଙ୍କର ରଚନାଶୈଳୀ ସରଳ ଓ ଶକ୍ତିଶାଳୀ । ତାଙ୍କର ବ୍ୟବହୃତ ଭାଷା ଆବେଗ ପ୍ରକାଶକ । ମାନବିକ ହୃଦୟବତ୍ତା ପ୍ରତି ତାଙ୍କର ତୀକ୍ଷ୍ଣ ଅନ୍ତଃଦୃଷ୍ଟି ବାରିହୋଇପଡ଼େ ।

'ରୁଦ୍ରସୁଧାନିଧି' ଗଦ୍ୟ ନୁହେଁ କି ପଦ୍ୟ ନୁହେଁ, ପରନ୍ତୁ ଉଭୟର ସମନ୍ୱିତ ପ୍ରକାଶ । ଜଣେ ବିଶ୍ୱାସ କରିପାରେ, ଏପରି ଶୈଳୀର ରଚନା ସେତିକିବେଳେ ସମ୍ଭବପର ଯେତେବେଳେ ଦାଣ୍ଡିବୃତ୍ତର ଆତ୍ମପ୍ରକାଶ ଘଟିନାହିଁ । ଏହି ମତକୁ ଗ୍ରହଣ କରି ନିଆଗଲେ ରୁଦ୍ରସୁଧାନିଧିର ରଚନାକାଳ ତ୍ରୟୋଦଶ କିମ୍ବା ଚତୁର୍ଦ୍ଦଶ ଶତାବ୍ଦୀ ବୋଲି କୁହାଯାଇପାରେ । ଏହାର ଭାଷା ଦୃଷ୍ଟିରୁ, ବିଶେଷ କରି ଶବ୍ଦ ଯୋଜନା, ପଦଗଠନ ଏବଂ ଶବ୍ଦ ବ୍ୟବହାର ଦୃଷ୍ଟେ ରଚନାକାଳ ସପ୍ତଦଶ ଶତାବ୍ଦୀର ପୂର୍ବବର୍ତ୍ତୀ ବୋଲି କୁହାଯାଇପାରେ ।

ଆର୍ତ୍ତବଲ୍ଲଭ 'ରୁଦ୍ରସୁଧାନିଧି'ର ରଚନାକାଳ ଘେନି ଯେଉଁ ସମ୍ଭାବନାର ସୂଚନା ପ୍ରଦାନ କରିଥିଲେ, ତାହା ପରବର୍ତ୍ତୀ କାଳରେ ଗବେଷକ ଏବଂ ସମାଲୋଚକମାନଙ୍କ ଦ୍ୱାରା ବହୁଭାବେ ବିଶ୍ଳେଷିତ ଓ ଚର୍ଚ୍ଚିତ ହୋଇଛି ।

ଦୁଇଟି ତାଳପତ୍ର ପୋଥି ଆଧାରରେ ରୁଦ୍ରସୁଧାନିଧି ସମ୍ପାଦନା କରିଥିବା ଡକ୍ଟର କରୁଣାକର କର ନାରାୟଣାନନ୍ଦ ଓ ତାଙ୍କ କୃତିର ସମୟକୁ ପଞ୍ଚଦଶ ଶତାବ୍ଦୀର ବୋଲି ସମ୍ଭାବନା କରିଅଛନ୍ତି । ତାଙ୍କ ମତରେ ସ୍ରଷ୍ଟା ନାରାୟଣାନନ୍ଦ ସାରଳା ଓ ବଳରାମଙ୍କ ମଧ୍ୟରେ ଏବଂ ଚୈତନ୍ୟଙ୍କ ଆଗମନ ପୂର୍ବର ବ୍ୟକ୍ତି । ଏଥିପାଇଁ 'ରୁଦ୍ରସୁଧାନିଧି'ରେ ପ୍ରଯୁକ୍ତ ଭାଷା ଆଧାରରେ ସେ ଯେଉଁ ଯୁକ୍ତି ବାଢ଼ିଛନ୍ତି ତାହା ଏହିପରି -

(କ) ପ୍ରାଚୀନ ଓଡ଼ିଆରେ ଦ୍ୱିତୀୟା ବହୁବଚନରେ 'ନ୍ତ' ପ୍ରତ୍ୟୟର ବ୍ୟବହାର ଦେଖିବାକୁ ମିଳେ । କିନ୍ତୁ ବଳରାମଙ୍କ ପରର ସାହିତ୍ୟରେ ଏହାର ପ୍ରୟୋଗ ପ୍ରାୟଶଃ ଦେଖାଯାଏ ନାହିଁ । 'ରୁଦ୍ରସୁଧାନିଧି'ରେ ଏଭଳି ପ୍ରୟୋଗ ଚାକ୍ଷୁଷ ହୁଏ; ଯଥା - ଭ୍ରସଳନ୍ତ, ବିଷୟନ୍ତ, ଏମାନନ୍ତ, ଇନ୍ଦ୍ରିୟମାନନ୍ତ, ଲକ୍ଷଣନ୍ତ ଇତ୍ୟାଦି ।

(ଖ) ପଞ୍ଚମୀ ବିଭକ୍ତିରେ 'ତହିଁ' ପଦଟି ଉପପଦ ବିଭକ୍ତି ରୂପରେ ଷଷ୍ଠୀ ପ୍ରତ୍ୟୟାନ୍ତ ପଦ ପରେ ବ୍ୟବହୃତ ହୋଇ ପଞ୍ଚମୀ ବିଭକ୍ତିରେ 'ଠାରୁ' ବା 'ରୁ' ଅର୍ଥ ପ୍ରକାଶକ ହୋଇଥାଏ । ଯଥା - ମୋହର ତହୁଁ, ତୋ ତହୁଁ ଇତ୍ୟାଦି ।

(ଗ) ୫ମୀ ବିଭକ୍ତିରେ 'ହୁଁ' ପ୍ରତ୍ୟୟ । ଯଥା - ଆଜହୁଁ, ପଚାରହୁଁ ।

(ଘ) ୭ମୀ ବିଭକ୍ତିରେ 'ହିଁ' ପ୍ରତ୍ୟୟ ଏବଂ 'ତହିଁ' ପ୍ରତ୍ୟୟ । ଯଥା - ସବୁ ଦ୍ୱାର ହିଁ, କନ୍ୟା ହିଁ, ଦୁହିଁଙ୍କର ତହିଁ ।

(ଙ) ପ୍ରାଚୀନ ଶବ୍ଦ - ଅମନାତ୍ୟ ପେଷିଲେ, ସ୍ରୋହେ, ପବନେ କରି, ମଦାଙ୍ଗ । ଏ ଶବ୍ଦ ସବୁ ପଞ୍ଚଦଶ ଶତାବ୍ଦୀରେ ଓଡ଼ିଆ ସାହିତ୍ୟରେ ବ୍ୟବହାର-ରୀତି ।

କରୁଣାକର କରଙ୍କ ବ୍ୟତୀତ ପଣ୍ଡିତ ସୂର୍ଯ୍ୟନାରାୟଣ ଦାସ ଭାଷା ଆଧାରରେ 'ରୁଦ୍ରସୁଧାନିଧି'ର ରଚୟିତାଙ୍କୁ ସାରଳା ଦାସଙ୍କ ପୂର୍ବବର୍ତ୍ତୀ ସମୟର ବୋଲି ଦର୍ଶାଇଛନ୍ତି । (ଓଡ଼ିଆ ସାହିତ୍ୟର ପରିଚୟ-୧ମ ଭାଗ)

ସମାଲୋଚକ ଜାନକୀବଲ୍ଲଭ ମହାନ୍ତିଙ୍କ ମତରେ 'ରୁଦ୍ରସୁଧାନିଧି' ଷୋଡ଼ଶ ଶତାବ୍ଦୀ ପୂର୍ବର ରଚନା । ତାଙ୍କ

ମତରେ ଉକ୍ତ ପୁସ୍ତକରେ ଶୈବଧର୍ମ ପ୍ରସଙ୍ଗ ବିବୃତ ।

But it deals with the importance of Siva and Parvati and the Yoga of Saivism. These matters lead a man to believe that it is a production of that age, when Saivism was the religion of the stateduring the reign of Ganga dynasty. The technique of writing, choice of words, and the use of theletter #Ta# preceeding a sentence strengthen the arguments to accept the work to have been written sometime before the 16th century. (Oriya Literature)

ଓଡ଼ିଆ ସାହିତ୍ୟର ଇତିହାସ ପ୍ରଣେତା ମାୟାଧର ମାନସିଂହଙ୍କ ଭାଷାରେ "ଓଡ଼ିଆରେ ସର୍ବାଦ୍ୟ ପୂର୍ଣ୍ଣ ଗଦ୍ୟଗ୍ରନ୍ଥ ରୁଦ୍ରସୁଧାନିଧିକୁ ଖ୍ରୀ.ପୂ. ୧ମ ଶତାବ୍ଦୀର ଖାରବେଳ ଗାଥାର ଏକ ଭଗିନୀଗ୍ରନ୍ଥ କହିବା ଆଦୌ ଅତ୍ୟୁକ୍ତି ହେବନାହିଁ । ଏକ ଓଡ଼ିଆ ଓ ଅନ୍ୟଟି ପାଲୀରେ ଲେଖା ହେଲେହେଁ ଉଭୟ କାବ୍ୟଧର୍ମୀ ଗଦ୍ୟ । ଏହି ଗଦ୍ୟଗ୍ରନ୍ଥଟିକୁ ଯେ ତ୍ରୟୋଦଶ ଶତାବ୍ଦୀରେ ନେଇ ଥୋଉଛନ୍ତି, ତାହା ବିଶେଷ ଭ୍ରାନ୍ତିମୂଳକ ବୋଲି ମନେ ହେଉନାହିଁ ।" (ଓଡ଼ିଆ ସାହିତ୍ୟର ଇତିହାସ)

ସୁରେନ୍ଦ୍ର ମହାନ୍ତି 'ରୁଦ୍ରସୁଧାନିଧି'କୁ ସାରଳା ଦାସଙ୍କ ପରବର୍ତ୍ତୀକାଳୀନ ରଚନା ବୋଲି ଦର୍ଶାଇଛନ୍ତି । ତାଙ୍କରି ଭାଷାରେ, "ଏଥିରେ (ରୁଦ୍ରସୁଧାନିଧିରେ) ବିଭିନ୍ନ ପ୍ରଚଳିତ ତାତ୍ତ୍ୱିକ ମତବାଦର ଅସାରତା ପ୍ରତିପାଦନ କରାଯାଇ ଶୈବଧର୍ମର ମହତ୍ୱ ପ୍ରତିଷ୍ଠା କରିବାର ଉଦ୍ୟମ ହୋଇଅଛି । 'ରୁଦ୍ରସୁଧାନିଧି' ଉପଜୀବ୍ୟ ଦୃଷ୍ଟିରୁ ସାରଳାଙ୍କ ପୂର୍ବକାଳୀନ ଶୈବ ସାହିତ୍ୟ ବୋଲି ଅନୁମିତ ହେଲେ ହେଁ, ପୁଣି ଏହି ଗ୍ରନ୍ଥରେ'ପରାକୃତ ଭାଷା ହିଂସୁଥାଇ' ବୋଲି ଯେଉଁ ଉଲ୍ଲେଖ ରହିଅଛି, ସେଥିରୁ ଏହାକୁ, ସଂସ୍କୃତର ପ୍ରଭାବକୁ ଏଡ଼ି, ଓଡ଼ିଆ ସାହିତ୍ୟ ନିଜକୁ ପ୍ରତିଷ୍ଠା କରିବା କାଳର ରଚନା ବୋଲି କେହିକେହି ସ୍ଥିର କରିଥିଲେ ହେଁ, ଭାଷାର ମାର୍ଜିତ ସୌକୁମାର୍ଯ୍ୟ ଓ ରୀତିରେ ଆଳଂକାରିକ ଆଙ୍ଗିକ, ସାରଳାଙ୍କ ପରବର୍ତ୍ତୀକାଳୀନ ଏହାର ମଧ୍ୟଯୁଗୀୟ ଚରିତ୍ରନିର୍ଦ୍ଦେଶିତ କରିଥାଏ ।" (ଓଡ଼ିଆ ସାହିତ୍ୟର ଆଦିପର୍ବ, ପୃ.୭୫)

'ପ୍ରାଚୀନ ଓଡ଼ିଆ ସାହିତ୍ୟ' ପୁସ୍ତକ ରଚୟିତା ଦେବେନ୍ଦ୍ର ମହାନ୍ତିଙ୍କ ମତରେ ରୁଦ୍ରସୁଧାନିଧିକୁ ଚତୁର୍ଦ୍ଦଶ ଶତାବ୍ଦୀର ରଚନା ଭାବେ ଗ୍ରହଣ କରାଯିବା ଅଧିକ ସମୀଚୀନ । ପ୍ରଫେସର ବଂଶୀଧର ମହାନ୍ତି ଦର୍ଶାନ୍ତି – ରୁଦ୍ରସୁଧାନିଧି ପାଠରେ 'ଶିଶୁବେଦ'ର ଉଲ୍ଲେଖ ରହିଛି । ଶିଶୁବେଦ ରଚନା ଯଦି ଖ୍ରୀଷ୍ଟାବ୍ଦ ଚତୁର୍ଦ୍ଦଶ ଶତକ ବୋଲି ଗ୍ରହଣ କରାଯାଏ, ତେବେ ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀ ବେଳକୁ ରୁଦ୍ରସୁଧାନିଧି ରଚିତ ହେବା ଅନୁମେୟ । (ଓଡ଼ିଆ ସାହିତ୍ୟର ଇତିହାସ) 'ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ' ପୁସ୍ତକରେ ପ୍ରଫେସର ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ ଲେଖିଛନ୍ତି; ସାରଳା ଦାସଙ୍କ ଦ୍ୱାରା ଦାଣ୍ଡିବୃତ୍ତ ସୃଷ୍ଟିହେବା ପୂର୍ବରୁ 'ରୁଦ୍ରସୁଧାନିଧି' ରଚିତ ହୋଇଅଛି । ସାରଳା 'ରୁଦ୍ରସୁଧାନିଧି'ର ଉନ୍ମୁକ୍ତ ପଦ୍ୟାତ୍ମକ ଗଦ୍ୟଶୈଳୀକୁ ଦାଣ୍ଡିବୃତ୍ତରେ ପକାଇଥିଲେ । ସାରଳାଙ୍କ କାଳ ପଞ୍ଚଦଶ ଶତାବ୍ଦୀର ପ୍ରଥମାର୍ଦ୍ଧ । 'ରୁଦ୍ରସୁଧାନିଧି' ଲୋକପ୍ରିୟତା ଲାଭ କରିବାକୁ ଅନ୍ତତଃ ପଚାଶବର୍ଷ ଲାଗିଥିବ ବୋଲି ଧରାଗଲେ, ଏହାର ରଚନାକାଳ ଖ୍ରୀଷ୍ଟୀୟ ୧୩୫୦ ରୁ ୧୪୦୦ ମଧ୍ୟରେ; ଅର୍ଥାତ୍ ଚତୁର୍ଦ୍ଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ବୋଲି ନିର୍ବିବାଦରେ କୁହାଯାଇପାରେ ।

ଐତିହାସିକ କେଦାରନାଥ ମହାପାତ୍ରଙ୍କ ଗବେଷିକୀ ଅଭିମତ ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ । ତାହାହେଲା – ରୁଦ୍ରସୁଧାନିଧିର ପ୍ରଣେତା ନାରାୟଣାନନ୍ଦ ଅବଧୂତସ୍ୱାମୀଙ୍କୁ ଶ୍ରୀଚୈତନ୍ୟ ଯୁଗର ଶ୍ରେଷ୍ଠ ଗଦ୍ୟକାବ୍ୟକାର ରୂପେ ଗ୍ରହଣ କରିବା ସମୀଚୀନ । ଏ ସଂକ୍ରାନ୍ତରେ ତାଙ୍କର ଯୁକ୍ତି ସତ୍ୟର ନିକଟବର୍ତ୍ତୀ ଭଳି ପ୍ରତୀତ ହୁଏ । ତାଙ୍କ ମତରେ; ନାରାୟଣାନନ୍ଦ ଅବଧୁତ ସ୍ୱାମୀ

ବସୁଧା ମଣ୍ଡନର ରାଜା ଅନଙ୍ଗ ପଦ୍ମାକରଙ୍କ ପୁତ୍ର ରୁଦ୍ରସୁଧାନିଧିଙ୍କୁ ଉଦୟନ ଆଚାର୍ଯ୍ୟ କର୍ତ୍ତୃକ ଶିକ୍ଷା ପ୍ରଦତ୍ତ ହେବା ଉଲ୍ଲେଖ କରିଛନ୍ତି । ରୁଦ୍ରସୁଧାନିଧିରେ ଏହି ପ୍ରସଙ୍ଗ ଏଭଳି ବର୍ଣ୍ଣିତ - "ସେ କୁମର ଲକ୍ଷଣନ୍ତ ବିଚାରି ଅନଙ୍ଗ ପଦ୍ମାକର ରାଜା । ଉତ୍ସବ କରି କରାଇଲା ବିନାୟକ ସରସ୍ୱତୀଙ୍କ ପୂଜା । ଉଦୟନ ଆଚାର୍ଯ୍ୟ ବୋଲି ପଣ୍ଡିତେକ ଅଛି । ବ୍ରହ୍ମାଙ୍କୁ ପ୍ରସନ୍ନ କରାଇ ସେ ଅନେକ ବିଦ୍ୟା ପାଇଅଛି । ତାହା ଗୋଚରେ କୁମରକୁ ସମର୍ପିଲା ।" କେଦାରନାଥଙ୍କ ମତରେ ଏ ଉଦୟନ ଆଚାର୍ଯ୍ୟ ହେଉଛନ୍ତି ଗଙ୍ଗ ସମ୍ରାଟ ରାଜରାଜଦେବ ଓ ପ୍ରଥମ ଅନଙ୍ଗଭୀମ ଦେବ (୧୧୭୦-୧୧୯୮)ଙ୍କ ସଭାକବି । ସେ 'ଗୀତଗୋବିନ୍ଦ'ର 'ଭାବବିନୋଦିନୀ' ଟୀକା ଓ ଶ୍ରୀହର୍ଷଙ୍କ ନୈଷଧୀୟ ଚରିତ ମହାକବ୍ୟର 'ଉଦୟକରି' ନାମକ ଟୀକା କରିଥିଲେ । ରୁଦ୍ରସୁଧାନିଧିରେ ତାଙ୍କ ନାମୋଲ୍ଲେଖ ଥିବାରୁ, ଏହା କସ୍ମିନ୍‌କାଳେ ତ୍ରୟୋଦଶ ଶତାବ୍ଦୀ ପୂର୍ବର ରଚନା ନୁହେଁ ।

କେଦାରନାଥ ମହାପାତ୍ର ଦର୍ଶାଇଛନ୍ତି; 'ରୁଦ୍ରସୁଧାନିଧି' ଅଧ୍ୟୟନ କରିଥିବା ଶାସ୍ତ୍ରମାନଙ୍କ ମଧ୍ୟରେ 'ପିଙ୍ଗଳଛନ୍ଦ'ର ଉଲ୍ଲେଖ ରହିଛି । ଏହି ଛନ୍ଦର ପ୍ରଣେତାଙ୍କ ନାମ ପିଙ୍ଗଳାଚାର୍ଯ୍ୟ । ଏ ମହାଶୟ ୧୪୨୫ ଖ୍ରୀ.ଅ.ରେ ଜୀବିତ ଥିବା ଜଣାଯାଏ । ୧୪୩୫ ଖ୍ରୀ.ଅ.ରେ ଗଙ୍ଗ ରାଜତ୍ୱର ଅବସାନ ଘଟିଲା । ତେଣୁ 'ରୁଦ୍ରସୁଧାନିଧି' ଗ୍ରନ୍ଥ ଗଙ୍ଗ ରାଜତ୍ୱ କାଳରେ ଲେଖାଯାଇନଥିବା ନିଶ୍ଚିତ ।

ପୁନଶ୍ଚ ନାରାୟଣାନନ୍ଦ ଏକାମ୍ରବନ ଆଶ୍ରିତ ବିଶ୍ୱେଶ୍ୱର ଭୁବନେଶ୍ୱରଙ୍କୁ ନିମ୍ନମତେ ସ୍ତୁତି କରିଅଛନ୍ତି - "ଜୟ ଜୟ ଏ ବିଶେଶ୍ୱର ଭୁବନେଶ୍ୱର । ଏ ସର୍ବନାମ ରୂପେଶ୍ୱର । ଏକାମ୍ରବନ ବିହାର । ଏକାଦଶ ରୁଦ୍ର ସ୍ୱରୂପ । ଏକେ ଅଶେଷ ପୂରିତ । ଏକଶେଷ ନାଗବୃତ ।" (ରୁଦ୍ରସୁଧାନିଧି, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ୧୯୬୫, ପୃ.୪୧) ଲିଙ୍ଗରାଜଙ୍କୁ ଭୁବନେଶ୍ୱର ଭାବରେ ଆଖ୍ୟାୟନ କରିବାର ପରମ୍ପରା ଗଜପତି ପୁରୁଷୋତ୍ତମ ଦେବଙ୍କ ସମୟର ଏକ ଖୋଦିତ ଲେଖରୁ ଆରମ୍ଭ ହୋଇଥିବା ଜଣାଯାଏ । ଏହି ଲେଖର ସମୟ ହେଉଛି ୧୪୯୩-୯୪ ଖ୍ରୀ.ଅ. । ତେଣୁ 'ରୁଦ୍ରସୁଧାନିଧି' ପଞ୍ଚଦଶ ଶତାବ୍ଦୀରେ ରଚନା କରାଯିବା କଥା ଅସମ୍ଭବ ।

କେଦାରବାବୁ ଲେଖିଛନ୍ତି - "ପଞ୍ଚସଖା ଯୁଗର ରଚନାବଳିରେ ନାନା ସ୍ଥାନରେ ଆଲୋଚିତ ଯୋଗ ସମ୍ପର୍କୀୟ ସାଙ୍କେତିକ ଗୂଢ଼ାର୍ଥବାଚକ 'ବଙ୍କାନାଳ', 'ଗୋଲାହାଟ', 'ଶ୍ରୀହଙ୍ଗପାଟଣା', କାଉଁରି ମଣ୍ଡଳ' ପ୍ରଭୃତି 'ରୁଦ୍ରସୁଧାନିଧି'ର ବହୁସ୍ଥଳରେ ଉଲ୍ଲେଖ ପାଇଥିବା ଦେଖାଯାଏ ।" ତେଣୁ, ଉକ୍ତ ଗ୍ରନ୍ଥ ପଞ୍ଚସଖା ଯୁଗରେ ରଚିତ ହୋଇଥିବାର ଅନୁମିତ ହୁଏ ।

ଏତଦଭିନ୍ନ 'ବାସୁଦେବ ଉପାସନା'ର ଶ୍ରେଷ୍ଠତ୍ୱ, 'ମୁଗଲ'ର ନାମୋଲ୍ଲେଖ, 'କୌତୁକ ଚିନ୍ତାମଣି' ଗ୍ରନ୍ଥର ନାମୋଲ୍ଲେଖ ଆଦିର ଦୃଷ୍ଟାନ୍ତ ଦେଇ କୋତ ଚନ୍ଦ୍ରିକା' ଚତୁର୍ଦ୍ଦଶ ଶତାବ୍ଦୀରେ ରଚିତ । 'କୌମୁଦୀ' କହିଲେ ଭିଚ୍ଛେଦାରବାବୁ ତାଙ୍କ ପ୍ରବନ୍ଧରେ ସୂଚାଇଛନ୍ତି - 'ରୁଦ୍ରସୁଧାନିଧି' ଗ୍ରନ୍ଥ ୧୫୦୫ ଖ୍ରୀ.ଅ. ପରେ ଓ 'ମୁଗଲି' ସମ୍ରାଟ ବାବରଙ୍କ ଦିଲ୍ଲୀ ଅଧିକାର (୧୫୨୬ ଖ୍ରୀ.ଅ.) ପୂର୍ବରୁ ରଚିତ ହୋଇଥିଲା । ପରିଶେଷରେ ସେ ଦର୍ଶାଇଛନ୍ତି - 'ରୁଦ୍ରସୁଧାନିଧି'ର ପ୍ରଣେତା ନାରାୟଣାନନ୍ଦ ଅବଧୂତ ସ୍ୱାମୀଙ୍କୁ, ଶ୍ରୀଚୈତନ୍ୟ ଯୁଗର ଶ୍ରେଷ୍ଠ ଗଦ୍ୟକାର ରୂପେ ଗ୍ରହଣ କରିବା ସମୀଚୀନ । (ରୁଦ୍ରସୁଧାନିଧିର ସମୟ ନିରୂପଣ, କେଦାରନାଥ ମହାପାତ୍ର, ନବରବି, ୩ୟବର୍ଷ/୧୦ମ ସଂ., ଏପ୍ରିଲ ୧୯୭୩)

ପ୍ରଫେସର କୃଷ୍ଣଚରଣ ସାହୁ କେଦାରବାବୁଙ୍କ ମତକୁ ଅନୁଶୀଳନ ପୂର୍ବକ ଯେଉଁ ନୂଆକଥା ଯୋଡ଼ିଛନ୍ତି, ତାହା

ହେଉଛି ଅଭିନବ ଚୈତନ୍ୟ 'କୌମୁଦୀ' ଓ 'ଆଖ୍ୟାତ ଚନ୍ଦ୍ରିକା' ବ୍ୟାକରଣ ଅଧ୍ୟୟନ କରିଥିବା କଥା । ଆଉ ଗୋଟିଏ କଥା ନାମକୀର୍ତ୍ତନ । 'ଆଖ୍ୟାତ ଚନ୍ଦ୍ରିକା' ଚତୁର୍ଦ୍ଦଶ ଶତାବ୍ଦୀରେ ରଚିତ । 'କୌମୁଦୀ' କହିଲେ ଭିଟ୍ଟୋଜୀ ଦୀକ୍ଷିତଙ୍କ 'ସିଦ୍ଧାନ୍ତ କୌମୁଦୀ' ବୁଝାଗଲେ ଭଲ । ପୁଣି ନାମକୀର୍ତ୍ତନ ଅର୍ଥରେ ଚୈତନ୍ୟ ପ୍ରଚାରିତ ଧର୍ମାଚାର ଦୃଷ୍ଟିରୁ ବୁଝିହୁଏ । କାମାନନ୍ଦ ଯୋଗୀ ପ୍ରସଙ୍ଗ ବିଚାର କରି ପ୍ରଫେସର ସାହୁ 'ରୁଦ୍ରସୁଧାନିଧି'ର ସମ୍ଭାବ୍ୟ ରଚନା କାଳ ସମ୍ପର୍କରେ ଲେଖିଛନ୍ତି 'ରୁଦ୍ରସୁଧାନିଧି' ଷୋଡ଼ଶ ଶତାବ୍ଦୀ ଖ୍ରୀ.ଅ. ୧୫୧୬ - ୧୫୨୫ ମଧ୍ୟରେ ରଚିତ ହୋଇଥିବା ସମ୍ଭବପର । (ରୁଦ୍ରସୁଧାନିଧି - ସମ୍ପାଦନା ଓ ଆଲୋଚନା, ପୃ. ୫୩)

'ରୁଦ୍ରସୁଧାନିଧି' ଗ୍ରନ୍ଥର ରଚନାକାଳ ସମ୍ବନ୍ଧରେ ଯେଉଁ ଗବେଷକମାନେ ଆନୁମାନିକ ସମ୍ଭାବ୍ୟ ଅଭିମତ ପ୍ରଦାନ କରିଛନ୍ତି ସେମାନଙ୍କ ମଧ୍ୟରେ କେଦାନାଥ ମହାପାତ୍ର ଏବଂ କୃଷ୍ଣଚରଣ ସାହୁ ବିସ୍ତୃତ ଦିଗ ଆଲୋଚନା ପରିସରଭୁକ୍ତ କରିଛନ୍ତି । ଏଠାରେ ସ୍ମରଣ ରଖାଯାଇପାରେ, ରୁଦ୍ରସୁଧାନିଧିର ରଚନା ଶୈଳୀ ଭିତ୍ତିରେ ଆର୍ତ୍ତବଲ୍ଲଭ ମହାନ୍ତି ଗ୍ରନ୍ଥଟିକୁ ସପ୍ତଦଶ ଶତାବ୍ଦୀ ପୂର୍ବର ରଚନା ବୋଲି ଉଲ୍ଲେଖ କରିଥିଲେ । ଆର୍ତ୍ତବଲ୍ଲଭଙ୍କ 'ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ' ସଙ୍କଳନରେ ସମ୍ପାଦିତ 'ରୁଦ୍ରସୁଧାନିଧି' ପାଠ, କରୁଣାକର କର ସମ୍ପାଦିତ 'ରୁଦ୍ରସୁଧାନିଧି'ର ପାଠ ଓ କୃଷ୍ଣଚରଣ ସାହୁଙ୍କ ସମ୍ପାଦିତ 'ରୁଦ୍ରସୁଧାନିଧି' ପାଠରେ ଠାଏ ଅମେଳ ଦେଖାଯାଇଥାଏ । ଏବେ ଗ୍ରନ୍ଥଟିର ରଚନାଶୈଳୀ ଉପରେ ଆଲୋକପାତ କରାଯିବା କାଳରେ କରୁଣାକର କରଙ୍କ ସମ୍ପାଦିତ ଓ ଓଡ଼ିଶା ସାହିତ୍ୟ ଏକାଡ଼େମୀ ତରଫରୁ ପ୍ରକାଶିତ 'ରୁଦ୍ରସୁଧାନିଧି'ରୁ ପାଠ ଉଦାହରଣ ରୂପେ ପ୍ରଦତ୍ତ ହେବ ।

ରଚନାଶୈଳୀ :

'ରୁଦ୍ରସୁଧାନିଧି' ଏକ ଅସମ୍ପୂର୍ଣ୍ଣ ଗଦ୍ୟକାବ୍ୟ । ସଂସ୍କୃତରେ ଦଣ୍ଡୀ, ସୁବନ୍ଧୁ, ବାଣଭଟ୍ଟ ଆଦି ସ୍ରଷ୍ଟାଗଣ ଗଦ୍ୟକାବ୍ୟ ରଚକ ଭାବରେ ସୁଖ୍ୟାତ । ସଂସ୍କୃତରେ ଏଭଳି କାବ୍ୟ ପରମ୍ପରା ଖ୍ରୀଷ୍ଟୀୟ ଷଷ୍ଠ ଶତାବ୍ଦୀରୁ ଆରମ୍ଭ । ଓଜୋଗୁଣ ଓ ସମାସବାହୁଲ୍ୟ ଗଦ୍ୟକାବ୍ୟର ଜୀବନ । କିନ୍ତୁ ଓଡ଼ଇଆ ଗଦ୍ୟକାବ୍ୟ 'ରୁଦ୍ରସୁଧାନିଧି'ରେ ସମାସବାହୁଲ୍ୟ କିମ୍ବା ଶ୍ଳେଷର ପ୍ରାଚୁର୍ଯ୍ୟ ନାହିଁ । ଅଛି କାନ୍ତ କୋମଳ ଶ୍ରୁତିସୁଖକର ପଦାବଳୀ । ଏଥିପାଇଁ ଏହା ସୁପାଠ୍ୟ, ସୁବୋଧ ଓ ମନୋଜ୍ଞକର ହୋଇପାରିଛି ।

'ରୁଦ୍ରସୁଧାନିଧି' ହେଉଛି ବର୍ଣ୍ଣନାଧର୍ମୀ କଥାକାବ୍ୟ । 'କଥାୟାଂ ସରସଂ ବସ୍ତୁ ଗଦ୍ୟୈରେବ ବିନିର୍ମିତମ୍' (ସାହିତ୍ୟ ଦର୍ପଣ) ଅର୍ଥାତ ସରସ କଥାବସ୍ତୁ ଗଦ୍ୟରେ ବର୍ଣ୍ଣନା କରାଯାଏ । ପୁନଶ୍ଚ ଶୃଙ୍ଗାର ରସର ବିଷୟକୁ ଗ୍ରହଣ କରାଯାଇ ଯେଉଁ ଗଦ୍ୟକାବ୍ୟ ରଚିତ ହୁଏ, ତାହାକୁ କଥା କହନ୍ତି । ଗଦ୍ୟ ଓ ପଦ୍ୟ - ଉଭୟତ୍ର ବର୍ଣ୍ଣନାର ପ୍ରାଧାନ୍ୟ ସ୍ୱୀକୃତ । ହେଲେ କବିତାରେ ବର୍ଣ୍ଣନା ଯଦି ହୁଏ ରାଣୀ, କଥା-ଗଦ୍ୟରେ ତାହା ହୋଇଥାଏ ପରୀକନ୍ୟା । ଅର୍ଥାତ ପଦ୍ୟକାବ୍ୟରେ ମପା-ଚୁପା ଅଳଙ୍କରଣର ପ୍ରାଚୁର୍ଯ୍ୟ ଥାଏ । କିନ୍ତୁ ଗଦ୍ୟକାବ୍ୟରେ ଥାଏ ବର୍ଣ୍ଣାଢ଼୍ୟ ସୌନ୍ଦର୍ଯ୍ୟ । ଏଇଥିପାଇଁ ଇଂରାଜୀରେ କୁହାଯାଇଛି -

Description is the queen of poetry and cinderella of prose-fiction. ।

ପ୍ରସଙ୍ଗତଃ 'ରୁଦ୍ରସୁଧାନିଧି'ରୁ ଉଦ୍ଧୃତି ଦିଆଯାଇପାରେ - "ତକ୍ଷଣେ ସୂପକାରମାନେ ଠା କରାଇ ଚଉରାଶି ପ୍ରକାରେ ମଣୋହି କରାଇଲେ । ତଦନନ୍ତରେ ସ୍ତ୍ରୀମାନେ ଆଲଟଚାମର ଧରି ନୃତ୍ୟ କରିବାରେ ଲାଗିଲେ । ପଲଙ୍କରେ ଯୋଗୀ ବିଜେ କରିଅଛି । ଦୁଇ ମିତ୍ର ତ ଅନ୍ୟ ପଲଙ୍କ ଗୋଟିକେ ବସି ଅଛନ୍ତି । ପୁଣ ପୁଣ କରି ବିଚାରୁଅଛନ୍ତି

ମନେମନେ ।" (ପୃ. ୧୬୦)

ବିଶ୍ୱନାଥ କବିରାଜ କୃତ 'ସାହିତ୍ୟ ଦର୍ପଣ'ରେ କୁହାଯାଇଛି -

ବୃତ୍ତଗନ୍ଧୋଜଝିତଂ ଗଦ୍ୟଂ ମୁକ୍ତକଂ ବୃତ୍ତଗନ୍ଧି ଚ
ଭବେଦୁତ୍କଳିକା ପ୍ରାୟଂ ଚୂର୍ଣ୍ଣକଂ ଚ ଚତୁର୍ବିଧମ୍ ।
ଆଦ୍ୟଂ ସମାସ ରହିତଂ ବୃତ୍ତଭାଗଯୁତଂ ପରମ୍
ଅନ୍ୟଦ୍ଦୀର୍ଘ ସମାସାଦ୍ୟଂ ତୁର୍ଯଂ ଚାଳ୍ପ ସମାସକମ୍ ।।

ଅର୍ଥାତ ଯେଉଁ ଗ୍ରନ୍ଥ ଛନ୍ଦରେ ଲେଖହେବ ନାହିଁ, ତାହା ଗଦ୍ୟକାବ୍ୟ । ଏହାର ରଚନାଶୈଳୀ ଚାରି ପ୍ରକାର - ୧. ବୃତ୍ତଗନ୍ଧି, ୨. ମୁକ୍ତକ, ୩. ଉତ୍କଳିକାପ୍ରାୟ, ୪. ଚୂର୍ଣ୍ଣକ । ବୃତ୍ତଗନ୍ଧିରେ ବୃତ୍ତର ଏକ ଅଂଶ ରହିଥିବ । ମୁକ୍ତକ ସମାସ ରହିତ, ଉତ୍କଳିକାପ୍ରାୟ ଦୀଘ;ସମାସଯୁକ୍ତ ଓ ଚୂର୍ଣ୍ଣକ ହେଉଛି ଅଳ୍ପ ସମାସଯୁକ୍ତ ରଚନା ।

ବୃତ୍ତଗନ୍ଧି ହେଉଛି ପଦ୍ୟାତ୍ମିକା ଗଦ୍ୟ । ବେଦରେ ଏହି ଶୈଳୀର ପରୀକ୍ଷା କରାଯାଇଛି । ଋଗବେଦ ଛନ୍ଦୋମୟ ହେଲେହେଁ ଗଦ୍ୟାତ୍ମା । ପୁଣିସାମବେଦର ଗଦ୍ୟ ସୁଗେୟ । ଏଥିରେ କବିତା ଭଳି ବେଳେବେଳେ ଯତିପାତ ହୁଏ । ଧାଡ଼ିର ଅକ୍ଷର ସଂଖ୍ୟା ସମାନ ଜଣାପଡ଼େ । ଆଲୋଚ୍ୟ 'ରୁଦ୍ରସୁଧାନିଧି' ଗ୍ରନ୍ଥରେ ବୃତ୍ତଗନ୍ଧି ଶୈଳୀର ପ୍ରତୁଳତା ଉପଲବ୍ଧ । ଯେପରି - "ଆଜହୁଁ ହୋଇଲି ଧନ୍ୟ । ଆଜର ଦିବସ ହିଁ ମୋହର ଅତିଅନ୍ତ ପୁଣ୍ୟ । ମୋହର ମନକୁ ତୁ ଏମନ୍ତ ଘଟୁ । ତୁ ନିଶ୍ଚେ ପ୍ରତ୍ୟକ୍ଷେ ଈଶ୍ୱର ଅଟୁ । ଏବେ ତୁ ପୂର୍ବବତ ହୋଇ ହସୁ କି ନା ? ତୋହର ବଦନ ଶଶି ଏବେ ପ୍ରକାଶୁ କି ନା ?" (ପୃ.୯୨)

ମୁକ୍ତକ ଶୈଳୀର ଗୋଟିଏ ନମୁନା ଦେଖାଯାଉ - "ଏମନ୍ତ ଉତ୍ତାରେ ଏବଂଭୂତ ସମୟରେ ବିଧାତା କଳ୍ପନାରେ ମାହେଶ୍ୱରୀର ଅଂଶେ, ଯୋଗ୍ନିବଂଶେ, ଲୀଳାମତେ, ପୁରାଣ ଶତ ମତେ, ଆପଣାର କୃତ୍ୟେ, କୌତୁକ ମତେ, ଅମରୀ ନିଶ୍ଚୟେ, କାମରୂପା ସଂଗେ, କ୍ରୀଡ଼ଶରସ ରଙ୍ଗେ, ସୂତକି ହରିଣୀ ବୋଲି ଯୋଗ୍ନି ଏକ ଥାଇ ।" (ପୃ.୮୯)

ଦୀର୍ଘ ସମାସଯୁକ୍ତ ଗଦ୍ୟଶୈଳୀକୁ ଉତ୍କଳିକାପ୍ରାୟ କୁହାଯାଏ । ଏବଂବିଧ ଗଦ୍ୟରୀତିର ପ୍ରୟୋଗ ଆଲୋଚ୍ୟ ଗ୍ରନ୍ଥରେ ଦେଖିବାକୁ ମିଳେ । ଯଥା - "ତରଳ ତରଙ୍ଗ ନୟନ ନୀଳୋତ୍ପଳମାଳା କର୍ଣ୍ଣ ପର୍ଯ୍ୟନ୍ତେ ଆନ୍ଦୋଳନ ଶୋଭା । ଶତଶତ କ୍ଷୀରସମୁଦ୍ର ସହସ୍ର ଶରଦଚନ୍ଦ୍ର କୁମୁଦକୁନ୍ଦ ପୁଣ୍ଡରୀକ କମ୍ବୁ ମୁକୁତା ତରବାରି ମନ୍ଦାକିନୀ କଲ୍ଲୋଳ ତୁହିନ ମକରନ୍ଦ ସୁଧାଫେନ ଲକ୍ଷ୍ମୀ ନିନ୍ଦିତ ଚକ୍ଷୁ ଶୁକ୍ଳ ଆଭା ।" (ପୃ.୧୦୮)

'ରୁଦ୍ରସୁଧାନିଧି'ରେ ଅଳ୍ପ ସମାସଯୁକ୍ତ ଓ ସାଙ୍ଗୀତିକ ଗଦ୍ୟବାକଚର ପ୍ରୟୋଗ ପରିଦୃଷ୍ଟ ହୁଏ । ଏହାକୁ ଚୂର୍ଣ୍ଣକଶୈଳୀ କହିହେବ । ନିମ୍ନଲିଖିତ ବାକ୍ୟକୁ ଏବଂବିଧ ଶୈଳୀର ଦୃଷ୍ଟାନ୍ତ ବୋଲାଯାଇପାରେ - "ସୁତକ ହିରିଣୀ ଧାତ୍ରୀ ହୋଇ ରହିଲା । ସେହିକ୍ଷଣି ସେ ପିଶାଚୀ ଭୟଙ୍କର ମୂର୍ତ୍ତି ତେଜି ଦିବ୍ୟ ମନୁଷ୍ୟ ରୂପ ଧଇଲା । କନକ ସମାନ ପିଙ୍ଗଳ କୁଟିଳ ଯେଉଁ ଖାଙ୍କର କେଶ ଦିଶୁଥିଲା, ତାହା କାଳିନ୍ଦୀ ତରଙ୍ଗ ପ୍ରାୟେକ କଳା ଦିଶିଲା ।" (ପୃ.୯୩)

ଏହା ବାଦ ରୁଦ୍ରସୁଧାନିଧିକୁ ପଦ୍ୟ ନକହି ଗଦ୍ୟ କହିହେବ । ଅଧ୍ୟାପକ ପ୍ରହ୍ଲାଦ ପ୍ରଧାନ 'ରୁଦ୍ରସୁଧାନିଧି'କୁ ପଦ୍ୟକାବ୍ୟ କହିବାରୁ (ଝଙ୍କାର ୫ମ ବର୍ଷ/୩ୟ ସଂଖ୍ୟାରେ ରୁଦ୍ରସୁଧାନିଧି ପ୍ରବନ୍ଧ) ଦେବୀ ପ୍ରସନ୍ନ ପଟ୍ଟନାୟକ ସଙ୍ଗୀତରେ ଗଦ୍ୟର ମହତ୍ତ୍ୱ କିଭଳି ଶାର୍ଙ୍ଗଦେବଙ୍କ 'ସଙ୍ଗୀତ ରତ୍ନାବଳୀ'ରେ ବର୍ଣ୍ଣିତ, ତାହା ଆଲୋଚନାରେ ଦର୍ଶାଇଲେ । (ସାହିତ୍ୟ

ବୀକ୍ଷା ବହିରୁ ରୁଦ୍ରସୁଧାନିଧି ପ୍ରବନ୍ଧ ଦ୍ରଷ୍ଟବ୍ୟ) ସଙ୍ଗୀତ ରତ୍ନାକର ଅନୁଯାୟୀ ଗଦ୍ୟ ଛଅ ପ୍ରକାରର – ଉତ୍କଳିକା, ଚୂର୍ଣ୍ଣଂ, ଲଳିତ, ବୃତ୍ତଗନ୍ଧି, ଖଣ୍ଡ ଓ ଚିତ୍ରିତ । ପୁଣି –

ବେଣୀ ମିଶ୍ରମିତି ପ୍ରାହୁରନ୍ୟେ ଭେଦଦ୍ୱୟଂ ପରମ୍
ବେଣୀ ସର୍ବୈଃକୃତା ମିଶ୍ରଂ ଚୂର୍ଣ୍ଣକୈ ବୃତ୍ତଗନ୍ଧିଭିଃ । ।

ଅର୍ଥାତ ପୁଣି ଗଦ୍ୟଶୈଳୀରେ ଦୁଇଟି ଭେଦ ଦେଖାଯାଏ – ବେଣୀ ଓ ମିଶ୍ର । ଚୂର୍ଣ୍ଣକ ଓ ଓ ବୃତ୍ତଗନ୍ଧିର ସମ୍ମିଶ୍ରଣରେ ମିଶ୍ର ଏବଂ ସମସ୍ତ ପ୍ରକାର ରଚନାରୀତିର ଏକତ୍ର ସମାବେଶରେ 'ବେଣୀ' ଶୈଳୀର ପ୍ରକାଶ ଘଟେ । ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକଙ୍କ ମତରେ 'ରୁଦ୍ରସୁଧାନିଧି' ଗଦ୍ୟ ଏବଂ ତାହା ବେଣୀ ରଚନାର ଅନ୍ତର୍ଭୁକ୍ତ । ଉଦାହରଣ ସ୍ୱରୂପ – "ଏମନ୍ତ ଆଜ୍ଞା ପାଇ ସେ କନ୍ୟା ମାନସରୋବର କୂଳେ ରହିଲା । ଜଗତ ମୋହିଲା । ଦ୍ୱିତୀୟ ଚନ୍ଦ୍ର ଉଦୟ ପ୍ରାୟ ମୁଖ ଶୋହିଲା । ମାନସରୋବରରେ ପଦ୍ମବନେ ଅଛି । ସେ ସୁବର୍ଣ୍ଣ ପଦ୍ମ ଅଟଇ । କେଶର ପଦ୍ମରାଗ ମାଣିକ୍ୟ, ପୁଷ୍କର ବ୍ରହ୍ମଜାତିର ହୀରା, ନାଡ଼ ମର୍କତ, ମୃଣାଳ ଶୁଦ୍ଧସ୍ଫଟିକ, ପରାଗ ସିନ୍ଦୂର କର୍ପୂର, ମକରନ୍ଦ ଅମୃତ, ପଙ୍କ ମୃଗନାଭି କସ୍ତୁରୀ ।" (ପୃ.୧୩୫)

'ରୁଦ୍ରସୁଧାନିଧି'ରୁ ବିବିଧ ଗଦ୍ୟଶୈଳୀ ଉଦ୍ଧାର କରାଯାଇଥିଲେ ହେଁ, ଏହା ମୁଖ୍ୟତଃ ବୃତ୍ତଗନ୍ଧି ଶ୍ରେଣୀର ଗଦ୍ୟ ରଚନା । 'ରୁଦ୍ରସୁଧାନିଧି' ରଚୟିତା ବହୁଶାସ୍ତ୍ରଦର୍ଶୀ ଥିବା ତାଙ୍କ ସ୍ୱୀକାରୋକ୍ତି ମୂଳକ ବର୍ଣ୍ଣନାରୁ ଜାଣିହୁଏ । ପୁଣି ବିଷୟ ପ୍ରସଙ୍ଗ ଉପସ୍ଥାପନାରେ ନାରାୟଣାନନ୍ଦଙ୍କ ଶାସ୍ତ୍ର-ଅଧିତ ନିର୍ଯ୍ୟାସ ଉପଯୋଗ ଉପଲବ୍ଧ ହୁଏ । ବର୍ଣ୍ଣନା କୌଶଳରୁ ତାଙ୍କ ଶିଳ୍ପ ଚାତୁରୀ ଓ କଳାଦୃଷ୍ଟି ଅବଧାରିତ ହୋଇଥାଏ । ପ୍ରସଙ୍ଗତଃ ମାୟାଧର ମାନସିଂହଙ୍କ ଅଭିମତ ଉଦ୍ଧାର କରାଯାଇପାରେ – "ଓଡ଼ିଆ ସାହିତ୍ୟରେ ଏହାର ମୂଲ୍ୟ କେବଳ ଏହାର ପ୍ରାଚୀନତା ଉପରେ ନିର୍ଭର କରୁନାହିଁ । ନିଜର ଶିଳ୍ପ, ସୃଜନଧର୍ମ ଓ କଳ୍ପନାର ସୁଷମା ଯୋଗୁଁ ହିଁ ଏହା ଅନନ୍ୟ ବିବେଚିତ ହେବା କଥା ।"

'ରୁଦ୍ରସୁଧାନିଧି' ପ୍ରାଚୀନ ଓଡ଼ିଆ ଗଦ୍ୟର ଆଲେଖ୍ୟ ଭାବେ ବିସ୍ମୟାବହତାର ସଙ୍କେତ । ଏହାର ।କବିତ୍ୱିକ ଲାକ୍ଷଣିକତା ଭାଷାଦେଇ ଏପରି ଉକୁଟିଛି ଯହିଁରେ ପାଠକଚିତ୍ତ ସଂବୃଦ୍ଧ ହେବା ସ୍ୱାଭାବିକ । ସରସ ଉପଭୋଗ ଛଇଳ ରୁଦ୍ରସୁଧାନିଧି ପାଠକ-ପ୍ରାଣ ଉଦ୍‌ବୋଧନରେ ନିୟାମକ ହୋଇଛି । ପ୍ରକୃତି, ନାୟକ ଓ ନାୟିକାଙ୍କ ରୂପବର୍ଣ୍ଣନାର ଛଟା ପାଠକ ସମ୍ବେଗ ଆକ୍ରାନ୍ତ କରିବାରେ ସମର୍ଥ । ଆବୃତ୍ତି ଉପଯୋଗୀ ସଙ୍ଗୀତାଭିବ୍ୟକ୍ତ ରୀତିର ଗଦ୍ୟ ହୋଇଥିବାରୁ ରୁଦ୍ରସୁଧାନିଧି ପାଠକୀୟ ରସୋତ୍ତୀର୍ଣ୍ଣତାରେ ସଫଳ କୃତି ।

ପ୍ରକୃତି ବର୍ଣ୍ଣନାରେ ନାରାୟଣାନନ୍ଦଙ୍କ କଳ୍ପନା, ଅଳଙ୍କରଣ ମାନସ, ସୌନ୍ଦର୍ଯ୍ୟବୋଧ ଓ ଭାଷା ସ୍ଥାପତ୍ୟର ମହନୀୟତାକୁ ଉପଲବ୍ଧି କରିବା ପାଇଁ ପ୍ରଭାତ, ହିମାଳୟ ଏବଂ ବସନ୍ତଋତୁ ବର୍ଣ୍ଣନାର ଦୃଷ୍ଟାନ୍ତ ନିମ୍ନରେ ଉଦ୍ଧାର କରାଯାଉଛି ।

ପ୍ରଭାତ ବର୍ଣ୍ଣନା :

"ଏଥି ଉତ୍ତାରେ ରଜନୀ ପ୍ରଭାତ ହୋଇଲା । ପ୍ରାଚୀ ଦିଗାଙ୍ଗନା ରାଗବତୀ ହୋଇଲା । ମୁକୁତା ହାର କାକର ଲାଗିଲା । ଦୀପାବଳିମାନେ ପାଣ୍ଡୁର ଦିଶିଲେ । କୁହର ବିବରମାନଙ୍କରେ ଅନ୍ଧକାର ପଶିଲା ।ନିଜ ଦୁହିତାକୁ ଉଠ ଉଠ ବୋଲି ବୋଇଲେ । ତାମ୍ବୁଳରସ ପିତା ଲାଗିଲା । ନାୟିକା ସ୍ତିରି ସ୍ତନମଣ୍ଡଳ ଉଷୁମ ଭାଙ୍ଗିଲା । ଗଗନରୁ ତାରା ଖସିଲା । + + + ଭ୍ରମରମାନେ ପଦ୍ମବନକୁ ଗମିଲେ । କୁମୁଦ ପରାଗେ ଧୂସର ହୁଅନ୍ତା ଭ୍ରମରନ୍ତ ଦେଖି ପ୍ରାତବାତେ କମ୍ପନ୍ତା

ପଦ୍ମମାନେ ସଲ୍ଲଜେ ନାହିଁନାହିଁ ପ୍ରାୟେକ ଦିଶିଲେ । ଉଲୁକ ପକ୍ଷିଏ ଅନ୍ଧକାର ସ୍ଥାନାନ୍ତରେ ପଶିଲେ । ଶଙ୍ଖଧ୍ୱନିମାନେ ଚତୁର୍ଦ୍ଦିଗେ ପୂରିଲେ । କାମୁକୀ ସ୍ତ୍ରୀମାନେ ଭର୍ତ୍ତାଙ୍କୁ ନିବିଡ଼ ଆଲିଙ୍ଗନେ ଛାଡ଼ିଲେ । ଚୌର୍ଯ୍ୟେ ବିଷାଦ ପାଇଲେ । ଦଣ୍ଡପାଶିଏ ଶୋଇଲେ । ଚନ୍ଦ୍ରମା ଧୂସର ହୋଇଲେ । + + କୁକ୍କୁଟ ରଡ଼ିଲେ । ଗୋପାଳେ ଗୋଷ୍ଠକୁ ଗମିଲେ । ଶିଶୁପୋଏ ପାଠପଠନକୁ ଚାଟଶାଳୀକୁ ଗମିଲେ । ଅଭିସାରିକା ସ୍ତ୍ରୀମାନେ ନିଜ ମନ୍ଦିରେ ମିଳିଲେ । ଧାରଣାବନ୍ଧ ଯୋଗୀ ସୂର୍ଯ୍ୟ ଧାରଣା ଛାଡ଼ି ଚନ୍ଦ୍ର ଧାରଣାରେ ଲାଗିଲେ । ଅନ୍ଧକାର ସ୍ଥାନକୁ ପିଶାଚମାନେ ଗମିଲେ । ପର୍ବତ ମସ୍ତକମାନେ ପ୍ରସଣ ଦିଶିଲେ ।" (ପୃ.୪୭)

ପର୍ବତ ବର୍ଣ୍ଣନା :

"ହିମାଳୟ ପର୍ବତ ଦେଇ ଅତ୍ୟନ୍ତ ଶୁକଳ ପର୍ବତେକ ଦେଖାଇଲା । + + ସେ ପର୍ବତ ତେଜର ଶିଖା ବ୍ରହ୍ମଲୋକ ଯାଏ ଉଠୁଅଛି । ଆକାଶଗଙ୍ଗା ମେଖଳା ଆକାରରେ ଅମୃତ ସମୁଦ୍ର ଭିତରେ ଶ୍ୱେତହସ୍ତି ଗୋଟାଏ ପଶିଲା ପରାଏ ଶୋଭା ପାଉଅଛି । ଚନ୍ଦ୍ରସୂର୍ଯ୍ୟ ସେ ଦୁଇ ପାଶେ ଘଣ୍ଟାପ୍ରାୟେ ହୋଇ ଅଛନ୍ତି । ନକ୍ଷତ୍ରମାନେ ସେ ହସ୍ତିର ଉପରେ ପୁଷ୍ପବୃଷ୍ଟି କଲା ପରାଏ ଦିଶୁଅଛନ୍ତି । ସେ ମେଖଳା ପର୍ଯ୍ୟନ୍ତେ ସନ୍ଧ୍ୟା ମେଘମାନେ ନାନାବର୍ଣ୍ଣ ଧରି ବିଚରନ୍ତେ ବିବିଧ ପ୍ରକାରେ ହସ୍ତିକି ମଣ୍ଡିଲା ପରାଏ ଶୋଭା ଦିଶୁଅଛି । ପଶ୍ଚିମଦିଗ ସନ୍ଧ୍ୟାରେ ରକ୍ତ ହୋଅନ୍ତେ ଗଜକୁମ୍ଭରେ ସିନ୍ଦୂର ମଣ୍ଡିଲା ପରାଏ ଶୋଭା ପାଉଅଛି । ଆକାଶଗଙ୍ଗା ଝରଝର ହୋଇ ମର୍କତ ଶୃଙ୍ଗରୁ ପଡ଼ନ୍ତେ ମଦଜଳ ଝରିଲା ପରାଏ ଦିଶୁଅଛି ।" (ପୃ.୧୧୦-୧୧୧୦)

ବସନ୍ତ ଋତୁ ବର୍ଣ୍ଣନା :

"ପୁଷ୍ପଶର ଯୁକତେ, କାମଦେବ ସଙ୍ଗତେ, ବସନ୍ତ ଋତୁ ଅଇଲା । ମଇତ୍ରକୁ ସଂପକ୍ଷ ହୋଇବାକୁକରି ଆକାଶେ ନିର୍ମଳ ହୋଇ ଚନ୍ଦ୍ରମା ଉଇଁଲା । ମଧୁଯାମିନୀ ହୋଇଲା, ମଳୟ ପବନ ମନ୍ଦମନ୍ଦ ହୋଇ ବହିଲା, ଯୁବାଜନମାନଙ୍କର ମନକୁ ପୁନଃପୁନଃ କରି ଦହିଲା । ସେ ମନସିଜ ଦର୍ଶନେ, ରମ୍ୟ ଅରଣ୍ୟ ସମସ୍ତ ଜନ୍ତୁମାନଙ୍କୁ ବାଧା ଲାଗିଲା । + + + ଶୁଷ୍କ ପାଦପ କଅଁଳିଲା, ପଲ୍ଲବିତ ହୋଇଲା । ମହାଗଜମାନଙ୍କର ରମଣ ଅଯୋଗ୍ୟ-ହସ୍ତିନୀମାନେ ସହିଲେ । ଭ୍ରମରେ ପଦ୍ମରେ ରହିଲେ । ଦିବ୍ୟାଙ୍ଗନାମାନଙ୍କର ସ୍ତନସଙ୍କଟେ ମଳୟ ପବନମାନେ ଶରଣ ପଶିଲେ । ଲଜ୍ଜାଏ ଗଳିଲେ । କୋକିଳମାନଙ୍କର କୁକୁହୁ ଶବ୍ଦେ ବଳିଲେ । ଅଦିନେ ସାରୀ ପକ୍ଷିଏ ଭାଷିଲେ । ଭ୍ରସଲନ୍ତ ପଦ୍ମେ ଲେଉଟି ଚୁମ୍ବିବାକୁ ସଲଜ୍ଜେ ମନ୍ଦମନ୍ଦ ହୋଇ ହସିଲେ । ସେ ଅରଣ୍ୟେ ସମସ୍ତ ଜନ୍ତୁମାନେ ହେଁ ଉନ୍ମତ୍ତ ଦିଶିଲେ, ପୁରୁଷେ ଅଙ୍ଗନାମାନଙ୍କର ଭୁଜପଞ୍ଜରେ ଶରଣ ପଶିଲେ ।" (ପୃ.୬-୭)

ଅବସ୍ଥାନୁଯାୟୀ ନାୟିକା ଶୋଭା ବର୍ଣ୍ଣନା କରିବାରେ ନାରାୟଣାନନ୍ଦ ଅବଧୂତ ସ୍ୱାମୀଙ୍କ କଳା-ନୈପୁଣ୍ୟ ବାରିହୋଇପଡ଼େ ।ଏ ଧରଣର ବର୍ଣ୍ଣନାରେ ଉତ୍‌ପ୍ରେକ୍ଷା, ଉପମା, ରୂପକାଦି ଅଳଙ୍କାର ପ୍ରୟୋଗ ଲକ୍ଷଏ ଧରଣର ବର୍ଣ୍ଣନାରେ ଉତ୍‌ପ୍ରେକ୍ଷାକରି ହୋଇଥାଏ । ଉଦାହରଣ ସ୍ୱରୂପ, ମୋହିନୀ କନ୍ୟାର ରୂପବର୍ଣ୍ଣନାରେ କିପରି ଉତ୍‌ପ୍ରେକ୍ଷାଳଙ୍କାର ବ୍ୟବହୃତ ତାହା ଦେଖାଯାଉ । "ଆହା ବାବୁ କନ୍ୟା ସେ, ରସେ ଜଗତ ମୋହିଲା, ପୃଥିବୀ ଶୋହିଲା, ପ୍ରାଣୀମାନଙ୍କ ଧଇର୍ଯ୍ୟ ଉଡ଼ିଲା, ଅନଙ୍ଗଅୟୋନିଧିକୁ ଧିକି ଆସି କପିଳାସ କନ୍ଦରଯାକେ ବେଢ଼ିଲା, ତାହାର ଧନ୍ୟଧନ୍ୟ, କି ଭୂମିଗତ ସ୍ଥିତି ? କି ମନ୍ମଥ ରାଜାର କୋଦଣ୍ଡ ଭ୍ରାନ୍ତି, କି ବିଜୁଳିର କାନ୍ତି, କି ବ୍ରହ୍ମାଦି ଦେବଙ୍କୁ ମୋହିନୀ ଫାଶୀ ? କି ବିହି ନିର୍ମାଣ କଲା, ଲାବଣ୍ୟ ରାଶି, କି ଅନଙ୍ଗ ଅମିୟପୂର୍ଣ୍ଣ କଳସୀ ? କି ଯୋଗୀଜନ ମନମୀନ ବଡ଼ଶୀ ? କି କାମିନୀ କୁଳ କମଳବିଳାସୀ ? କି ମନସୀଜ

ମନଜ ବନଶଶୀ ? କି ବ୍ରହ୍ମଜ୍ୟୋତି ନିର୍ମାଣ ନିଶି ? କି ବିବେକ ପ୍ରଦୀପକୁ ହତ ବତାସୀ ? କି ଈଶ୍ୱର ମୋହିବାକୁ ଇଷିତ ହାସୀ ? କି ଦେଖି କାମଦେବ ହିଁ ହେଉଛି ଧଡ଼ସି ?" (ପୃ.୪)

ଗର୍ଭବତୀ ଶଶୀପ୍ରଭାଙ୍କ ରୂପବର୍ଣ୍ଣନାରେ ଉପମାଳଙ୍କାର ବ୍ୟବହାର ଲକ୍ଷ୍ୟଣୀୟ । ଯେପରି, "ପାଣିରୁ ବହୁତବେଳେ ଉଦ୍ଧି ଆଣିଲା ନଳିନୀ ପ୍ରାୟେକ ଦିଶିଲା ମୁଖ । ତାହାର କାନ୍ତି ହୋଇଗଲା ବିବର୍ଣ୍ଣ । ହୃଦୟ ହୋଇଲା କ୍ଷୀଣ । ଉଦର ହୋଇଲା ପୂର୍ଣ୍ଣ । କଳାପଡ଼ିଲା ପୀନ ଘନସ୍ତନ । କି ସେ ଭୃଙ୍ଗେ ବେଷ୍ଟିତ ଦଳବିଦଳିତ ପଦ୍ମ । ତାହାର ନୀଳୋତ୍ପଳପରା ଅତିସ୍ନିଗ୍ଧ ଚକ୍ଷୁର କଳା ଅତି ସିଠୁଆ ଦିଶିଲା । ହୁଗୁଳି ପଡ଼ିଲା କଙ୍କଣ ବଳା । ଏକା ଛୋଟିଆ ହୋଇଲା କଟି ମେଖଳା । ଖୋସି ନପାରିଲା ଏ ପୁଷ୍ପମାଳା । ତାହାର ଅଧର ରଙ୍ଗ ତୁଟିଲା । ଯେହ୍ନେ ବନ୍ଧୂଲି ପୁଷ୍ପ ପାଉଁଶେ ଲୋଟିଲା । ତାକୁ ଗର୍ଭବାସ ମତ ବଡ଼ ଜ୍ୱର ଘୋଟିଲା । ସେ ପାୟେ ଚାଲନ୍ତେ ଫୁଟିଲା ଫୁଟିଲା । ଶୀତଳ ଠାଆକୁ ମନ ଇଛିଲା । ତାରକଇଁଥ ବେଣ୍ଟ ଲାଭି ଲେଉଟିଲା ।" (ପୃ.୫୩)

ରାଣୀ ଶଶିପ୍ରଭାଙ୍କ ରୂପ :

"ସେ ଶରଦ ଚନ୍ଦ୍ର ବଦନୀ । ନୀଳୋତ୍ପଳ ନୟନୀ । ମତ୍ତ ଗଜେନ୍ଦ ଗାମିନୀ । ତୁଙ୍ଗ ପୀନ ସ୍ତନୀ । ମଧ୍ୟ ସଂକୀର୍ଣ୍ଣୀ । ଲାବଣ୍ୟ ବର୍ଣ୍ଣିନୀ । ମନ୍ମଥାନନ୍ଦ ବର୍ଦ୍ଧିନୀ । ସର୍ବସୁଲକ୍ଷଣୀ ।"

'ରୁଦ୍ରସୁଧାନିଧି'ରେ ସଂସ୍କୃତାନୁରୂପ ବାକ୍ୟ ଅନେକତ୍ର ବବହୃତ । ଯେପରି - "ଉଦଦ୍ଦ୍ୟୁମଣି ଦ୍ୟୁତି ବିନ୍ଦୁ କିରୀଟିଂତୁଙ୍ଗ କୃପାଂ ନୟନ ତ୍ରୟ ଯୁକ୍ତାଂ । ସ୍ମେରମୁଖୀଂ ବରଦାଙ୍କୁଶ ପାଶ ଶୋଭିତକରାଂ ପ୍ରଭଜେ ଭୁବନେଶ୍ୱରୀଂ ।" (ପୃ.୧୧୮)

ଅନେକ ସ୍ଥଳରେ ନାଟକୀୟ ସଂଳାପଶୈଳୀର ବ୍ୟବହାର 'ରୁଦ୍ରସୁଧାନିଧି'ର ପାଠକୀୟତାରେ ଚମକ ଆଣିଛି । ଯେପରି - "କୁମର ବୋଇଲା ଥିଲ କାହିଁ । ଯୋଗୀ ବୋଇଲା ବାବା ପୁଷ୍ପଗିରିରେ ଥିଲୁ । + + କୁମର ବୋଇଲା ଗୋସାଇଁ ବୟସ କେତେ । ଯୋଗୀ ବୋଇଲା ନକ୍ଷତ୍ର ଗଣିଲେ ହୋଇବ ଯେତେ ।" (ପୃ.୧୫୮)

ନାରାୟଣାନନ୍ଦଙ୍କ ଶକ୍ତିଶାଳୀ ସର୍ଜନ ମନୀଷାର ଅପୂର୍ବ ସ୍ୱାକ୍ଷର ହିଁ 'ରୁଦ୍ରସୁଧାନିଧି' ଗଦକାବ୍ୟ । କରୁଣାକର କରଙ୍କ ଭାଷାରେ, "ଏହା ଓଡ଼ିଆ ସାହିତ୍ୟରେ ଅନୁପମ ଏବଂ ଅଦ୍ୱିତୀୟ । ଅର୍ଥର ନବୀନତା, ସ୍ୱଭାବୋକ୍ତି, ରସର ସ୍ଫୁଟନା, ବର୍ଣ୍ଣ ବିନ୍ୟାସରେ କାନ୍ତ କୋମଳତା 'ରୁଦ୍ରସୁଧାନିଧି'କୁ ମଞ୍ଜୁଳ, ରସାଳ, ରସପେଶଳ ଏବଂ ମନୋମୋହକର କରିପାରିଛି ।" (ମୁଖବନ୍ଧ)

ଆଲୋଚ୍ୟ ଗ୍ରନ୍ଥରେ ପଦ୍ୟଧର୍ମୀ ବାକ୍ୟବିନ୍ୟାସ ରହିଛି । ସେଥିପାଇଁ ଏହାକୁ କେହିକେହି ପଦ୍ୟଧର୍ମୀ ଗଦ୍ୟ କହିଥାନ୍ତି । ଏକଥା କିନ୍ତୁ ଠିକ୍ ନୁହେଁ 'ରୁଦ୍ରସୁଧାନିଧି' ହେଉଛି ପ୍ରାଚୀନ ଓଡ଼ିଆ ଗଦ୍ୟ ସାହିତ୍ୟ । ରସ୍କିନ୍‌ଙ୍କ ଭାଷାରେ କହିଲେ ହେବ ଏ ଗଦ୍ୟର ଶ୍ରୁତି ସୁଖକର ଧ୍ୱନ୍ୟାନୁରଣନ ଓ ଗୀତିଧର୍ମୀ ସରଳତା ରହିଛି (Prose has soft music and lyrical simplicity) ।

●

ବି-୪୯, ସେକ୍ଟର- ୮
ସିଡିଏ, କଟକ-୭୫୩୦୧୪
ମୋ- ୯୪୩୭୩୧୯୯୧୪

# ଅଶୀ-ପରବର୍ତ୍ତୀ ଓଡ଼ିଆ ନାଟକର ବିବିଧ ଧାରା

ପ୍ରଫେସର ସଂଘମିତ୍ରା ମିଶ୍ର

*ଜରୁରୀ ପରିସ୍ଥିତି ଜନିତ ରାଜନୈତିକ ଆଘାତ, ମୁକ୍ତ ଅର୍ଥନୀତି, ବିଶ୍ୱାୟନ, ଯୋଗାଯୋଗ ଓ ବୈଷୟିକ ବିକାଶ ମହିଳା କମିଶନ, ଘରୋଇକରଣ, ବିଜ୍ଞାପନ ସହ ବାଦନ - ଏସବୁ କ୍ରମାଗତ ଘଟଣାପ୍ରବାହ ସହିତ ପ୍ରତ୍ନତତ୍ତ୍ୱ, ବିଜ୍ଞାନ, ଦର୍ଶନ ପ୍ରଭୃତିର ନୂତନ ଆବିଷ୍କାର ଉଦ୍‌ଭାବନ ଜନଗଣରେ ପ୍ରଭାବିତ କଲାବେଳେ ଗଣମାଧ୍ୟମ ରୂପେ ପରିଚିତ ନାଟକରେ ତାହାର ପରିସ୍ଫୁଟନ ଦେଖାଯାଇଛି । ନାଟକ ପୁଣି ଥରେ ହୋଇଛି ଗଣାଭିମୁଖୀ । ପ୍ରମୋଦ ତ୍ରିପାଠୀ, ଶଙ୍କର ତ୍ରିପାଠୀ, ହରିହର ମିଶ୍ର, ନାରାୟଣ ସାହୁ, କୁଞ୍ଜ ରାୟ, ନୀଳାଦ୍ରିଭୂଷଣ ପ୍ରଭୃତିଙ୍କ ନୂତନ ନାଟକ ନୂତନ ବ୍ୟଞ୍ଜନା ଦେବାରେ ସଫଳ ହୋଇଛି ଓ ଦର୍ଶକଙ୍କୁ ଆକର୍ଷିତ କରିପାରିଛି ।*

ଅଶୀ-ପରବର୍ତ୍ତୀ ଓଡ଼ିଆ ନାଟକ କଥା କହିଲାବେଳେ ପ୍ରଥମେ ମନକୁ ଆସେ 'ଅଶୀ' କାହିଁକି ?

୧୯୭୫ରେ ଜାତୀୟ ଆପତ୍‌କାଳୀନ ପରିସ୍ଥିତି ବା ନ୍ୟାସନାଲ ଏମର୍ଜେନ୍ସି ଆସିଛି । ଆମର ସ୍ୱାଭାବିକ ଜୀବନଧାରା ଉପରେ ରାଜନୀତିକ ଆଘାତ ଆସିଛି । ୧୯୮୦-୮୧ ବେଳକୁ ବିନିର୍ମାଣ (De-construction) ପର୍ଯ୍ୟାୟ ଆସିଛି, ଯେଉଁଠି ଆମର ପାରମ୍ପରିକ ଅର୍ଥ ଅନେକ ପରିମାଣରେ ବଦଳିଯାଇଛି । ଆଜିର ପରିସ୍ଥିତିକୁ ନିରେଖି ଦେଖିଲେ ଅନେକ ନୂଆକଥାର ସୂତ୍ରପାତ ହୋଇଥିବା ଜଣାପଡ଼େ ।

୧. ବୈଷୟିକ ସଂସ୍କୃତି ଆମକୁ ପାରମ୍ପରିକ ବିଶ୍ୱାସଠାରୁ ଦୂରକୁ ନେଇଗଲା । ପ୍ରଯୁକ୍ତିବିଦ୍ୟା, କମ୍ପ୍ୟୁଟର, ଇ-ମିଡ଼ିଆ, ଇ-ଶିକ୍ଷା, ସଫ୍‌ଟ୍‌ୱେର ପ୍ୟାକେଜ, ଲାପ୍‌ଟପ୍, ଆଉଟସୋର୍ସିଂ, ନେଟ୍‌ୱାର୍କ, ଆକାଉଣ୍ଟ, ଟେଲିସପିଂ ପ୍ରଭୃତି ନୂଆ ବିଦ୍ୟା ଆସିଗଲା । ଯାହା ପ୍ରଚଳିତ ଜୀବନଧାରା ମୂଳରେ ଆଘାତ କଲା । ଏଥି ସହିତ ଆଇ.ଟି କମ୍ପାନୀ, ଆମାଜନ, ଫ୍ଲିପ୍‌କାର୍ଟ ଭଳି ସଂସ୍ଥାମାନେ ଆସିଲେ । ବାଣିଜ୍ୟ ବ୍ୟବସାୟ ସହିତ ସେମାନେ ଆମ ଦୈନନ୍ଦିନ ଜୀବନଧାରକୁ ମଧ୍ୟ ପ୍ରଭାବିତ କଲେ ।

୨. ବିଜ୍ଞାପନ, ବିଶ୍ୱବଜାର, ମାସ୍ ମିଡ଼ିଆ ଆମ ଜୀବନକୁ ନିୟନ୍ତ୍ରଣ କଲେ । ଉପଭୋକ୍ତାବାଦ ନାନା ବିଜ୍ଞାପନ ସହିତ ଅର୍ଥନୀତିର ଉଦାରୀକରଣ ମଧ୍ୟ ଆସିଗଲା ।

୩. ଫ୍ରେଣ୍ଡସିପ୍ ନେଟ୍‌ୱାର୍କ, ଡ୍ୟାନ୍ସବାର୍, ବିଉଟିପାର୍ଲର, କଲସେଣ୍ଟର, ବିଅରବାର୍ ପ୍ରଭୃତି ଗଢ଼ିଉଠିଲା । ନାରୀ ଗୃହଲକ୍ଷ୍ମୀ ହୋଇ ରହିଲାନାହିଁ । ସେ ପାଲଟିଗଲା ବିଜ୍ଞାପନର ବସ୍ତୁ । ବ୍ଲେଡର ବିଜ୍ଞାପନରେ ମଧ୍ୟ ତାର ଶରୀର ପ୍ରଦର୍ଶିତ ହେଲା ।

୪. ଅର୍ଥନୀତିରେ ଘରୋଇକରଣକୁ ପ୍ରୋତ୍ସାହନ ଦିଆଗଲା । ବହୁରାଷ୍ଟ୍ରୀୟ କମ୍ପାନୀମାନେ ଆମ ଅର୍ଥନୀତି ସହିତ ଆମ ମାନସିକତାକୁ ମଧ୍ୟ ନିୟନ୍ତ୍ରଣ କଲେ ।ନିଯୁକ୍ତି ସୁଯୋଗ ବଢ଼ିଲା, ମାତ୍ର ବାଣିଜ୍ୟ ଦିଗଟି ଉନ୍ନତ ହେବା ସମୟରେ

କଳାତ୍ମକ ବିଚାର ପାଇଁ ସୁଯୋଗ ରହିଲାନାହିଁ । ଫଳରେ ଇତିହାସ, ରାଜନୀତିବିଜ୍ଞାନ, ଭାଷା-ସାହିତ୍ୟ, ଦର୍ଶନ ପ୍ରଭୃତି ବିଦ୍ୟାପାଇଁ ଆଗ୍ରହ ଊଣାହେଲା ।

୫. ଏହି ସମୟରେ ସ୍ଥାନୀୟତା ହେଲା ଗୁରୁତ୍ୱପୂର୍ଣ୍ଣ । ନୂତନ ରାଜନୀତିକ ସମୀକରଣ ଆସିଲା । ବିଦେଶୀ ପୁଞ୍ଜିନିବେଶ ପାଇଁ ସୁଯୋଗ ଆସିଲା । ସର୍ବଭାରତୀୟ ରାଜନୀତିକ ଦଳମାନଙ୍କଠାରୁ ଆଞ୍ଚଳିକ ଦଳର ଗୁରୁତ୍ୱ ବଢ଼ିଲା । କେନ୍ଦ୍ରୀୟ ଅନୁଦାନ କୌଣସି ମତେ ହାସଲ କରିବାର ଆଗ୍ରହ ରହିଲା ।

ଏହି ସମୟ ପ୍ରାୟ ୧୯୮୦ ପରଠାରୁ ଆସିଛି ଯେଉଁଠି ମଣିଷ ଆଖିକୁ ଚକ୍‌ଚକ୍ ଦିଶୁଥିବା ସହଜଲବ୍ଧ ଦ୍ରବ୍ୟ ପ୍ରତି ଆକର୍ଷିତ ହେଉଛି । ଯେ କୌଣସି ଉପାୟରେ ଅର୍ଥ ସଂଗ୍ରହ ହୋଇଛି ତାର ଜୀବନର ଲକ୍ଷ୍ୟ । ୧୯୯୦ରେ ଆସିଛି ମହିଳା କମିଶନ । ନାରୀକୁ ପୁରୁଷର ସମକକ୍ଷ କରିବାକୁ ନିର୍ବାଚନରେ ଅଂଶ କଥା ଆସିଛି । ନିରାପଦ ମାତୃତ୍ୱ ଯୋଜନା, ବିଭିନ୍ନ ସରକାରୀ ବେସରକାରୀ ଅଫିସରେ ଯୌନ-ସୁରକ୍ଷା ସେଲ ଗଢ଼ା ହୋଇଛି । ୧୯୯୪ରେ ଗର୍ଭସ୍ଥ ସନ୍ତାନର ଲିଙ୍ଗ ନିରୂପଣ ହୋଇପାରିବ ନାହିଁ ବୋଲି ଆଇନ୍ ହୋଇଛି । ଶିକ୍ଷାୟତନରେ ମଧ୍ୟାହ୍ନ ଭୋଜନ ପ୍ରସଙ୍ଗ ସହିତ ଦଣ୍ଡମୁକ୍ତ ଅଞ୍ଚଳ ବ୍ୟାପାର ଯୋଡ଼ା ହୋଇଛି । ସଂରକ୍ଷଣ କ୍ଷେତ୍ରରେ ହରିଜନ ଗିରିଜନ, ପଛୁଆବର୍ଗ, ସଂଖ୍ୟାଲଘୁ ବିଚାର ଆସିଛି, ଯାହାକୁ ଚାକିରି ଆରମ୍ଭ ସମୟରେ ନୁହେଁ ବରଂ ପ୍ରମୋସନ, ପିଲାଙ୍କ ଶିକ୍ଷା ସହିତ ଯୋଡ଼ି ଦିଆଯାଇଛି ।

ଏହା ସହିତ ରହିଛିଖାଦ୍ୟବସ୍ତ୍ରବାସଗୃହ ଭଳି ମୌଳିକ ସମସ୍ୟା । ଯୌଥ ପରିବାର ବିଘଟିତ ହୋଇଛି । ପାରମ୍ପରିକ ଶିକ୍ଷା ଓ କୌଳିକ ଶିକ୍ଷାର ସୁଯୋଗ ନାହିଁ । ପ୍ରାକୃତିକ ବିପର୍ଯ୍ୟୟ (ବନ୍ୟା, ବାତ୍ୟା, ମରୁଡ଼ି, କରୋନା) ସାଧାରଣ ମଣିଷକୁ ବିପର୍ଯ୍ୟସ୍ତ କରିଛି । ବିଜ୍ଞାପନ ସହିତ ଆସିଛି ଦାଦନ, ଯାହା ମୂଳରେ ରହିଛି ଶିଳ୍ପାୟନ । ପୁନର୍ବାସ ପାଇଁ ସେଭଳି ଗୁରୁତ୍ୱ ନାହିଁ । ଦୁର୍ନୀତି ପରାୟଣ ଅମଲାତନ୍ତ୍ର ପ୍ରତ୍ୟେକ ସୁଯୋଗର ବିପୁଳ ଅଂଶ ବାଟମାରଣା କରିନେଉଛନ୍ତି । ଏ ଦୁର୍ନୀତି ଶିକ୍ଷାୟତନ ଓ ଅନ୍ୟାନ୍ୟ ଅନୁଷ୍ଠାନକୁ ମଧ୍ୟ ସଂକ୍ରମିତ ହୋଇଚାଲିଛି ।

ଦୁର୍ନୀତି ବିରୋଧରେ ସଂଗ୍ରାମ, ସର୍ବହରାର ସଂଗ୍ରାମ ଓ ସ୍ଥାନୀୟତାର ସୁରକ୍ଷା ପାଇଁ ସଂଗ୍ରାମ ହେଉଛି ଅଶୀ ପରବର୍ତ୍ତୀ ସାହିତ୍ୟର ସଂଗ୍ରାମ । ତେଣୁ ନବ ନାୟକ ସୃଷ୍ଟିପାଇଁ ପ୍ରୟାସ ଜାରି ରହିଛି । ଗଣମାଧ୍ୟମ ଭାବେ ପରିଚିତ ନାଟକରେ ଏସବୁ ପରିବର୍ତ୍ତନର ଛାପ ସ୍ପଷ୍ଟ । ଏହାର ବକ୍ତବ୍ୟ ବେଶ୍ ଦୃଢ଼ ଓ ସ୍ପଷ୍ଟ ।ନାଟ୍ୟକାରମାନେ ରୀତିମତ ଗବେଷଣା କରି ଇତିହାସ, ପ୍ରତ୍ନତତ୍ତ୍ୱ, ମନୋବିଜ୍ଞାନ, ଦର୍ଶନ ଓ ବିଜ୍ଞାନ ସମ୍ପର୍କୀୟ ତଥ୍ୟ ସଂଗ୍ରହ କରି ନାଟକ ରଚନାରେ ପ୍ରବୃତ୍ତ ହେଉଛନ୍ତି । ୧୯୮୬ ଡିସେମ୍ବର ୨୪ରେ ରାଜୀବଗାନ୍ଧୀଙ୍କ ଉଦ୍ୟମରେ ଗ୍ରାହକ ସୁରକ୍ଷା ବିଲ ପାରିତ ହୋଇଥିଲା । ୧୯୯୦-୯୧ରେ ଆସିଛି ବିଶ୍ୱାୟନ, ଉଦାରୀକରଣ ଓ ଘରୋଇକରଣ । ବିଶ୍ୱାୟନ ବିଶ୍ୱ ସହିତ ଆମକୁ ଯୋଡ଼ୁଛି, ଉଦାରୀକରଣ ଆମକୁ ଉଦାରତା ମାଧ୍ୟମରେ ନିଜର ଅସ୍ମିତା ଭୁଲାଇ ଦେଇଛି । ତେଣୁ ସ୍ଥାନୀୟତାର ସୁରକ୍ଷା ଲୋପ ହେଉଛି । ଏହି କଥାକୁ ଦୃଷ୍ଟିରେ ରଖି ଆମେ ଅଶୀ-ପରବର୍ତ୍ତୀ ନାଟକର କିଞ୍ଚିତ୍ ଆଲୋଚନା କରିବା ।

ପ୍ରାଚୀନ ସାହିତ୍ୟ ଥିଲା ଆଦର୍ଶ ଓ ନୀତିବୋଧର ସାହିତ୍ୟ, ସ୍ୱାଧୀନତା ପରେ ବାସ୍ତବତା ଯେତେ କଠୋର ହେଲେ ମଧ୍ୟ ତାକୁ ଗ୍ରହଣ କରିବାର ମାନସିକତା ଆସିଲା । ମାତ୍ର ଅଶୀ-ପରବର୍ତ୍ତୀ ସମୟ ପାଲଟିଗଲା ସମ୍ପର୍କହୀନ, ଦାୟିତ୍ୱହୀନ ଓ ଅନାବଶ୍ୟକ ଯୁକ୍ତିପ୍ରବଣ । ମୁଁ ଅଛି ଏହି ଅସ୍ତିତ୍ୱର ପ୍ରମାଣ ପାଇଁ ଆସିଲା ସଂରଚନାବାଦ ଓ ଉତ୍ତର-

ସଂରଚନାବାଦ । ଲୋକନାଟକ ଥିଲା ଯୁଗଯୁଗ ଧରି ଆମର ମନୋରଞ୍ଜନର ମାଧ୍ୟମ । ସଂଳାପ ଯେତେବେଳେ ନବନାଟକ ନାମରେ ନାଟକର ଗୀତିମୟତା ଭାଙ୍ଗିଲା, ସଂଳାପ ହେଲା ଅତିହ୍ରସ୍ୱ (Monosyllablic), ଦର୍ଶକ ହେଲେ ସମାଲୋଚକ, ନାଟ୍ୟମୋହଠାରୁ ଆତ୍ମବ୍ୟଙ୍ଗ ହେଲା ଗୁରୁତ୍ୱପୂର୍ଣ୍ଣ, ସେତେବେଳେ ଦର୍ଶକମାନେ ନାଟକ ଦିଗରୁ ମୁହଁ ଫେରାଇନେଲେ । ଏହି ସମୟରେ ସହାବସ୍ଥାନ (Co-existence), ସଂପୃକ୍ତି (Link), ଓ ପ୍ରାସଙ୍ଗିକତା (Relevance) ସୃଷ୍ଟିପାଇଁ ପୁନର୍ବାର ଆମ ନାଟକ ଲୋକନାଟକର ସଙ୍ଗୀତମୟତା ଆଡ଼କୁ ମୁହଁ ଫେରାଇଲା । ମହାନାଟକ (୧୯୬୯), ଅମୃତସ୍ୟ ପୁତ୍ର (୧୯୭୧), କାଠଘୋଡ଼ା (୧୯୭୭) ଜଣେ ରାଜା ଥିଲେ ପ୍ରଭୃତି ଏହି ସମୟରେ ରଚିତ । ଏଥିରେ ସମୂହଗାନର ଗୁରୁତ୍ୱ ରହିଲା । ରାଜନୀତି ସଚେତନତା ହେଲା ମୁଖ୍ୟ ପ୍ରତିପାଦ୍ୟ ।

**ଲୋକନାଟକର ଶୈଳୀ :**

ଲୋକନାଟ୍ୟ ଶୈଳୀ ଆମକୁ ପାରମ୍ପରିକତା ସହିତ ଯୋଡ଼ିଥାଏ । ଦର୍ଶକର ଆଧୁନିକ ନାଟକ ପାଇଁ ଆଗ୍ରହ ଉଦ୍ଦୀପନା ସହିତ ପାରମ୍ପରାର ପୁନରୁତ୍ଥାନକୁ ନେଇ ରଚିତ ହୋଇଛି ଅନେକ ଓଡ଼ିଆ ନାଟକ । 'କାଠଘୋଡ଼ା'ରେ ବୈଷ୍ଣବ ପାଣିଙ୍କ 'ରଙ୍ଗସଭା'ର ଗୀତ "ଦୁଃଖୀଧନ ନୀଳମଣିରେ"ର ପ୍ରତିଧ୍ୱନି ଦୀପା କଣ୍ଠରେ "ତୁହି ମୋର ଜୀବଧନରେ, ଆ' ଥରେ ତୋତେ କୋଳକୁ ନିଏ" । ପ୍ରହ୍ଲାଦ ଚରିତରେ ହିରଣ୍ୟକଶିପୁର ରାଣୀ ବିଦ୍ୟୁଚ୍ଛାୟାକୁ ଇନ୍ଦ୍ର ବନ୍ଧନ କରି ନେଉଥିବାବେଳେ ଗାଇଥିବା ଗୀତ "କାନ୍ଦିଲେ କି ହେବ କରୀନ୍ଦ୍ରଗମନା ଇନ୍ଦ୍ର କି ସହଜେ ଛାଡ଼ିବ"ର ଅନୁରୂପ ସ୍ୱର 'କାଠଘୋଡ଼ା'ରେ ନିର୍ଦ୍ଦେଶକଙ୍କର ଦୀପା ପ୍ରତି ଉକ୍ତି "କାନ୍ଦିଲେ କି ହେବ କୁହ ଗୋ ଲଳନା ପଥ କି ସହଜେ ମିଳିବ"ରେ ସ୍ପଷ୍ଟ । ବୈଷ୍ଣବ ପାଣିଙ୍କର "ହାଣିଗଲି ବର ଖୋବା ହୋ, ହାଣିଗଲି ବରଖୋବା"ର ପ୍ରତିଧ୍ୱନି 'ଜଣେ ରାଜା ଥିଲେ'ରେ "ଲାଗିଲା ହଟଚମଟ ଲୋ, ଲାଗିଲା ହଟଚମଟ/ ଦେବୀ ଆସିଲାରୁ ରାଜା ଦୁଆରର /ଖୋଲିଲା କଂସା କବାଟ ଲୋ ।"

ପ୍ରମୋଦ ତ୍ରିପାଠୀଙ୍କର ବୁଲା କୁକୁରର ଜନ୍ମ ବୃତ୍ତାନ୍ତରେ ଦାସକାଠିଆ, ଜାନୁଘଣ୍ଟ, ପଦ୍ମତୋଳାଠାରୁ ବିଦ୍ୟାଧର ଓ ମଦନମୋହନ ପାଲା କଥା ଏକତ୍ର ସନ୍ନିବିଷ୍ଟ । ବିଜୟ ଶତପଥୀଙ୍କର 'ଏଇ ଯେ ସୂର୍ଯ୍ୟ ଉଏଁ'ରେ ପାଲାଶୈଳୀ, ଶଙ୍କର ତ୍ରିପାଠୀଙ୍କର 'ଶୁଣିବା ହେଉ ଏ କାହାଣୀ'ରେ ଜାମୁଡାଳି ଗୀତ, ନବୀନ ପରିଡ଼ାଙ୍କ 'ନାଟୁଆ'ରେ ପାଲା, ଦାସକାଠିଆ, ସୁଆଙ୍ଗ, ଓଡ଼ିଶୀ, ରାସ ଓ ଆଧୁନିକ ଗୀତର ମିଶ୍ରଣ ଦେଖାଯାଏ । ମନୋରଞ୍ଜନ ଦାସଙ୍କର 'ନନ୍ଦିକାକେଶରୀ'ରେ ଦଣ୍ଡ, ଦେଶିଆ, ସୂତ୍ରଧର, ସନ୍ଧି, ଗାୟକ ଭଳି ଚରିତ୍ର ସହିତ ୨୫ଟି ଗୀତ ରହିଛି । ରତ୍ନାକର ଚଇନିଙ୍କର 'ନିଜନିଜ କୁରୁକ୍ଷେତ୍ର'ରେ ଲଉଡ଼ିଖେଳ ଓ ଗୋପାଳଙ୍କ ଓଗାଳ ସଙ୍ଗୀତ ସ୍ଥାନିତ । ସେହିପରି ଲୋକକଥାର ଗୁରୁତ୍ୱ 'ପକା କମ୍ବଳ ପୋତ ଛତା'ରେ ରମେଶ ପାଣିଗ୍ରାହୀଙ୍କ ପଣ୍ଡିତ ଓ ଅବୋଲକରା, ରତି ମିଶ୍ରଙ୍କର 'ଦେଖ ବରଷା ଆସୁଛି'ରେ ପୁଷି ଓ କାଉ, 'ଅତି ଆଚମ୍ବିତ କଥା'ରେ କଲରେଇ ଫୁଲ କଥା ପ୍ରଭୃତି ପ୍ରଣିଧାନ ଯୋଗ୍ୟ । ଏଥିରେ ସଂଯୋଗକାରୀ ଚରିତ୍ର (Narrator) ରହିଛି ଓ ନାଟ୍ୟମୋହ ଭାଙ୍ଗିବାର ପ୍ରଚେଷ୍ଟା ବାରମ୍ବାର କରାଯାଇଛି । Narration ଦ୍ୱାରା ବିଷୟରୁ ବିଷୟାନ୍ତରକୁ ଯିବା ସହଜ ହୋଇଛି ।

**ମୂଲ୍ୟବୋଧର ଅବକ୍ଷୟ :**

ମୂଲ୍ୟ ବଢ଼ିଲେ ମୂଲ୍ୟବୋଧ କମିଯାଏ । ଯେତେବେଳେ ପିଢ଼ିରୁ ପିଢ଼ିକୁ ଥିବା ସଂଯୋଗ ସେତୁ ନଷ୍ଟ ହୋଇ ଯାଉଛି, ମୂଲ୍ୟବୋଧର ପାରଦ ଖସିଯାଉଛି । ପିଢ଼ି ପିଢ଼ି ଭିତରେ ଥିବା ତାରତମ୍ୟ ଆମେ 'ବିତର୍କିତ ଅପରାହ୍ନ'ରେ

ଦେଖନ୍ତି. ଯେଉଁଠି ମାଧବ ପ୍ରତିମା ପ୍ରଥମ ପିଢ଼ି ପାଇଁ ବିଶ୍ୱାସ, ଦ୍ୱିତୀୟ ପିଢ଼ି ପାଇଁ କର୍ତ୍ତବ୍ୟର ଆଟୋପ ଓ ତୃତୀୟ ପିଢ଼ି ପାଇଁ ଲୋଭର ପ୍ରତୀକ ପାଲଟିଯାଇଛି । ସୁବର୍ଣ୍ଣ ମାଧବ ପ୍ରତିମା ନୀଳରତନଙ୍କର ସମସ୍ତ ସଂଚିତ ଧନରେ ନିର୍ମିତ । ମନ୍ଦିର ପ୍ରତିଷ୍ଠା ପାଇଁ ଅର୍ଥ ଦେବାକୁ ସେ ପ୍ରତିଷ୍ଠିତ ସନ୍ତାନ ସୁକୁମାର ପାଖକୁ ଆସନ୍ତି । ସୁକୁମାର କାହା ଟେଣ୍ଡର ଚିଠି ଅଧା ବାଟରୁ ବନ୍ଦ କରାଇ ଅର୍ଥ ଆଣିବାର ପ୍ରୟାସ କରନ୍ତି ଓ ପତ୍ନୀ ଶାଶ୍ୱତୀ ତାଙ୍କର ପ୍ରେମିକଙ୍କୁ ଅନୁରୋଧ କରନ୍ତି ଅର୍ଥପାଇଁ । ଖବାବେଳ ପାଇ ସନ୍ଧ୍ୟା ହୁଏ । ରବିବାର ହୋଇଥିଲେ ହେଁ ପୁଅବୋହୂ ଘରକୁ ଫେରନ୍ତି ନାହିଁ । ଏଣେ ନୂଆକରି କଲେଜ ଯାଉଥିବା ନାତି ବୁଲବୁଲ୍ ସୁବର୍ଣ୍ଣମାଧବ ପ୍ରତିମା ନେଇ ତାର ନାରୀବନ୍ଧୁ ଲୀନା ସହିତ ବୁଲିଯିବାକୁ ଚାହେଁ ଓ ସେଥିପାଇଁ ସେ ଶାଶ୍ୱତୀ ବୁଲୁଥିବା ତାଙ୍କ ପ୍ରେମିକଙ୍କ ଗାଡ଼ି ମାଗିବସେ । ତିନି ପିଢ଼ି ଭିତରେ ମୂଲ୍ୟବୋଧର ତଳିତଳାନ୍ତ ହୋଇଯାଏ । ରାଜା ଜୀବନର ଦୁର୍ନୀତି ମଧ୍ୟ ମୂଲ୍ୟବୋଧର ଅବକ୍ଷୟ ଘଟାଏ । ରମେଶ ପାଣିଗ୍ରାହୀଙ୍କର 'ମହାନାଟକ'ର ବିଫଳ ମନ୍ତ୍ରୀର ହାହାକାର ଭିତରେ ନେତ ବିମଳା ଓ 'ଜଣେ ମହାପୁରୁଷଙ୍କ ଜନ୍ମ ଓ ମୃତ୍ୟୁ ସମ୍ପର୍କରେ'ର ମାଧବୀ ଆମର ଦୃଷ୍ଟି ଆକର୍ଷିତ କରନ୍ତି । ପୌରୁଷ ବିହୀନ ରାଜାଙ୍କ ରାଣୀ ଅବନ୍ତୀ ସାଧବୀଙ୍କଠାରୁ ସ୍ୱପ୍ନ କିଣନ୍ତି ଓ ଶିଶୁର କାନ୍ଦଣା ଶୁଣିବାକୁ ଅପେକ୍ଷା କରନ୍ତି ।  ମାଧବୀ ନିଜର ଗବେଷଣା-ପାଗଳ ପତିଙ୍କୁ ସୁସ୍ଥ ରଖିବାକୁ ବର୍ଣ୍ଣଭିଟା ଖୁଆନ୍ତି । ପିଙ୍ଗପଙ୍ଗ ଓ ଡାଇଙ୍ଗ୍‌ଡୁଇଙ୍ଗ୍ ନାମକ ଦୁଇଟି ବେଙ୍ଗଙ୍କୁ ଆଦର କରନ୍ତି । ବୟସ୍କମାନଙ୍କ ଅସହାୟତା ଆମେ ବିଶ୍ୱଜିତ୍ ଦାସଙ୍କ 'ମୃଗୟା' ଓ ରମେଶ ପ୍ରସାଦ ପାଣିଗ୍ରାହୀଙ୍କର 'ଧୃତରାଷ୍ଟ୍ରର ଆଖି'ରେ ଦେଖୁ ।

ସାଧୁ ସଚ୍ଚୋଟ ଚରିତ୍ର ଆଜିର ସମାଜରେ ବିଫଳ ହୋଇଥାଏ । ବିଶ୍ୱଜିତ ଦାସଙ୍କ ମୃଗୟାର ବିବେକାନନ୍ଦ ଏହି ଶ୍ରେଣୀର ପ୍ରତିନିଧିତ୍ୱ କରିଥାନ୍ତି । ଜୀବନ ସାରା ସଚ୍ଚୋଟ ଭାବେ ଶିକ୍ଷକତା କରିଥିବା ବିବେକାନନ୍ଦଙ୍କ ପୁଅ ତାଙ୍କୁ ସମ୍ମାନ ନକରି ଘରଛାଡ଼ି ନେତାଙ୍କ ପାଖକୁ ଚାଲିଯାଏ । ଝିଅ ମୁକ୍ତି ଔଷଧ ଦୋକାନୀକୁ ବାହାହୋଇ ମନଲାଖି ଜୀବନ ବଞ୍ଚିପାରେ ନାହିଁ । ପରିଣତ ବୟସରେ ପୁଣିଥରେ  ଚାକିରି କରିବାକୁ ବାହାରିଥିବା ବିବେକାନନ୍ଦ ସ୍କୁଲ ସେକ୍ରେଟାରୀଙ୍କ ଅଯୋଗ୍ୟ ପୁଅକୁ ପାସ୍ କରାଇ ଦେବାକୁ ଅର୍ଥ ଲାଞ୍ଚ ମାଗନ୍ତି । ଶିକ୍ଷିତ ମଧ୍ୟବିତ୍ତ ମଣିଷ ଆତ୍ମହୀନମନ୍ୟତା ଭୋଗେ । ଯେମିତି ହରିହର ମିଶ୍ରଙ୍କ 'ହଂସଧ୍ୱନି'ର ଦେବୀ । ନିଜେ ଡାକ୍ତରାଣୀ ହୋଇ ମଧ୍ୟ ସେ ଅପାଠୁଆ ସ୍ୱାମୀକୁ ବିବାହ କରେ ଓ ସାରା ଜୀବନ କଷ୍ଟପାଏ । ସମ୍ପର୍କହୀନତା ମଣିଷକୁ କେତେ ପ୍ରଭାବିତ କରେ ଆମେ 'ଶବ୍ଦଲିପି' ଓ 'କ୍ଲାନ୍ତ ପ୍ରଜାପତି'ରେ ଦେଖିଛେ । 'ଶବ୍ଦଲିପି'ର ରୀତା ତାର ପାଳିତ ପିତା ଭକ୍ତଚରଣଙ୍କ ଅଲିଅଳି କନ୍ୟା । ଭକ୍ତଚରଣଙ୍କ ଅସାମାଜିକ ସନ୍ତାନ ପାର୍ଥ କିନ୍ତୁ ରୀତାକୁ ଭଉଣୀ ଭାବିପାରେନା ଓ ସୁଯୋଗ ନେଇ ତାକୁ ବଳାତ୍କାର କରେ, ଯାହାକୁ ପ୍ରେମ ଭାବି ରୀତା ସମଗ୍ର ଜୀବନ ପାର୍ଥର ପତ୍ନୀ ଭାବେ ଅଣନିଃଶ୍ୱାସୀ ହୋଇ ବଞ୍ଚେ । 'କ୍ଲାନ୍ତ ପ୍ରଜାପତି'ର ରଶ୍ମି ଆର୍ଯ୍ୟକୁ ଭଲପାଏ । ଅନୁପମକୁ ଧରି ପରିବାରର ସ୍ୱାତନ୍ତ୍ର୍ୟ ଦେଖାଇବାକୁ ଘରକୁ ଆସେ । ଆର୍ଯ୍ୟ ସହିତ ରାତି କଟାଇବା ପରେ ମଧ୍ୟ ସେ ତାକୁ କିନ୍ତୁ ଖବର ନଦେଇ ଅନୁପମ ସହିତ ଚାଲିଯିବାକୁ ଚାହେଁ । ଅପରପକ୍ଷରେ ରାୟମୋହନ (ରଶ୍ମିର ପିତା) ଓ ବନ୍ଧୁ ଗୌରମୋହନଙ୍କ ସମ୍ପର୍କର ଜଟିଳତାକୁ ନେଇ ସୁମତି ଦେବୀ ଦୋଦୁଲ୍ୟମାନ ଜୀବନ ବଞ୍ଚନ୍ତି । ଈଶ୍ୱରଙ୍କ ସ୍ଥିତ ପ୍ରତି ସନ୍ଦେହ, ମୂଲ୍ୟବୋଧ ଉପରେ ଆଘାତ କରିଥାଏ । ଯୁଗଯୁଗ ଧରି ଆମ ବିଶ୍ୱାସର ପ୍ରତୀକ ଈଶ୍ୱରଙ୍କ ସାର୍ବଭୌମତ୍ୱ ଉପରେ ଆଜିର ନାଟ୍ୟକାର ପ୍ରଶ୍ନବାଚୀ ଲଗାଇ ଦିଏ । କାର୍ତ୍ତିକ ରଥଙ୍କ 'ଈଶ୍ୱର ଜଣେ ଯୁବକ', ଗୋପାଳ ଦେଙ୍କର 'ଈଶ୍ୱର ଫେରିଯାଅ', ରମେଶ ପାଣିଗ୍ରାହୀଙ୍କ 'ଗୋଟିଏ ବୃତ୍ତ ଆଙ୍କିବାର ସହଜ ପ୍ରଣାଳୀ', ନାରାୟଣ ସାହୁଙ୍କର 'ଆଶ୍ରା ଖୋଜି ବୁଲୁଥିବା ଈଶ୍ୱର' ପ୍ରଭୃତି

ଏହି ପ୍ରକାର ନାଟକ । କେଉଁଠି ଈଶ୍ୱର ଭିକାରି ପାଲଟି ମାଙ୍କଡ଼ ନଚାଏ ତ କେଉଁଠି ଘୋଡ଼ିଆ ଉପରେ ଚଢ଼ି ମନ୍ଦିରରେ ବୁଲ ମାରେ । କେଉଁଠି ପୁଣି ନିଜ ପରିଚୟ ଦେବା ପରେ ମଧ୍ୟ ଜନସାଧାରଣଙ୍କ ଦ୍ୱାରା ଗୃହୀତ ହୁଏନାହିଁ ।

**ମିଥ୍ ଓ ପ୍ରତୀକ :**

ଯେତେବେଳେ ନାଟ୍ୟକାର ଭବିଷ୍ୟତ ଆଡ଼କୁ ଚାହିଁ ପାରେନା, ସେ ଅତୀତ ଉନ୍ମୁଖୀ ହୁଏ । ସେ ବୁଝିପାରେ ଯେ, କୌଣସି ଘଟଣା ନୂଆକରି ଘଟୁନାହିଁ । କେବେ ତାକୁ ସ୍ୱାଭିମାନୀ ଦୁର୍ଯ୍ୟୋଧନ ଦିଶେ , କେବେ ହୀନମନ୍ୟତା ଭୋଗୁଥିବା କର୍ଣ୍ଣ, କେବେ ପ୍ରତୀକ୍ଷାର ଏକଟଣା ସ୍ୱର ଶବରୀ ବା ଅହଲ୍ୟା ଦିଶନ୍ତି । କେବେ ଦିଶନ୍ତି ନାରୀତ୍ୱର ଦୀପ୍ତି ଦ୍ରୌପଦୀ ବା ବ୍ୟକ୍ତିତ୍ୱମୟୀ ସୀତା । ସେମିତି ବାଳକ ଅଭିମନ୍ୟୁ, ଧରମା ବା ଶୁକଦେବ ନାଟ୍ୟକାରର ଦୃଷ୍ଟି ଆକର୍ଷଣ କରନ୍ତି । ଇତିହାସର ଚାଣକ୍ୟଙ୍କୁ ନେଇ ରତ୍ନାକର ଚଇନି ଲେଖନ୍ତି 'ଅଥଚ ଚାଣକ୍ୟ', ଯଦୁନାଥ ମହାପାତ୍ର 'କୋଣାର୍କ'କୁ ମିଥ୍ ଭାବରେ ନେଇ 'ଅଥବା ଅନ୍ଧାର' ରଚନା କରନ୍ତି । ଇତିହାସର ନନ୍ଦିକେଶ୍ୱରୀ ମନୋରଞ୍ଜନଙ୍କ କଲମରେ ପାଲଟନ୍ତି ଝିଅ କେଶରୀ । ପୁରାଣର କଂସ ବିଜୟ ଶତପଥୀଙ୍କର କଂସର ଆତ୍ମା, ଇତିହାସର ବୁଦ୍ଧଦେବ ବିଜୟ ମିଶ୍ରଙ୍କର 'ତଟନିରଞ୍ଜନା'ରେ ରୂପାନ୍ତରିତ ହୁଅନ୍ତି । ଲୋକକଥାର କଲୁରିବେଣ୍ଟ କଥା (ନୀଳାଦ୍ରିଭୂଷଣ ହରିଚନ୍ଦନ), ପକା କମ୍ବଳ ପୋତ ଛତା (ରମେଶ ପାଣିଗ୍ରାହୀ), ସୁନାକଳସ (ରତ୍ନାକର ଚଇନି) ଏଠାରେ ପ୍ରତୀକରେ ପରିଣତ ହେବା କଥା ମଧ୍ୟ ଆଲୋଚନା କରିବା । ପ୍ରତୀକ ଭାବକୁ ପ୍ରସାରିତ କରେ, ସଘନ କରେ ଓ ପ୍ରତିଷ୍ଠିତ କରେ । ମନୋରଞ୍ଜନଙ୍କ ଏକାଧିକ ନାଟକ ପ୍ରତୀକଧର୍ମୀ । 'ଅରଣ୍ୟ ଫସଲ'ର ନାମକରଣ ଓ ତନ୍ମଧ୍ୟରେ ଛେଳିର ବାରମ୍ବାର ଚିତ୍କାର ଉଭୟ ପ୍ରତୀକ ଧର୍ମୀ, ଯାହା ମଣିଷର କାମନା ବାସନାର ସ୍ୱରୂପ ଉଦ୍‌ଘାଟନ କରିଥାଏ । 'ବନହଂସୀ'ର କଣ୍ଠହୀନ ଘଣ୍ଟା, 'ବିତର୍କିତ ଅପରାହ୍ନ'ର ମାଧବ ପ୍ରତିମା, ହରିହର ମିଶ୍ରଙ୍କର 'ରାତିର ଦୁଇଟି ଡେଣା'ରେ ମଞ୍ଚ ଉପରେ ଫେରିବାଲାର ପସରାଟିଏ ଥୁଆ ହୋଇଥାଏ । ଏଥିରେ ଶୈଶବର ପ୍ରତୀକ ମୋଜା । ବିଜୟ ମିଶ୍ରଙ୍କ 'ଜଣେ ରାଜା ଥିଲେ'ର ଓଟମୁହାଁ ପ୍ରଜା ପ୍ରତିବାଦ ବିହୀନ ଜନତା । ସିଂହାସନ - ପ୍ରତିଷ୍ଠା ଓ ଅହଂକାରର, ଦେଶ ବିବେକର ପ୍ରତୀକ । 'ମହାନାଟକ'ର (ରମେଶ ପାଣିଗ୍ରାହୀ) ରାଜା ଖରାଦିତ୍ୟ ଅବୁଝା ପୌରୁଷହୀନ ଓ ତୋଷାମୋଦରେ ଆନନ୍ଦ ପାଉଥିବା ଶାସକ । ସେ ପ୍ରତିଦିନ ମାଠିଆରେ ଗୋଡ଼ଇ ପକାଇ ଟହଟହ ହସନ୍ତି । ଏହା ତାଙ୍କ ପୌରୁଷହୀନତାର ପ୍ରତୀକ । ସେ କ୍ଷୌରୋତ୍ସବ କରାନ୍ତି । ପାଣି ନମିଳିଲେ ଅତର ବ୍ୟବହାର କରିବାକୁ ଆଦେଶ ଦିଅନ୍ତି । ରାଣୀ କେତକୀଗନ୍ଧାଙ୍କର ପ୍ରତୀକ୍ଷା ନିଷ୍ଫଳ ହୋଇଯାଏ । ତେଣୁ ସେ ଅବନ୍ତୀ ସାଧବଠାରୁ ସ୍ୱପ୍ନ କିଣନ୍ତି । ରମେଶ ପାଣିଗ୍ରାହୀଙ୍କର 'ଜଣେ ମହାପୁରୁଷଙ୍କ ଜନ୍ମ ଓ ମୃତ୍ୟୁ ସମ୍ପର୍କରେ'ରେ ମାଧବୀ ପିଙ୍‌ପଙ୍‌ ଓ ନାଇଟ୍‌କୁଇନ୍‌ ବେଙ୍ଗ ଦୁଇଟିକୁ ଅପତ୍ୟ ସ୍ନେହରେ ପାଳନ କରନ୍ତି । 'କ୍ଳାନ୍ତ ପ୍ରଜାପତି'ର (ମନୋରଞ୍ଜନ ଦାସ) ଗୋଲାପ ତୋଡ଼ା ଦକ୍ଷିଣାବର୍ତ୍ତ ଶଙ୍ଖ ମଧ୍ୟ ପ୍ରତୀକ ଭାବରେ ବ୍ୟବହୃତ । ଏ ସମ୍ପର୍କରେ ନାଟ୍ୟକାର କୁହନ୍ତି, "ଇତିହାସ ମାନବର ଉତ୍‌ଥାନ-ପତନ ପୂର୍ଣ୍ଣ କର୍ମମୟ ବାସ୍ତବ ଜୀବନର ଚିତ୍ରଣ କଲାବେଳେ ନାଟକ କଳ୍ପନା-ପ୍ରସୂତ କଳାତ୍ମକ ସୃଷ୍ଟିକ୍ରିୟା ଦ୍ୱାରା ଜୀବନକୁ ସଂଜୀବିତ କରାଏ । ଅତଏବ ଐତିହାସିକ ନାଟକ ହେଉଛି ଇତିହାସର ସତ୍ୟ ଓ କଳ୍ପନାର ମିଥ୍ୟା - ଏହି ଉଭୟର ମଧୁର ମିଳନ । ଅଥଚ ସତର୍କତାର ସମନ୍ୱୟରେ ସୃଷ୍ଟି ଏକ ମନୋଜ୍ଞ ଶିଳ୍ପନିର୍ଯ୍ୟାସ ।" (ମୁଖଶାଳା - କଟକ ନଗର ବରଷ ହଜାର, ପୃ.ଘ) ଏହା କଟକ ନଗରର ସହସ୍ର ବାର୍ଷିକୀ ପାଳନ ଅବସରରେ (୧୦।୧୨।୧୯୮୯)ରେ ପ୍ରଥମେ ଅଭିନୀତ ହୋଇଥିଲା । ପ୍ରସ୍ତାବନା ସହିତ ଏଥିରେ ପ୍ରଥମ ଅଧ୍ୟାୟରେ ନୃପ

କେଶରୀ, ବାଇମୁଣ୍ଡି ଓ ମର୍କତ କେଶରୀଙ୍କ କଥା, ଦ୍ୱିତୀୟ ଅଧ୍ୟାୟରେ ଚୋଡ଼ଗଙ୍ଗ, ଅନଙ୍ଗଭୀମ, ବିଷ୍ଣୁଦେବ, ଲାଙ୍ଗୁଳା ନରସିଂହ ଓ ଶିବେଇ ସାନ୍ତରାଙ୍କ କାହାଣୀ, ତୃତୀୟ ଅଧ୍ୟାୟରେ ପ୍ରତାପରୁଦ୍ର ଓ ଶ୍ରୀଚୈତନ୍ୟଙ୍କ କାହାଣୀ, ଚତୁର୍ଥ ଅଧ୍ୟାୟରେ କଳାପାହାଡ଼ ଓ ମୁକୁନ୍ଦ ଦେବ, ପଞ୍ଚମ ଅଧ୍ୟାୟରେ ରାଜା ମାନସିଂହ, ତୋଡ଼ରମଲ୍ଲ, ସୁବାଦାର ବାଖର ଖାଁ ଓ ମାତାକତ୍ ଖାଁ, ଷଷ୍ଠ ଅଧ୍ୟାୟରେ ବର୍ଗୀ ସେନାପତି ଭାସ୍କର ପଣ୍ଡିତ ଓ ଇଂରେଜ ସେନାପତି କର୍ଣ୍ଣେଲ ହାରକୋଟ୍, ସପ୍ତମ ଅଧ୍ୟାୟରେ ନଅଙ୍କ ଦୁର୍ଭିକ୍ଷର ଶେଷଭାଗ, ସାଡାରଣ ଜନତା ଓ କମିଶନର ରେଭେନ୍‌ସା ସାହେବଙ୍କ ଘଟଣା ସ୍ଥାନିତ ହୋଇଛି । ଅଷ୍ଟମ ଅଧ୍ୟାୟରେ ବ୍ରିଟିଶ ସାମ୍ରାଜ୍ୟ ବିରୁଦ୍ଧରେ କଟକ ତଥା ସୁଭାଷ ବୋଷଙ୍କ ଆହ୍ୱାନ କଥା କୁହାଯାଇଛି । ଏଥିରେ ନାଟ୍ୟକାର କୌଶଳରେ କଟକର ଭୂଗୋଳ, ଇତିହାସ, ଶିଳ୍ପ-ନୈପୁଣ୍ୟ, ନୃତ୍ୟ ସଙ୍ଗୀତର ମାଧୁର୍ଯ୍ୟ ପ୍ରଭୃତି ସ୍ଥନିତ କରିଛନ୍ତି ।

ନିର୍ମଳ ମିଶ୍ରଙ୍କର 'ପୁଣି ଚାଖିଆ ଲେଉଟିଲା' ଓ 'ସାତ ଲହରୀର ରାଜହଂସ' ଇତିହାସ ପିଣ୍ଡିତ । ଚାଖି ଖୁଣ୍ଟିଆଙ୍କୁ ଝାନ୍‌ସୀ ରାଣୀ ଲକ୍ଷ୍ମୀବାଇ ଗୁରୁ ରୂପେ ସ୍ୱୀକାର କରିଥିଲେ । ଏଥିରେ ଓଡ଼ିଆମାନଙ୍କର ଦେଶଭକ୍ତି, ପୁରୀ ସଂସ୍କୃତି, ଜୟଦେବଙ୍କ ଦଶାବତାର ଓଡ଼ିଶୀ ସଂଗୀତ ସହିତ ଗୀତାର ଶ୍ଳୋକ ମଧ୍ୟ ରହିଛି । 'ସାତ ଲହରୀର ରାଜହଂସ'ର ନାୟକ, ଜଗନ୍ନାଥ ଦାସ ଯାହାଙ୍କ ଆଶ୍ରମ ପାଇଁ ସ୍ଥାନ ଦେବାକୁ ଜଗନ୍ନାଥଙ୍କ ନିର୍ଦ୍ଦେଶରେ ସମୁଦ୍ର ସାତ ଲହଡ଼ି ଯାଏ ଘୁଞ୍ଚି ଯାଇଥିଲା ବୋଲି କୁହାଯାଏ, ଆଜି ମଧ୍ୟ ସାତ ଲହଡ଼ଇ ମଠ ରହିଛି, ଯାହା ଭକ୍ତ ପ୍ରବର ଜଗନ୍ନାଥ ଦାସଙ୍କର ଐକାନ୍ତିକ ଭକ୍ତି ଓ ଆତ୍ମସମର୍ପଣର ପ୍ରତୀକ ।

କ୍ରମେ ସଂରକ୍ଷଣବାଦର କାୟା ବିସ୍ତୃତ ହୋଇଛି । ସଂରକ୍ଷଣକୁ ନେଇ ରାଜନୀତି ମଧ୍ୟ ସରଗରମ ହୋଇଛି । ଶଙ୍କର ତ୍ରିପାଠୀଙ୍କର 'ସାମ୍ରାଜ୍ୟ ପତନର ବେଳ' 'ରାବଣଛାୟା' ପ୍ରଭୃତି ଏହି ଶ୍ରେଣୀର ସୃଷ୍ଟି । ରତି ମିଶ୍ରଙ୍କର 'ରୁଦ୍ଧ ଦ୍ୱାର' 'ମଧୁବାବୁଙ୍କ କାଳିଆ ଘୋଡ଼ା' ପ୍ରଭୃତି ଏହି ସମସ୍ୟାକୁ ଆଲୋକିତ କରିଥାଏ । ରଣଜିତ୍ ପଟ୍ଟନାୟକଙ୍କ 'ଗୋଇଠା ବାବା'ରେ ନିମ୍ନବର୍ଗର ଗୋକୁଳ ପ୍ରତିଶୋଧ ନେବାର ଉପାୟ ପାଞ୍ଚି ଗୋକୁଳି ବାବା ପାଲଟେ ଓ ସମସ୍ତଙ୍କୁ ଗୋଇଠା ମାରି କାର୍ଯ୍ୟସିଦ୍ଧି କରୁଛି ବୋଲି କହିଦିଏ । ଫଳରେ ଯେତେ ମନ୍ତ୍ରୀ ଯନ୍ତ୍ରୀ, ବ୍ୟବସାୟୀ ସମସ୍ତେ ଆସି ଗୋକୁଳିଠାରୁ ଗୋଇଠା ଖାଇ କାର୍ଯ୍ୟ ସିଦ୍ଧି କରିବେ ବୋଲି ଧାଡ଼ି ଲଗାନ୍ତି । ଗୋକୁଳିର କ୍ରୋଧ ଶାନ୍ତ ହୁଏ । ବିଶ୍ୱଜିତ ଦାସଙ୍କ 'ମହାମନ୍ତ୍ର'ରେ ଆଦିବାସୀ ଯୁବକ ମନ୍ତ୍ରୀ ହେବା ପରେ ଭୁଲିଯାଏ ନିଜର ସ୍ୱଜନମାନଙ୍କୁ ଫଳରେ ତାଙ୍କ ମୁଲକର ପାହାଡ଼ ମଧ୍ୟ ନିଲାମ ହୋଇଯାଏ ।

**ରାଜନୀତିକ ପ୍ରେକ୍ଷାପଟ୍ଟରେ ନାଟକ :**

ସାହିତ୍ୟ ଓ ରାଜନୀତି ପରସ୍ପର ସହିତ ସମ୍ପୃକ୍ତ । କେତେବେଳେ ରାଜନୀତି ପଛରେ ସାହିତ୍ୟ ଚାଲେ ତ କେବେ ସାହିତ୍ୟ ପଛରେ ରାଜନୀତି । ନାଟକରେ କିନ୍ତୁ ସେ ରାଜନୀତି ସାର୍ବକାଳିକ ସ୍ତରକୁ ଉନ୍ନୀତ ହୋଇଯାଏ । ଯେମିତି ବିଜୟ ମିଶ୍ରଙ୍କ 'ଜଣେ ରାଜା ଥିଲେ' । ପ୍ରକୃତରେ ଜଣେ ରାଜା ଥିଲେ ଓ ରହିଥିବେ । ପ୍ରଜାମାନେ ରାଜଭକ୍ତ ହେବାର ପ୍ରହସନ କରି ରାଜାଙ୍କ ନାମରେ ଭଣିତା ସଙ୍ଗୀତ ଗାଉଥିବେ । ମଣିଷ ମୁହଁ ଉପରେ ଓଟର ମୁଖା ଲଗାଇବାକୁ ତାଗିଦା ହେଉଥିବ । ସେମିତି ରାଜନୀତିକ ବ୍ୟଙ୍ଗ ହେଉଛି ଶଙ୍କର ତ୍ରିପାଠୀଙ୍କର ଶୁଣିବା ହେଉ ଏ କାହାଣୀ । ରତ୍ନାକର ଚଇନିଙ୍କର 'ସୁନା କଳସ' ଓ ରତି ମିଶ୍ରଙ୍କ 'ଦେଖ ବରଷା ଆସୁଛି' । 'ଦେଖ ବରଷା ଆସୁଛି' ଜାତୀୟ ଜରୁରୀ କାଳୀନ ପରିସ୍ଥିତିରେ ରଚିତ । 'ସୁନାକଳସ'ରେ ହାତୀ ଯାହା ମୁଣ୍ଡରେ ସୁନା କଳସ ଢାଳିବ ସେ ରାଜା ହେବେ ବୋଲି କୁହାଯାଇଛି, ମାତ୍ର ହାତୀ

ଚତୁର ନୁହେଁ ଓ ସୁନା କଳସ ପାଣିରେ ଯିଏ ଗାଧୋଇ ରାଜପଦରେ ଅଭିଷିକ୍ତ ହେବ ତାର ଶାସନର ଅନୁଭୂତି ବା ଆଗ୍ରହ କିଛି ନଥିବ । ବିଜୟ ମିଶ୍ରଙ୍କ 'ନିଧି ବାବୁ ଘରେ ଅଛ ?'ରେ ଅହିଂସାର ପ୍ରତୀକ ଅରଟରେ ବୟସ୍କ ନିଧିବାବୁ ନରହତ୍ୟା କରିଛନ୍ତି, କାରଣ ଆଜିର ରାଜନୀତି କରୁଥିବା ନୂତନ ପିଢ଼ିର ମଣିଷମାନେ ନାରୀ ପ୍ରତି ଅସଦାଚରଣ କରନ୍ତି ଓ ବୟସ୍କମାନଙ୍କ ଅନୁଭବକୁ ଉପଯୋଗ କରନ୍ତି ।

**ଶିକ୍ଷାନୁଷ୍ଠାନରେ ମୂଲ୍ୟବୋଧର ଦୁର୍ଗତି :**

ଆମେ 'ମୃଗୟା'ରେ ଦେଖିଛେ ବୟସ୍କ ବିବେକାନନ୍ଦ ଅଭାବର ତାଡ଼ନାରେ ପୁନର୍ବାର ନିଜର ଛାତ୍ର କରିଥିବା ସ୍କୁଲରେ ଯୋଗ ଦିଅନ୍ତି । ଛାତ୍ରଜଣକ ଚାହେଁ ସ୍କୁଲ ସେକ୍ରେଟାରୀଙ୍କ ଅଯୋଗ୍ୟ ପୁତ୍ର ପାସ୍ କରିଯାଉ । ସେଥିପାଇଁ ବିବେକାନନ୍ଦ ଲାଞ୍ଚ ମାଗନ୍ତି । ଏହା ତାଙ୍କ ପକ୍ଷରେ କେତେ ମର୍ମାନ୍ତକ ତାହା ଦର୍ଶକ ମାତ୍ରେ ବୁଝିପାରେ । ରତି ମିଶ୍ରଙ୍କ 'ମଧୁବାବୁଙ୍କ କାଳିଆ ଘୋଡ଼ା'ରେ ମଧୁବାବୁଙ୍କଠାରୁ କାଳିଆ ଘୋଡ଼ାର ଗୁରୁତ୍ୱ ବଢ଼ିଯାଏ । ନାରାୟଣ ସାହୁଙ୍କ 'ମୂଷା'ରେ ଶିକ୍ଷାନୁଷ୍ଠାନର ସମସ୍ତ ନଥିପତ୍ର ଫାଇଲ ମୂଷା ଖାଇଦିଏ ଓ ପ୍ରତି ବର୍ଷେ ଦିବର୍ଷରେ ନୂଆ କରି ଶିକ୍ଷାନୁଷ୍ଠାନର ମାନ ଯାଞ୍ଚ କରାଯାଏ । ମୂଷା ଖାଇଯିବା କଥାଟି ଚତୁର ମଣିଷଙ୍କ ସତର୍କତା ବୋଲି ଜାଣି ହୋଇଯାଏ ।

**ଖବରକାଗଜ ଓ ଗଣମାଧ୍ୟମର ମାନସିକତା :**

ଆମେ ବିଶ୍ୱଜିତ ଦାସଙ୍କ 'ନିଜ ପ୍ରତିନିଧିଙ୍କଠାରୁ' ନାଟକରେ ସାମ୍ବାଦିକଙ୍କର ଦୁର୍ଦ୍ଦଶା ଦେଖିଥିଲୁ । ଦିସ୍ତାଏ ଅଫିସ କାଗଜ ଚୋରିର ଖବର ବାହାର କରି ସାମ୍ବାଦିକ ମହାଶୟ ପଡ଼ୋଶୀଙ୍କୁ ଚାକିରିରୁ ସସ୍‌ପେଣ୍ଡ କରିଦିଅନ୍ତି ଅଥଚ ବନ୍ଧୁଙ୍କ କ୍ଷମତା ବୁଝିନପାରି ପାଣିପମ୍ପ ଜଳସେଚନ ପାଇଁ ଲୋଡ଼ା ବୋଲି ସମ୍ବାଦ ଦେଇ ବନ୍ଧୁଙ୍କ ଅଚଳ ପମ୍ପ ବିକାଇ ଦିଅନ୍ତି । ସେମିତି ନାରାୟଣ ସାହୁଙ୍କର 'ମୂକ'ରେ ସାମ୍ବାଦିକଙ୍କୁ ହତ୍ୟା କରାଯାଏ ଓ ତାଙ୍କ ପତ୍ନୀଙ୍କ ଜିଭ କାଟି ଦିଆଯାଏ । ସତ୍ୟର କଣ୍ଠରୋଧ ପାଇଁ ରଜନୀତିରେ ଏହି ଭୟଙ୍କର ଖେଳ ଚାଲିଥାଏ । 'ଜାତୀୟ ସଂକଟ'ରେ (ରମେଶ ପାଣିଗ୍ରାହୀ) ୧୯୯୯ର ମହାବାତ୍ୟା ବିଷୟ ବର୍ଣ୍ଣିତ । 'ଅଥଚ ଚାଣକ୍ୟ'ର ସଂଯୋଜକ ଚରିତ୍ରଟି ସାମ୍ବାଦିକ, ଯିଏ ଇତିହାସର ଘଟଣା ସହିତ ସାମ୍ପ୍ରତିକତାକୁ ଯୋଡୁଥାଏ । ବିଜୟ ଶତପଥୀଙ୍କ 'ପ୍ରଳୟ ପରେ' ନାଟକର ସାମ୍ବାଦିକ ଜଣେ ବଗୋଇଠା ବାବିପର୍ଯ୍ୟସ୍ତା ନାରୀଠାରୁ ତାର ଅତୀତ କାହାଣୀ ଶୁଣନ୍ତି ଓ ନିଜ ଅଜାଣତରେ ପରିବେଶ ସହିତ ଯୋଡ଼ି ହୋଇ ଯାଆନ୍ତି । ସାମ୍ବାଦିକମାନଙ୍କ ପାରିବାରିକ ଓ ରାଜନୀତିକ ଜୀବନ ମଧ୍ୟରେ ଥିବା ଦ୍ୱନ୍ଦ୍ୱ ଅନେକ ନାଟକରେ ପରିବେଷିତ ହୋଇଛି ।

**ନୂତନ ନାଟକ ସୃଷ୍ଟି :**

ମିଥ୍ ଓ ପ୍ରତୀକ ପୁରାତନ ଚରିତ୍ରମାନଙ୍କୁ ପୁନରାବିଷ୍କାର କରେ ଓ ତହିଁରେ ନୂତନ ଅର୍ଥ ପ୍ରତୀତି ଯୋଡ଼ିଦିଏ । ଯେତେବେଳେ କୃଷ୍ଣ, ରାମ, ଦୁର୍ଯ୍ୟୋଧନ ବା ଚାଣକ୍ୟମାନେ ନୂଆ ପିଢ଼ିରେ ନିଜକୁ ଚଳାଇପାରନ୍ତି ନାହିଁ ଓ ମିଥ୍ ହୋଇ ରହିଯାଆନ୍ତି, ସେତେବେଳେ ନୂଆ ତାରକା ସୃଷ୍ଟି ହୁଅନ୍ତି । ସେ କଳାପାହାଡ଼ ହେଉ, 'କାଠଘୋଡ଼ା'ର ନିର୍ଦ୍ଦେଶକ ହୁଅନ୍ତୁ ବା ବିଜୟ ଶତପଥୀଙ୍କ କର୍ଣ୍ଣ ହୁଅନ୍ତୁ । ବିଜୟ ମିଶ୍ରଙ୍କର 'ନିଧିବାବୁ ଘରେ ଅଛ ?'ର ଅଶୀତିପର ବୟସର ନିଧିବାବୁ ଅହିଂସାର ପ୍ରତୀକ ଅରଟ ଧରି ନରହତ୍ୟା କରନ୍ତି । ଏକଦା ସେ ମିଛି କେସ୍‌ରେ ଜେଲ ଯାଇଥିଲେ, ମାତ୍ର ଏବେ ସେ ଜେଲ ଯିବାକୁ ପ୍ରସ୍ତୁତ; କାରଣ ସେ ଜାଣନ୍ତି ସମାଜର ଦୁଷ୍ଟବ୍ରଣକୁ ହତ୍ୟାକରି ସେ ଭୁଲ କରିନାହାନ୍ତି । ପ୍ରମୋଦ ତ୍ରିପାଠୀଙ୍କ ପାର୍ଥ ଏହିଭଳି ନାଟକ । 'ଅଥଚ ଚାଣକ୍ୟ'ର ଚାଣକ୍ୟ କୁରୂପ ପଣ୍ଡିତ ନୁହଁନ୍ତି, ଉଚ୍ଚଶିକ୍ଷିତ ଯୁବକ, ଯିଏ ମାତୃଭୂମିକୁ ନନ୍ଦ

ଅତ୍ୟାଚାରରୁ ରକ୍ଷା କରିବାକୁ ପ୍ରତିଶ୍ରୁତିବଦ୍ଧ । 'ଗୋଇଠା ବାବା'ର (ରଣଜିତ ପଟ୍ଟନାୟକ) ଗୋକୁଳି ମଧ୍ୟ ନବନାୟକ ଶ୍ରେଣୀଭୁକ୍ତ ହୋଇପାରେ ।

**ରୂପାନ୍ତରୀକରଣର ଧାରା :**

ଏହାର ଇଂରାଜୀ ପ୍ରତିଶବ୍ଦ Transformation । ଇଟାଲୀର ନାଟ୍ୟକାର ଲୁଇଜ୍ ପିରାନ୍ଦେଲୋଙ୍କ Six Characters in Serch of a Author ନାଟକ ଖୁବ୍ ପ୍ରସିଦ୍ଧ ନାଟକ, ଯାହା ଓଡ଼ିଆ ନାଟ୍ୟକାରମାନଙ୍କୁ ନାଟକ ରଚନା ପାଇଁ ପ୍ରେରଣା ଦେଇଛି । ମିହିର ମେହେରଙ୍କ 'ନାଟକ ଶକୁନ୍ତଳା'ରେ ଦୁଷ୍ମନ୍ତ ଚରିତ୍ର କେତେବେଳେ ବସନ୍ତ ଚରିତ୍ରରେ ରୂପାନ୍ତରିତ ହୋଇଯାଏ । ବିଜୟ ଶତପଥୀଙ୍କ 'ଏଇ ଯେ ସୂର୍ଯ୍ୟ ଉଏଁ'ରେ ରାଜା ମନ୍ତ୍ରୀ ପାରିଷଦ ବର୍ଗ ନାଟକର ଦ୍ୱିତୀୟ ଅଂକରେ ଶାସକ ଓ ତାଙ୍କର ସହଯୋଗୀ ପାଲଟି ଯାଆନ୍ତି । ସୂର୍ଯ୍ୟ, ବିବର୍ତ୍ତନ ରାୟ, କୃଷ୍ଣକେଶବରେ ରୂପାନ୍ତରିତ ହୁଅନ୍ତି । ରତି ମିଶ୍ରଙ୍କ 'ଅବତାର'ରେ ସାମ୍ପ୍ରତିକ ଚାକିରି ପାଇଁ ଧାଉଁଥିବା ଯୁବକ ରଣଜିତ୍ ପଟ୍ଟନାୟକ ମଧ୍ୟରେ ପୁରାଣର ଚନ୍ଦ୍ର, ଅଭିମନ୍ୟୁ ଓ ଇତିହାସର ଧରମା ଏକୀଭୂତ ହୋଇ ଯାଆନ୍ତି ଅର୍ଥାତ୍ ଚନ୍ଦ୍ର ଅଭିମନ୍ୟୁ ଓ ଧରମା ଅଳ୍ପାୟୁ ଯଦିଚ ସେମାନଙ୍କ ଭିତରେ ଅନେକ ସମ୍ଭାବନା ଥିଲା । ବିଶ୍ୱଜିତ୍ ଦାସଙ୍କର 'ମହାମାୟା ଅପେରା'ରେ ଯିଏ ଗୋଟିଏ ଦୃଶ୍ୟରେ ଚୋର, ପରବର୍ତ୍ତୀ ଦୃଶ୍ୟରେ ପୋଲିସ୍ ପାଲଟିଯାଏ । ନାରାୟଣ ସାହୁଙ୍କର 'ସବା ଶେଷଲୋକ' ଏହି ରୂପାନ୍ତରୀକରଣର ନାଟକ । ଏହି ନାଟକରେ ଉପର ମଞ୍ଚରେ ଧ୍ୟାନମଗ୍ନ ପକ୍ୱକେଶ ବୃଦ୍ଧ ବସିଥାଆନ୍ତି ଯିଏ 'ମହାଲୋକ' । ପର ପାହାଚରେ ମଦ୍ୟପାନ ଭଙ୍ଗୀରେ 'ଆଗଲୋକ', ତାପରେ ହତ୍ୟା କରିବା ଭଙ୍ଗୀରେ 'ନିଜଲୋକ' । ଜାତୀୟ ପତାକା ଧରିବା ଭଙ୍ଗୀରେ 'ଶେଷଲୋକ' ଓ ହସ୍ତପଦ ବନ୍ଧା ହୋଇଥିବା 'ସବା ଶେଷ ଲୋକ' ସବା ଶେଷ ପାହାଚରେ ରହିଥାଆନ୍ତି । ଏହି ନାଟକରେ ଆଦିଲୋକ ହେଉଛି ଜଣେ ନାରୀ ଚରିତ୍ର ଯାହାକୁ ଆମେ ଆଦିନାରୀ ବା ଆଦି ଜନନୀ Architype ଭାବେ ଗ୍ରହଣ କରିପାରିବା ଏହା ମଧ୍ୟ ରାଜନୀତି ସଚେତନତାର ନାଟକ । ଯଦୁନାଥ ଦାସ ମହାପାତ୍ରଙ୍କର 'ଅଥବା ଅନ୍ଧାର'ରେ ନୃତତ୍ତ୍ୱବିତ୍ ଅଧ୍ୟାପକ ନୃସିଂହ ମହାପାତ୍ର ଇତିହାସର ଲାଙ୍ଗୁଳା ନରସିଂହ ଦେବ, ବିଶ୍ୱରଞ୍ଜନ ବିଶୁ ମହାରଣା, ଅଧ୍ୟାପକଙ୍କ କନ୍ୟା ମାଦିନୀ ଦେବଦାସୀ ମାଳିନୀରେ ରୂପାନ୍ତରିତ ହୋଇଯାଏ ।

ଏହିପରି ଭାବରେ ଅଶୀଦଶକ ପରର ନାଟକରେ ବିଭିନ୍ନ ପରୀକ୍ଷା ଓ ପ୍ରୟୋଗ ଆମେ ଦେଖିଥାଉ, ଯେଉଁଥିରେ ଜୀବନ, ଦର୍ଶନ ସହିତ ସମୟର ଆହ୍ୱାନ ପ୍ରତିଫଳିତ । ଆଜି ରଙ୍ଗମଞ୍ଚରେ ପୁରୁଣା ନାଟକକୁ ପୁନର୍ବାର ଦେଖିବାକୁ ଦର୍ଶକ ଚାହୁଁଛନ୍ତି । ଅନୂଦିତ ନାଟକ ଦେଖିବାର ରୁଚି ବଢ଼ିଛି । ନୂତନ ନାଟ୍ୟକାରମାନେ ନିଜନିଜ ନାଟ୍ୟ ସଙ୍ଗଠନ ପାଇଁ ନାଟକ ଲେଖୁଛନ୍ତି । ତେଣୁ ନାଟକ କର୍ମଶାଳା, ନାଟକ ଉତ୍ସବମାନ ହେଉଥିବା ସମୟରେ ନାଟକ ପ୍ରତିଯୋଗିତା ପାଇଁ ଆଗ୍ରହ ପରିଦୃଷ୍ଟ ହେଉନାହିଁ ।

୧୯୮୦ରୁ ୨୦୨୪ ପ୍ରାୟ ୪୫ ବର୍ଷର କାଳଖଣ୍ଡ ମଧ୍ୟରେ ନାଟକ ନିଜ ମୂଳକୁ ଫେରିଛି ଓ ବିଶ୍ୱନାଟକ ତଥା ଭାରତୀୟ ନାଟକ ସହିତ ସମତାଳରେ ଅଗ୍ରଗତି କରିଚାଲିଛି ।

●

# ମାତୃଭାଷା ଓ ଜାତୀୟ ଅସ୍ମିତା

ପ୍ରଫେସର ବସନ୍ତ କୁମାର ପଣ୍ଡା

*"ମନେରଖିବାକୁ ହେବ ଯେ ଓଡ଼ିଆ ଭାଷା ଉପରେ ଆମ୍ଭମାନଙ୍କର ଜାତୀୟ ସତ୍ତା ନିର୍ଭର କରେ । ଭାଷା ଲୋପ ପାଇଲେ ଓଡ଼ିଆ ଜାତି ଲୋପ ପାଇବ । ସୁତରାଂ ଓଡ଼ିଆ ଭାଷା ଆମମାନଙ୍କ ପକ୍ଷେ ଜୀବନ ମରଣର ସମସ୍ୟା ।" - ପଣ୍ଡିତ ଗୋପବନ୍ଧୁ ଦାସ*

ମାତୃଭାଷାର ପ୍ରକୃତ ସ୍ୱରୂପ କ'ଣ ? ଏଇ ଏକ ଜଟିଳ ପ୍ରଶ୍ନ । ସହଜଭାବେ ବୁଝିବାକୁ ଗଲେ କୁହାଯିବ ଜନ୍ମରୁ ଶିଶୁ ଯେଉଁ ଭାଷା ସହିତ ଓତଃପ୍ରୋତ ଭାବେ ଜଡ଼ିତ, ଅନୁକରଣ, ଶ୍ରବଣ ଓ କଥନ ମାଧ୍ୟମରେ ଯେଉଁ ଭାଷା ଶିଖି ସେଥିରେ କଥା କହିବା ପାଇଁ ଚେଷ୍ଟିତ, ଯେଉଁ ଭାଷାରେ ନିଜର ପିତାମାତା, ଜ୍ଞାତି କୁଟୁମ୍ବ, ପ୍ରିୟ ପରିଜନଙ୍କ ସହିତ ଭାବର ଆଦାନ ପ୍ରଦାନରେ ଅଭ୍ୟସ୍ତ, ଯେଉଁ ଭାଷା ତା'ର ବ୍ୟକ୍ତିଗତ, ସାମାଜିକ ଓ ସାଂସ୍କୃତିକ ପରିଚୟ ନିର୍ମାଣ କରେ ତାହା ହିଁ ମାତୃଭାଷା । ପ୍ରାଣର ଭାଷା । ମାତୃଭାଷା ବ୍ୟକ୍ତିର ଚିନ୍ତାର ଦ୍ୟୋତକ, ବ୍ୟକ୍ତିତ୍ୱର ପରିଚୟ ଓ ଅଭିବ୍ୟକ୍ତିର ମାଧ୍ୟମ । ମା' କୋଳରୁ ଏକ ଭାଷା ଶିକ୍ଷାର ନିତ୍ୟନିୟତି ଧାରା ଆରମ୍ଭ ହୋଇଥାଏ । ଧମନୀରେ ରକ୍ତ ପରି, ଶ୍ୱାସପ୍ରକ୍ରିୟାରେ ବାୟୁ ପରି, ଜୀବନ ପ୍ରବାହରେ ଜଳ ପରି ମାତୃଭାଷା ବ୍ୟକ୍ତି ଜୀବନରେ ଅନିବାର୍ଯ୍ୟ ଓ ଅବିକଳ୍ପ ଭୂମିକା ନିର୍ବାହ କରିଥାଏ । ମାତୃଭାଷା ସାମାଜିକ ଓ ଭାଷିକ ପରିଚୟର ବାହକ ଓ ସ୍ୱାଭାବିକ ଜୀବନ ସାଧନର ମାଧ୍ୟମ । ତାହା ବ୍ୟକ୍ତିର ମନୋଜଗତରେ ବିପୁଳ ସ୍ମୃତିର ଓ ପ୍ରତୀକର ଗୋଟିଏ ଭଣ୍ଡାର ସୃଷ୍ଟି କରିଥାଏ । ଜ୍ଞାନ ନିର୍ମାଣର ପ୍ରକୃଷ୍ଟ ମାଧ୍ୟମ ହୋଇଯାଏ । ଏହା ଚିନ୍ତା ଚେତନାର ଉତ୍ସ । ଆମ ପରିଚୟର ପ୍ରଧାନ ସାଧନ । ଜୀବନ ଓ ଜଗତକୁ ବୁଝିବା ପାଇଁ ଏହା ବ୍ୟକ୍ତିକୁ ସମର୍ଥ କରେ । ସମାଜର ସକଳ ପ୍ରକାର ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟରେ ମାତୃଭାଷାର ଭୂମିକା ଅନିବାର୍ଯ୍ୟ ଓ ଅସାମାନ୍ୟ ।

ଶିଶୁଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଭାଷିକ ପରିବେଶରେ ଜନ୍ମ ହୋଇ ଶୈଶବରୁ ଯେଉଁ ଭାଷା ଶିଖୁଥାଏ ତାହା ତା'ର ମାତୃଭାଷା ଭାବେ ଚିହ୍ନିତ । ଅନ୍ୟ କଥାରେ ତାହାକୁ ପ୍ରଥମ ଭାଷା ମଧ୍ୟ କୁହାଯାଏ । ଭାଷା ଶିକ୍ଷାର ଚାରୋଟି ମୌଳିକ କୌଶଳ ମଧ୍ୟରୁ ପ୍ରଥମ ଦୁଇଟି ଶ୍ରବଣ ଓ କଥନ ଏ କ୍ଷେତ୍ରରେ ଅଧିକ ପ୍ରୟୋଜନ । ପରବର୍ତ୍ତୀ ସମୟରେ ଶିଖିଥାନ୍ତି ପଠନ ଓ ଲିଖନ । ଯେତେବେଳେ ଦ୍ୱିତୀୟ ଭାଷା ଶିକ୍ଷାର ସମୟ ଆସେ ସେତେବେଳେ ଶିଶୁଟି ଦ୍ୱିଭାଷୀ (Bilingual) ହେବାର ସାମର୍ଥ୍ୟ ଅର୍ଜନ କରେ । କିନ୍ତୁ ମାତୃଭାଷା କ୍ଷେତ୍ରରେ ଭାଷାଶିକ୍ଷା ହୋଇଥାଏ ଅକୃତ୍ରିମ ଓ ସ୍ୱାଭାବିକ । ବେଳେବେଳେ ମାତୃଭାଷା କହୁଥିବା ବ୍ୟକ୍ତି ସେହି ଭାଷାର ବ୍ୟାକରଣ ନିୟମ ଜାଣିନଥାଏ । କିନ୍ତୁ ଭାବ ପ୍ରକାଶ କରିବାରେ ତା'ର କୌଣସି ଅନ୍ତରାୟ ନଥାଏ । ଅଭିଜ୍ଞତା ଓ ସ୍ୱଜ୍ଞା (Intuition) ବଳରେ ମାତୃଭାଷା ବ୍ୟବହାରରେ ସେ ଧୁରୀଣ ହୋଇଥାଏ ।

ସାଧାରଣ ବ୍ୟବହାର ଓ ଆବେଗିକ ସଂପର୍କ ଅନୁସାରେ ମାତୃଭାଷାର ଗୁରୁତ୍ୱ ଓ ପ୍ରାଧାନ୍ୟ କଳନା କରାଯାଏ । କିନ୍ତୁ ମାତୃଭାଷା, ପରିବାରର ଭାଷା ଓ ପରିବେଶର ଭାଷା ପୃଥକଭଭ ହେଲେ ସମସ୍ୟା ଜଟିଳ ହୁଏ । ପୂର୍ବରୁ ଏଇ ସମସ୍ୟା ନଥିଲା । ବର୍ତ୍ତମାନ କିନ୍ତୁ ପରିବର୍ତ୍ତିତ, ସାମାଜିକ ଓ ସାଂସ୍କୃତିକ ପରିସ୍ଥିତିରେ ଏଇ ସମସ୍ୟା ସାଧାରଣ । ଘରେ ମାଆଙ୍କ ଭାଷା ଭିନ୍ନ,

ବାପାଙ୍କ ଭାଷା ଭିନ୍ନ, ଆୟାର ଭାଷା ଭିନ୍ନ, ଘର ବାହାରେ ଶୁଣିବାକୁ ମିଳୁଛି ଅନ୍ୟ ଭାଷା, ସ୍କୁଲର ଶିକ୍ଷାର ମାଧ୍ୟମ ଅନ୍ୟ ଭାଷା, ସେଇ କ୍ଷେତ୍ରରେ ମାତୃଭାଷାର ପରିଚୟ ସଂକଟ । ମାତୃଭାଷାର ସ୍ୱରୂପ ନିର୍ଣ୍ଣୟ ପାଇଁ କେତୋଟି ଆଧାରକୁ ଗ୍ରହଣ କରାଯାଇଥାଏ ।

୧) ଜନ୍ମ ବା ଉଦ୍ଭବ ଆଧାରିତ : ଶିଶୁ ପ୍ରଥମେ ଯେଉଁ ଭାଷା ଉପଭାଷା ଶିଖେ ଓ ଭାଷିକ ସଂପର୍କ ରକ୍ଷାକରେ ।

୨) ଅନ୍ତଃ ପରିଚୟ ଆଧାରିତ : ବ୍ୟକ୍ତିଟି ଯେଉଁ ଭାଷାଭାଷୀ ବୋଲି ପରିଚୟ ଦିଏ ।

୩) ବହିଃ ପରିଚୟ ଆଧାରିତ : ବ୍ୟକ୍ତିଟିକୁ ଯେଉଁ ଭାଷାର ବୋଲି ଅନ୍ୟମାନେ ଜାଣନ୍ତି ।

୪) ଦକ୍ଷତା ଆଧାରିତ : ଯେଉଁ ଭାଷାରେ ବ୍ୟକ୍ତିର ସର୍ବୋତ୍ତମ ଦକ୍ଷତା ରହିଛି ।

୫) ଉପଯୋଗ ଆଧାରିତ : ଯେଉଁ ଭାଷା ସବୁଠାରୁ ବେଶୀ ଜଣେ ବ୍ୟବହାର କରେ ।

ମାତୃଭାଷା ହିଁ ଜଣେ ବ୍ୟକ୍ତିର ଜାତି, ଜାତୀୟତା, ସ୍ଥାନ, ସ୍ଥାନୀୟତା, ସାଂସ୍କୃତିକ ଏକନିଷ୍ଠତାକୁ ଚିହ୍ନିତ କରିଥାଏ । ବଂଶ, ପରମ୍ପରା, ଐତିହ୍ୟ ଓ ଜୀବନ ଦୃଷ୍ଟିର ପରିଚୟ ଦେଇଥାଏ ।

ଗୋଟିଏ ଭାଷାର ମୂଳ କଥକ (Native Speaker) କିଏ ? ଏହା ସ୍ଥିର କରିବା ସମଧିକ କଠିନ କାର୍ଯ୍ୟ । ଏହା ଜାଣିବା ପାଇଁ କୌଣସି ପରୀକ୍ଷା ନାହିଁ ଓ ମୂଳ କଥକମାନଙ୍କର କୌଣସି ଦଳ ବା ଗୋଷ୍ଠୀ ଅଛି କି ନାହିଁ, ତାହା ଜଣାନାହିଁ । ଏଇ ଭାଷାରେ କହୁଥିବା ଲୋକଙ୍କ ଭିତରେ କିଏ ମୂଳ ଭାଷାଭାଷୀ ଆଉ କିଏ ଦ୍ୱିତୀୟ ଭାଷାର ଅଧିକାରୀ ତାହା ସ୍ଥିର କରିବା ସହଜ ନୁହେଁ । 'Native Speaker : An Achievable Model' ନାମିତ ଏକ ନିବନ୍ଧରେ ନେଟିଭ୍ ସ୍ପିକରଙ୍କର ଛଅଟି ସାଧାରଣ ଲକ୍ଷଣ ବ୍ୟାଖ୍ୟା କରାଯାଇଛି । ଏହି ଲକ୍ଷଣଗୁଡ଼ିକୁ ସବୁ ବିଭାଗର ଆଲୋଚକମାନେ ଗ୍ରହଣ କରିଛନ୍ତି । ସେଇ ଆଲୋଚନାର ଆଧାରରେ ନିମ୍ନ ପ୍ରଦତ୍ତ ନିର୍ଦ୍ଦେଶିକା ଅନୁସାରେ ନେଟିଭ୍ ସ୍ପିକର ବା ମୂଳ ଭାଷାଭାଷୀଙ୍କୁ ଚିହ୍ନିତ କରାଯାଏ ।

୧) ଜନ୍ମ ଓ ଶୈଶବରୁ ଜଣେ ବ୍ୟକ୍ତି ଗୋଟିଏ ଭାଷାକୁ ଅଧିକାରକୁ ଆଣିଥାଏ ଓ ପରବର୍ତ୍ତୀ ସମୟରେ ତାହାର ବ୍ୟବହାରକୁ ଅବ୍ୟାହତ ରଖିଥାଏ ।

୨) ଗୋଟିଏ ଭାଷାରେ ଜଣେ ବ୍ୟକ୍ତିର ସ୍ୱଜ୍ଞାତ ଜ୍ଞାନ ଅନ୍ତର୍ନିହିତ ଥାଏ ।

୩) ଏହି ଭାଷାରେ ବ୍ୟକ୍ତି ସ୍ୱତଃସ୍ଫୂର୍ତ୍ତ ପ୍ରାଞ୍ଜଳଭାବେ ବୁଝାଇପାରେ ।

୪) ବିଭିନ୍ନ ସାମାଜିକ ପରିବେଶରେ ଜଣେ ଏହି ଭାଷାରେ ଆଦାନପ୍ରଦାନ ପାଇଁ ସମାନ ଦକ୍ଷତା ଅର୍ଜନ କରିଥାଏ ।

୫) ଏହି ଭାଷାଭାଷୀ ବୋଲି ନିଜେ ପରିଚୟ ଦିଏ ଓ ଅନ୍ୟମାନଙ୍କ ଦ୍ୱାରା ପରିଚିତ ହୁଏ ।

୬) ସେହି ବ୍ୟକ୍ତି କଥା କହିବାର ବାକ୍‌ଭଙ୍ଗୀରେ ଅନ୍ୟ କୌଣସି ବାହାର ଭାଷାର ବାଚନଭଙ୍ଗୀର ପ୍ରଭାବ ନଥାଏ ।

ମାତୃଭାଷା ବ୍ୟବହାରର ଅପରିହାର୍ଯ୍ୟ କ୍ଷେତ୍ରଗୁଡ଼ିକ ବିଷୟରେ ଆଲୋଚନା କରିବା ପ୍ରୟୋଜନ ଓ ମାତୃଭାଷାର ଉପଯୋଗ ବିନା ଯାହା ସଂପୂର୍ଣ୍ଣ ଓ ସାର୍ଥକ ହୋଇପାରେ ନାହିଁ ଓ ମାତୃଭାଷାରେ ହିଁ ତା'ର ସର୍ବୋତ୍ତମ ସଫଳତା ସମ୍ଭବ ହୋଇଥାଏ । ସେଗୁଡ଼ିକ ହେଲା:

୧) ପ୍ରତ୍ୟୟ ନିର୍ଣ୍ଣୟ (Concept Formation) - ଯେ କୌଣସି ବିଷୟକୁ ବୁଝିବାକୁ ହେଲେ ପ୍ରଥମ ତା' ବିଷୟରେ ଆମ ମନରେ ଗୋଟେ ଧାରଣା ସୃଷ୍ଟି ହୋଇଥାଏ । ତାହାହିଁ ପ୍ରତ୍ୟୟ ଚିତ୍ର । ପ୍ରମୂର୍ତ୍ତ ହେଉ କି ବିମୂର୍ତ୍ତ ହେଉ ଶବ୍ଦ ମାଧ୍ୟମରେ ତାହା ବିଷୟରେ ସ୍ପଷ୍ଟ ଧାରଣା ସୃଷ୍ଟି ହୁଏ ଆମ ମନରେ । ତାହା ମାତୃଭାଷା ବ୍ୟତୀତ ଆଦୌ ସହଜ ନୁହେଁ ।

୨) ପରିଚୟ ଧାରଣା (Identity Perception) - ପ୍ରତ୍ୟେକ ବ୍ୟକ୍ତି, ଜାତି, ବିଷୟ, ବ୍ୟବସ୍ଥା - ସବୁକିଛିର ସଂପୂର୍ଣ୍ଣ ପରିଚୟ ପାଇବା ପାଇଁ ମାତୃଭାଷା ହିଁ ପ୍ରକୃଷ୍ଟ ମାଧ୍ୟମ ।

୩) ଯୋଗାଯୋଗ (Communication) - ଶିଶୁ ଓ ମା'ଙ୍କଠାରୁ ଆରମ୍ଭ କରି ସମଗ୍ର ଜଗତରେ ସବୁପ୍ରକାର ଯୋଗାଯୋଗର ସହଜ ଓ ସର୍ବୋତ୍କୃଷ୍ଟ ମାଧ୍ୟମ ମାତୃଭାଷା ।

୪) ସାମାଜିକ ବିଧି ବ୍ୟବସ୍ଥାର ଜ୍ଞାନ (Socialisation) - ସାମାଜିକ ବିଧି ବ୍ୟବସ୍ଥା, ସାଂସ୍କୃତିକ ଅନୁଷଙ୍ଗ ସବୁ ମାତୃଭାଷାରେ ହିଁ ପ୍ରାଞ୍ଜଳଭାବେ ବୁଝାଯାଏ । ସାମାଜିକ ଚଳଣିରେ ଏପରି କଥା ଅଛି, ଯାହା ମାଟିର ଭାଷା ମାତୃଭାଷା ବ୍ୟତୀତ ଅନ୍ୟ ଭାଷାରେ ପ୍ରକାଶ କରାଯାଇ ପାରିବ ନାହିଁ ।

୫) ସୂଚନା ବ୍ୟବସ୍ଥା (Information Processing) - ବର୍ତ୍ତମାନ ଜ୍ଞାନଯୁଗରେ ସୂଚନା ବା ତଥ୍ୟ ହିଁ ମୁଖ୍ୟ ସଂପଦ । ଯେକୌଣସି ସୂଚନା ବା ତଥ୍ୟ ପାଇବା ପାଇଁ ମାତୃଭାଷାର ଉପଯୋଗ ବିନା ତାହା ସମ୍ଭବ ନୁହେଁ ।

୬) ଜନଗୋଷ୍ଠୀର ଚରିତ୍ର ନିଦାନ (Character of a Polity) - ପ୍ରତ୍ୟେକ ବ୍ୟକ୍ତିର ଚରିତ୍ର ପରି ଗୋଟିଏ ଜାତି ବା ଗୋଷ୍ଠୀର ମଧ୍ୟ ଚରିତ୍ର ଅଛି । ତାହା ବୁଝିବା ପାଇଁ ମାତୃଭାଷା ହିଁ ପ୍ରଧାନତଃ ସାହାଯ୍ୟ କରିବ ।

୭) ରାଜନୈତିକ ସଂଗଠନ (Political Structuration) - ଯେକୌଣସି ଅଞ୍ଚଳରେ, ରାଜ୍ୟରେ ଓ ଦେଶରେ ରାଜନୈତିକ ସଂଗଠନ ପାଇଁ ସେହି ଅଞ୍ଚଳ ଓ ରାଜ୍ୟର ମାତୃଭାଷା ବୁଝିବା ଓ ସେଥିରେ କାର୍ଯ୍ୟକରିବା ପାଇଁ ଆଗ୍ରହ ରହିବା ଜରୁରୀ ।

୮) ଅର୍ଥନୈତିକ (ପ୍ରକ୍ରିୟା) ଯୋଜନା ପ୍ରସ୍ତୁତି (Economic Planning) - ଯେକୌଣସି ସ୍ଥାନର ଅର୍ଥନୈତିକ ଅବସ୍ଥାକୁ ଜାଣିବା ପାଇଁ ଯେଉଁ ସର୍ବେକ୍ଷଣ ପ୍ରୟୋଜନ ତାହା କେବଳ ମାତୃଭାଷାରେ ହିଁ ସମ୍ଭବ । ବିଶିଷ୍ଟ ଭାଷାବିତ୍ Ivam Illichଙ୍କ ମତାନୁଯାୟୀ ପ୍ରଥମେ 'Mother tongue' ଶବ୍ଦଟି ଲାଟିନ ପରିବର୍ତ୍ତେ ସେମାନେ କହୁଥିବା କଥିତ ଭାଷା ପାଇଁ ବ୍ୟବହାର କରାଯାଉଥିଲା ।

ମାତୃଭାଷାର ଏସବୁ ମହତ୍ତ୍ୱପୂର୍ଣ୍ଣ ଭୂମିକା ବିଷୟ ବୁଝି ନୂତନ ଶିକ୍ଷାନୀତିରେ ଯଥୋଚିତ ସ୍ଥାନ ଓ ଅନୁମୋଦନ ଦିଆଯାଇଛି ।

(ଦୁଇ)

ଯେ କୌଣସି ଜାତିର ଅସ୍ମିତା ବା ଜାତୀୟ ପରିଚୟ ମୂଳତଃ ଭାଷା ଉପରେ ନିର୍ଭରଶୀଳ । ଭାଷାର ବ୍ୟବହାର ଅନୁସାରେ ପରିଚୟର ସ୍ୱରୂପ ନିର୍ଣ୍ଣିତ ହୁଏ । ଗୋଷ୍ଠୀ, ଜାତି, ଦେଶ ଓ ଧର୍ମର ପରିଚୟ ଭାଷାରେ ପ୍ରକାଶ ପାଏ । ଭାଷାର କଥନଶୈଳୀ, ଆଞ୍ଚଳିକ ଠାଣି ବା ଭଙ୍ଗୀ ଉପଭାଷାଗତ ଭିନ୍ନତା ଭିତରେ ଯେଉଁ ସାଂସ୍କୃତିକ ପ୍ରତ୍ୟୟ ରହିଥାଏ, ତାହାହିଁ ଭାଷାଗତ ନୃତତ୍ତ୍ୱ ଦିଗରୁ ଗୋଟିଏ ଗୋଷ୍ଠୀ ବା ଜାତିର ଅସ୍ମିତା ନିର୍ମାଣ କରେ । ଯେଉଁ ବିଦ୍ୟା ଏସବୁର ବିଶ୍ଳେଷଣ କରେ ତାହା ସମାଜତାତ୍ତ୍ୱିକ ଭାଷାବିଜ୍ଞାନ (Socio Linguistics) ଭାବେ ପରିଚିତ । ବିଶିଷ୍ଟ ଗବେଷକ Labov ଏଇ ଜାତୀୟ ପରିଚୟ ବା ଅସ୍ମିତାକୁ ବିଭିନ୍ନ ଦିଗରୁ ଦେଖିଛନ୍ତି । ପରିଚୟକୁ ସାମାଜିକ ପ୍ରତିଷ୍ଠାର ସାଧନ ଭାବରେ, ଯୋଗାଯୋଗର ମାଧ୍ୟମ ଭାବରେ ଓ ପାରମ୍ପରିକ ଉତ୍ତରାଧିକାରର ସୂତ୍ର ଭାବରେ ବିଶ୍ଳେଷଣ କରିଛନ୍ତି । ଏଥିରେ ସେ ଆବେଗିକ ସଂକେତର (Emotional Significance) ସନ୍ଧାନ ମଧ୍ୟ କରିଛନ୍ତି । ବୁଝାଇଛନ୍ତି, "An individual creates for himself the patterns of his linguistic behavior so as to resemble those of the group or groups

with which from time to time he wishes to be identified." ବ୍ୟକ୍ତିଗତ ପରିଚୟରୁ କ୍ରମଶଃ ସାମାଜିକ ପରିଚୟ ଓ ଜାତୀୟ ପରିଚୟର ଉନ୍ମେଷ ହୋଇଥାଏ । Gidden ତାକୁ Co-Construction of Identity ବୋଲି କହିଛନ୍ତି । (Discourse and Identity - De. Fima, A. Schifrim, M. Bemberg) ଏଇ ପରିଚୟ ବା ଅସ୍ମିତା ଯେମିତି ଗୋଟିଏ ଜାତି, ଦେଶ ଓ ବିଶ୍ୱ ସହିତ ନିଜର ସଂପର୍କକୁ ବୁଝେ ଓ ପ୍ରତିଷ୍ଠା କରେ । ନିରବଧି କାଳ ଓ ବିପୁଳ ପୃଥିବୀରେ ଏଇ ସଂପର୍କ ସ୍ଥାପିତ ହେବାପାଇଁ ଭାଷା ହିଁ ହୋଇଥାଏ ପ୍ରକୃତ ମାଧ୍ୟମ । ଅତୀତ ସହିତ ବର୍ତ୍ତମାନକୁ ଯୋଡ଼ି ସମ୍ଭାବନାମୟ ଭବିଷ୍ୟତ ପାଇଁ ଯୋଜନା ପ୍ରସ୍ତୁତକରିବା ପାଇଁ ଏଇ ପରିଚୟ ବା ଅସ୍ମିତା ହିଁ ସାମର୍ଥ୍ୟ ଦିଏ । (Language and Identity- John Edwards) ଅସ୍ମିତା ଜାତୀୟ ଅସ୍ତିତ୍ୱର ଶରୀର ହେଲେ ଭାଷା ତା'ର ମେରୁଦଣ୍ଡ । ଭାଷା ଗୋଟିଏ ନିର୍ଦ୍ଦିଷ୍ଟ ବିଶେଷରୁ ଅସଂଖ୍ୟ ନିର୍ବିଶେଷ ଆଡ଼କୁ ବାଟ କଢ଼ାଏ । ଅସ୍ମିତାରୂପକ ପ୍ରଦୀପକୁ ତୈଳପୂର୍ଣ୍ଣ କରି ଜାତୀୟ ସ୍ୱାଭିମାନକୁ ଚିର ଦେଦୀପ୍ୟମାନ ରଖୁଥାଏ ।

ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ପରିପେକ୍ଷୀରେ ଏହାର ଇତିହାସ ଓ ଐତିହ୍ୟର ଆଧାରରେ ଜାତୀୟ ଅସ୍ମିତାର ସ୍ୱରୂପ ବିଚାର କରିବା ପ୍ରୟୋଜନ । ଏଇ ଯେଉଁ ମହତ୍ତ୍ୱାକାଂକ୍ଷା ଜଡ଼ିତ ଜାତୀୟ ଅସ୍ମିତାର କଥା କୁହାଯାଇଛି, ପ୍ରକୃତରେ ଓଡ଼ିଆ ଜାତିର ଏଇ ଅସ୍ମିତାର ଆୟୁଷ କେତେ ଦିନର ? କେଉଁ ଶୁଭକ୍ଷଣରେ ବା ପ୍ରୟୋଜନବୋଧରେ ଅଥବା ଆସନ୍ନ ବିପଦର ବିପନ୍ନ ବିସ୍ମୟରୁ ଏହାର ଜନ୍ମ ? ଇତିହାସର ପ୍ରାରମ୍ଭରୁ ବ୍ରିଟିଶ୍ ଶାସନ କାଳ ପର୍ଯ୍ୟନ୍ତ ସାମଗ୍ରିକ ଭାବେ ଓଡ଼ିଆ ଜାତିର ଅସ୍ମିତାର ସୂଚନା ପ୍ରାୟତଃ ମିଳେ ନାହିଁ । ତାହା ଥିଲେ କଳିଙ୍ଗ ଯୁଦ୍ଧ ସମୟରେ ସମ୍ରାଟ ଅଶୋକଙ୍କ ପ୍ରତିପକ୍ଷର ପରିଚୟ ମିଳିନଥାନ୍ତା ? ଗୋଟିଏ ପରାଜିତ ଜାତି ତା'ର ଭଗ୍ନସ୍ତୂପ ତଳୁ ବିଜୟୀ ସମ୍ରାଟ ଅଶୋକଙ୍କ ଅଭିଲେଖରୁ ନିଜର ଆତ୍ମପରିଚୟ ଖୋଜୁନଥାନ୍ତା ? ସମ୍ରାଟ ଖାରବେଳ, ଦିଗ୍‌ବିଜୟୀ କପିଳେନ୍ଦ୍ର ଓ ପୁରୁଷୋତ୍ତମ ଦେବଙ୍କ କାହାଣୀ କିମ୍ବଦନ୍ତୀ ପରି କେବଳ ମନ ବୁଝାଇବା ପାଇଁ କୁହାଯାଏ । ପଞ୍ଚଦଶ ଶତାବ୍ଦୀରେ କପିଳେନ୍ଦ୍ରଦେବ ଓଡ଼ିଆ ଭାଷାକୁ ରାଜଭାଷା କରିଥିଲେ । ସାରଳାଙ୍କ ମହାଭାରତ ଓଡ଼ିଆ ଭାଷା ଓ ଜାତିର ଅସ୍ମିତାର ମୂଳଦୁଆ ପକାଇଥିଲା କିନ୍ତୁ ତାହା ଅବିଚଳିତ ରହିଲା ନାହିଁ । ପ୍ରାଚୀନ ଓ ମଧ୍ୟଯୁଗ ପରେ ଏପରିକି ବ୍ରିଟିଶ୍ ଶାସନ ବିରୁଦ୍ଧରେ ଯେଉଁ ପାଇକ ବିଦ୍ରୋହ ହୋଇଥିଲା, ସେତେବେଳେ ତାହା ଥିଲା ଏକ ଆଞ୍ଚଳିକ ଆନ୍ଦୋଳନ । ଏପରି ଆହୁରି ଅନେକ ବିଦ୍ରୋହ ଓ ଆନ୍ଦୋଳନ ମୁଣ୍ଡ ଟେକିଥିଲା ଅତ୍ୟାଚାରୀ ଶାସକଙ୍କ ବିରୁଦ୍ଧରେ ବିଭିନ୍ନ ଅଞ୍ଚଳରେ । କିନ୍ତୁ ସମଗ୍ର ଓଡ଼ିଆ ଜାତିକୁ ସମନ୍ୱିତ କରି ଜାତୀୟ ଅସ୍ମିତାର ଅସ୍ତିତ୍ୱ ନଥିଲା । ଊନବିଂଶ ଶତାବ୍ଦୀର ସପ୍ତମ-ଅଷ୍ଟମ ଦଶକରେ ରାଜେନ୍ଦ୍ରଲାଲ୍-କାନ୍ତିଚନ୍ଦ୍ରଙ୍କ ଓଡ଼ିଆ ଭାଷା ବିଲୋପ ଷଡ଼୍‌ଯନ୍ତ୍ର ବିରୋଧରେ ଫକୀରମୋହନ – ଗୌରୀଶଙ୍କରଙ୍କ ଉଦ୍ୟମରେ ପ୍ରଥମେ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଯେଉଁ ପ୍ରୟାସ ଆରମ୍ଭ ହୋଇଥିଲା ତାହାକୁ ହିଁ ଭାଷାଭିତ୍ତିକ ଜାତୀୟ ଅସ୍ମିତାର ପ୍ରଥମ ପରିଚୟ ବୋଲି ବିବେଚନା କରାଯାଇପାରେ । ଏହାପରେ ବିଂଶ ଶତାବ୍ଦୀର ଆରମ୍ଭରେ ଉତ୍କଳଗୌରବ ମଧୁସୂଦନଙ୍କ ଅଧିନାୟକତ୍ୱରେ ଉତ୍କଳ ସମ୍ମିଳନୀ ମାଧ୍ୟମରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରିତ କରି ଭାଷାଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଗଠନ ମୂଳରେ ନିହିତ ଥିଲା ଓଡ଼ିଆ ଜାତିର ଅସ୍ମିତାର ଉନ୍ମେଷ । ମଧୁବାବୁଙ୍କୁ ଓଡ଼ିଆ ଅସ୍ମିତାର ଜନକ ବା ପ୍ରତିଷ୍ଠାତା କହିଲେ ଅତ୍ୟୁକ୍ତି ହେବ ନାହିଁ । ଉତ୍କଳ ସମ୍ମିଳନୀ ରୂପକ ଜାତୀୟ ଯଜ୍ଞର ଫଳସ୍ୱରୂପ ପ୍ରତିଷ୍ଠିତ ହେଲା ଓଡ଼ିଆ ଜାତିର ଅସ୍ମିତା ଓ ୧୯୩୬ରେ ଗଠିତ ହେଲା ପ୍ରଥମ ଭାଷାଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ । ଭାଷା ହିଁ ଥିଲା ଏଇ ଜାତୀୟ ଯଜ୍ଞର ମୂଳମନ୍ତ୍ର ।

ଏଇ ଯେଉଁ ଜାତୀୟ ଅସ୍ମିତା କଥା ଆମେ ଏଡ଼େ ଗୁରୁତ୍ୱର ସହିତ ଆଲୋଚନା କରୁଛୁ ଏହା କାହାର ଅସ୍ମିତା ? କାହାର ପରିଚୟ ? ଏଥିରେ କିଏ ଆବେଗିକ ଦିଗରୁ ସଂପୃକ୍ତ ? ଏସବୁର ଉତ୍ତର ମଧ୍ୟବିତ୍ତ ସମାଜ । ଅସ୍ମିତା ମଧ୍ୟବିତ୍ତର

ମାନସିକତାରୁ ସୃଷ୍ଟି, ମଧ୍ୟବିତ୍ତର ପରିଚୟ । ମଧ୍ୟବିତ୍ତଙ୍କ ସଚେତନ କର୍ମପ୍ରେରଣାରୁ ଏହାର ଜନ୍ମ । ଓଡ଼ିଆ ଜାତିର ନିଜତ୍ୱ ଓ ସାମାଜିକ ସତ୍ତାର କଥା ମଧୁବାବୁ କହିଥିଲେ । ଓଡ଼ିଆତ୍ୱକୁ ଭାରତୀୟତ୍ୱର ଅଙ୍ଗ କରିବା ଜାତିଗତ ବୈଶିଷ୍ଟ୍ୟ ନୁହେଁ । ଭାରତୀୟତ୍ୱ ଓ ସେହି ସୂତ୍ରରେ ସର୍ବମାନବୀୟ ହେବାର ମଧ୍ୟବିତ୍ତ ଭିନ୍ନ । କିନ୍ତୁ ଓଡ଼ିଆତ୍ୱର ସ୍ୱକୀୟତାକୁ ବଜାୟ ରଖିବା ହିଁ ଜାତୀୟ ଅସ୍ମିତାର ଶ୍ରେଷ୍ଠ ପରିଚୟ । ଏହା ଧର୍ମକୈନ୍ଦ୍ରିକ ନୁହେଁ, ଭାଷାକୈନ୍ଦ୍ରିକ । ଭାଷା ହିଁ ଓଡ଼ିଆତ୍ୱ ବା ଆମର ଜାତୀୟ ଅସ୍ମିତାର ମୂଳଭିତ୍ତି । ଏଇ ପ୍ରସଙ୍ଗରେ ଆମ ପାଖରେ ଗୋଟିଏ ଜ୍ୱଳନ୍ତ ଉଦାହରଣ ଅଛି । ପଶ୍ଚିମ ପାକିସ୍ତାନ ପୂର୍ବବଙ୍ଗ ଅଧିବାସୀଙ୍କ ଉପରେ ଉର୍ଦ୍ଦୁ ଭାଷା ଲଦିଦେବା ପାଇଁ ଚେଷ୍ଟା କରିବାରୁ ବିଦ୍ରୋହ ହେଲା । ସେମାନଙ୍କର ପ୍ରାଣବଳି ଦିବସ ଫେବୃୟାରୀ ୨୧କୁ ବିଶ୍ୱ ମାତୃଭାଷା ଦିବସ ଭାବେ ସ୍ୱୀକୃତି ମିଳିଲା । ଏଇ ବିଦ୍ରୋହର ମୂଳ କିଏ ଥିଲେ ? ଶିକ୍ଷିତ ମୁସଲମାନ ବଙ୍ଗାଳୀ ମଧ୍ୟବିତ୍ତ ହିଁ ବିଦ୍ରୋହ କରିଥିଲେ, ଯେଉଁମାନଙ୍କର ମାତୃଭାଷା ଓ ପ୍ରିୟତମ ଭାଷା ବଙ୍ଗଳା । ବହୁ ପୂର୍ବରୁ 'ଜାତିବୈରୀ' ପ୍ରବନ୍ଧ ଲେଖି ବଙ୍କିମଚନ୍ଦ୍ର ଯେଉଁ ଜାତିତ୍ୱର ପରିଚୟ ଦେଇଥିଲେ ତାହା ପ୍ରମାଣିତ ହେଲା । ଏଇ ଜାତିତ୍ୱର ଦୁଇଟି ଦିଗ । ପ୍ରଥମଟି ନିଜର ବ୍ୟକ୍ତିତ୍ୱକୁ ସମୂହ ଧାରଣାରେ ଅବଲୁପ୍ତ କରିବା ଓ ସମୂହର ସତ୍ତାକୁ ପ୍ରାଧାନ୍ୟ ଦେବା ଓ ଦ୍ୱିତୀୟଟି ସାମୂହିକ ସତ୍ତାର କଳ୍ପନା କରିବା ଓ ତା'ଠାରୁ ଆପଣାର ଜାତି ଓ ଭାଷାକୁ ନିରାପଦ ରଖିବା । କାରଣ ଜାତୀୟ ଐକ୍ୟର ଉତ୍ସ ହେଉଛି ଭାଷା । ଏ ବହମାନ ସୁନ୍ଦର ମଧୁର ଭାଷାକୁ ସମୃଦ୍ଧ ଓ ସଂପନ୍ନ କରିବା ଆମର ଜାତୀୟ କର୍ତ୍ତବ୍ୟ ।

ଗତ ଶତାବ୍ଦୀରେ ଭାଷାଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଗଠିତ ହୋଇ ଆମର ଜାତୀୟ ଅସ୍ମିତା ଯେତିକି ପଲ୍ଲବିତ ହୋଇଥିଲା, ଏଇ ଶତାବ୍ଦୀରେ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତି ସେଇ ଅସ୍ମିତା ଓ ଅସ୍ତିତ୍ୱକୁ ଯେ ପୁଷ୍ପିତ ଓ ସୁରଭିତ କରିଛି ଏଇ ଆଶା ଓ ବିଶ୍ୱାସ ଅମୂଳକ ହେବ ନାହିଁ ।

ଜାତୀୟ ସ୍ୱାଭିମାନକୁ ସକାରାତ୍ମକଭାବେ ଦେଶାତ୍ମବୋଧର ପରିଚାୟକ ବୋଲି ଗ୍ରହଣ କରାଯାଏ । ସ୍ୱଦେଶାନୁରକ୍ତି ଏହାର ଭାବ; କିନ୍ତୁ ଅତ୍ୟଧିକ ଅନୁରକ୍ତି ଅନ୍ଧ ଜାତୀୟତାକୁ ପ୍ରରୋଚିତ କରେ । ସେଥିରୁ ଜନ୍ମନିଏ ହିଂସା ଓ ସନ୍ତ୍ରାସ । ଜାତୀୟ ପରିଚୟ ବା ଅସ୍ମିତା ଜନ୍ମସୂତ୍ରରୁ ନଥାଏ । ସାମାଜିକ ପରିବେଶରେ ବ୍ୟକ୍ତି ମନରେ ଏହାର ଉନ୍ମେଷ ହୁଏ । ଜୀବନଚର୍ଯ୍ୟାରେ ପ୍ରଚୋଦିତ ହୁଏ । ଜାତୀୟ ସ୍ମାରକୀ, ମାତୃଭାଷା, ବର୍ଣ୍ଣ, ଧର୍ମ, ଜାତୀୟ ଐତିହ୍ୟ, ବିଶ୍ୱାସ, ମୂଲ୍ୟବୋଧ, ସଂସ୍କୃତି, ଖାଦ୍ୟପେୟ ପୋଷାକ ପରିଚ୍ଛଦ ସହିତ ବିଚାରବୋଧ, ଦୃଷ୍ଟିକୋଣ ଓ ଆତ୍ମନିଷ୍ଠାରୁ ଜାତୀୟ ଅସ୍ମିତା ନିର୍ମିତ ହୁଏ । ବ୍ୟକ୍ତିର ଜୀବନଚର୍ଯ୍ୟାରେ ଏଇ ଜାତୀୟ ପରିଚୟ ବା ଅସ୍ମିତାର ଭାବ ପ୍ରତିଫଳିତ ହୁଏ ।

ସମାଜତତ୍ତ୍ୱବିତ୍ ରୁପେର୍ଟ ଲମରସନ୍ ଜାତୀୟ ପରିଚୟର ସଂଜ୍ଞା ଦେଇଛନ୍ତି, "a body of people who feel that they are a nation" । ହେନ୍‌ରି ଟାଜେଫଲ୍ ଓ ଜନ୍‌ଟର୍ନର ମିଳିତଭାବେ ଏହାକୁ ସ୍ୱୀକାର କରି 'Social Identity' ପ୍ରଣୟନ କରିଛନ୍ତି । ଏଥିରେ ବ୍ୟକ୍ତିର ଆତ୍ମପ୍ରକାର ଓ ପ୍ରକ୍ରିୟା ହିଁ ମୁଖ୍ୟ ବିଭାବ ବୋଲି ସୂଚାଇଛନ୍ତି । ଏହା ବ୍ୟକ୍ତିକୁ ଜାତି ସହିତ ସମନ୍ୱିତ କରିଥାଏ ଓ ଆତ୍ମଗୌରବବୋଧ ଭଳି ସକାରାତ୍ମକ ଭାବ ସୃଷ୍ଟିକରେ । ବିଶେଷଭାବେ କୌଣସି ଜାତୀୟ ବିପତ୍ତି, ଅନ୍ତରୀଣ ବା ବହିଃଶତ୍ରୁର ଅପେକ୍ଷା ଓ ସାଂସ୍କୃତିକ ଆକ୍ରମଣ ଅଥବା ପ୍ରାକୃତିକ ବିପର୍ଯ୍ୟୟ ବେଳେ ଏଇ ଜାତୀୟ ପରିଚୟର ଭାବ ସାକାର ସୁସ୍ପଷ୍ଟ ହୋଇଥାଏ । ଆଂଟୋନି ସ୍ମିଥ୍‌ଙ୍କ ମତରେ ଏହି ଜାତୀୟ ପରିଚୟ ଯୁଗେ ଯୁଗେ ପୁରୁଷାନୁକ୍ରମେ ଗତି କରିଥାଏ । (Smith, Athony, D. (1993) (National Identity, University of Nevada Press) ଉଇଲିୟମ୍ ଲାବୋଭ ଜାତୀୟ ପରିଚୟକୁ ସାମାଜିକ ପ୍ରତିଷ୍ଠାର ସାଧନ ଓ ଉତ୍ତରାଧିକାରର ସୂତ୍ରଭାବେ ବିଶ୍ଳେଷଣ କରିଛନ୍ତି । ଜାତୀୟ ପରିଚୟର ପ୍ରଧାନ ଅନୁଷଙ୍ଗ ଭାବେ ମାତୃଭାଷାକୁ ହିଁ ବ୍ୟାଖ୍ୟା କରିଛନ୍ତି । ଏଇ

ଜାତୀୟ ପରିଚୟ ଘେନି ଗୋଟିଏ ଜାତି, ଦେଶ ଓ ବିଶ୍ୱ ସହିତ ନିଜର ସମ୍ପର୍କ ପ୍ରତିଷ୍ଠା କରେ । (Edwards, John Language and Identity, 2009)

ଜାତୀୟ ପରିଚୟର ଏଇ ତାତ୍ତ୍ୱିକ ସମୀକ୍ଷାର ଆଧାରରେ ଓଡ଼ିଆ ଜାତିର ଆତ୍ମପରିଚୟର କଥା ଚିନ୍ତା କଲାବେଳେ ସ୍ମରଣକୁ ଆସନ୍ତି ଆଧୁନିକ ଯୁଗରେ ଓଡ଼ିଆ ପ୍ରାଣର ପ୍ରତିଭୂ, ଓଡ଼ିଆ ଜାତିର ଗଣନାୟକ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ । ଓଡ଼ିଆ ଜାତି, ଜାତୀୟତା ଓ ଜାତୀୟ ପରିଚୟ ସମ୍ପର୍କରେ ତାଙ୍କର ଅନୁପମ ବ୍ୟାଖ୍ୟାନ ଆମର ପ୍ରଣିଧାନଯୋଗ୍ୟ । ୧୯୧୯ ଏପ୍ରିଲ୍ ୧୯ରେ ଉତ୍କଳ ସମ୍ମିଳନୀର ଚତୁର୍ଦ୍ଦଶ ଅଧିବେଶନ କଟକ ମ୍ୟୁନିସିପାଲିଟି ବଗିଚାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସଭାପତିତ୍ୱ କରିଥିଲେ ପଣ୍ଡିତ ଗୋପବନ୍ଧୁ । ସଭାପତିଙ୍କର ଲିଖିତ ଅଭିଭାଷଣ ପ୍ରଦାନ କରିବା ଥିଲା ଉତ୍କଳ ସମ୍ମିଳନୀର ପରମ୍ପରା । ତଦନୁସାରେ ପଣ୍ଡିତ ଗୋପବନ୍ଧୁ ୪୦ ପୃଷ୍ଠାର ଲିଖିତ ଭାଷଣ ଉପସ୍ଥାପନ କରିଥିଲେ ଓ ଏଥିରେ ଓଡ଼ିଶାର ସମାଜ ଜୀବନର ସକଳ ଦିଗକୁ ଅଙ୍ଗୀଭୂତ କରିଥିଲେ । ଏଥିରେ ଓଡ଼ିଆ ଜାତିର ପରିଚୟ ବୈଶିଷ୍ଟ୍ୟ ଓ କର୍ତ୍ତବ୍ୟ ବିଷୟରେ ଗୋପବନ୍ଧୁ ସରଳ ଅଥଚ ସାରଗର୍ଭକ ବ୍ୟାଖ୍ୟାନ ରଖିଥିଲେ ।

"ଓଡ଼ିଆ ଜାତି କିଏ ? ପୃଥିବୀରେ ସ୍ଥାନ ଅନୁସାରେ ଜାତିର ନାମକରଣ ହୋଇଥିବା ପ୍ରାୟ ସର୍ବତ୍ର ଦେଖାଯାଏ ଏକ ସ୍ଥାନରେ ବାସକରୁଥିବା ଲୋକଙ୍କ ମଧ୍ୟରେ ସ୍ୱତଃ ମାୟାମମତା ଜନ୍ମେ, ସେମାନଙ୍କର ଆଶା, ଅଭିପ୍ରାୟ, ଭାଗ୍ୟ ଓ ଭବିଷ୍ୟତ ଏକ ଶ୍ରେୟଃସ୍ୱାର୍ଥରେ ଆବଦ୍ଧ । ସେମାନଙ୍କର କର୍ମଭୂମି ଏକ ଏବଂ ଅଭିନ୍ନ, ସେହି ଭୂମି ସେମାନଙ୍କ ପକ୍ଷରେ ପବିତ୍ର ଏବଂ ପ୍ରେମମୟ କ୍ଷେତ୍ର । ଏହା ସେମାନଙ୍କର ଜନ୍ମଭୂମି ଓ ସେମାନଙ୍କ ଦୃଷ୍ଟିରେ 'ସ୍ୱର୍ଗାଦପି ଗରୀୟସୀ' । ସୁତରାଂ ଯେଉଁମାନେ ଏପରି ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ବାସକରନ୍ତି ସେମାନେ ଏକ ଜାତି ଏବଂ ସେହି ଭୂଖଣ୍ଡ ନାମାନୁସାରେ ନାମିତ ହୁଅନ୍ତି । ଏହି ପ୍ରାକୃତିକ ବିଧାନରେ ଯେଉଁମାନେ ଉତ୍କଳ ବା ଓଡ଼ିଶାରେ ସମାନ ଆଶା-ଆକାଂକ୍ଷା ଧରି ଜନ୍ମ ମରଣରେ, ସମାନ ଶ୍ରେୟଃ ସାଥିରେ ବିଜଡ଼ିତ, ସେମାନେ ସମସ୍ତେ ଓଡ଼ିଆ ଜାତି ।" ଓଡ଼ିଆ ଜାତିର ଏପରି ସୁନିର୍ଦ୍ଦିଷ୍ଟ ପରିଚୟ ଦେଇସାରି ପୁଣି ସେ କହିଛନ୍ତି, "ବଙ୍ଗଳାର ହୁଅନ୍ତୁ ବା ପଞ୍ଜାବର ହୁଅନ୍ତୁ, ମାରବାରର ହୁଅନ୍ତୁ ବା ମାନ୍ଦ୍ରାଜର ହୁଅନ୍ତୁ, ହିନ୍ଦୁ ହୁଅନ୍ତୁ ବା ମୁସଲମାନ ହୁଅନ୍ତୁ, ଆର୍ଯ୍ୟ ହୁଅନ୍ତୁ ବା ଆଦିମ ଅଧିବାସୀ ହୁଅରୁ ଯେ ଉତ୍କଳ ବା ଓଡ଼ିଶା ସଙ୍ଗେ ସମସ୍ତ ସ୍ୱତ୍ୱ ଓ ସ୍ୱାର୍ଥ ମିଳାଇ ଦେଇଛନ୍ତି ଓଡ଼ିଶା ତାଙ୍କର ଏବଂ ସେ ଓଡ଼ିଶାର ।" (ଉତ୍କଳ ସମ୍ମିଳନୀ) ବିବରଣୀ (୧୯୦୩-୧୯୩୬), ୨୦୦୫ ପ୍ରଗତି ଉତ୍କଳ ସଂଘ, ରାଉରକେଲା ।

ଓଡ଼ିଆ ଜାତୀୟତାର ସ୍ୱରୂପକୁ ବୁଝାଇ ସେ କହିଛନ୍ତି ଯେ, ବର୍ତ୍ତମାନ ପୃଥିବୀରେ ଏକ ସ୍ଥାନରେ ଏକ ପ୍ରକାର ଲୋକ ବାସକରିବା ଅସମ୍ଭବ । ପୃଥବୀର ଏପରି କୌଣସି ସ୍ଥାନ ନାହିଁ, ଯେଉଁଠାରେ ଭିନ୍ନ ଭିନ୍ନ ଜାତି ଓ ଭାଷାଭାଷୀ ଲୋକ ଏକତ୍ର ବାସ କରୁନାହାନ୍ତି; ମାତ୍ର ସେମାନଙ୍କର ଜୀବନଧାରାର ସ୍ୱାର୍ଥ କେନ୍ଦ୍ର ଏକ ହୋଇଯାଏ । ତେଣୁ କାଳକ୍ରମେ ଏକୀଭୂତ ହେବା ହିଁ ସ୍ୱାଭାବିକ ହୋଇଯାଏ । ଏବେ ଆମ ନିକଟରେ ଯୁକ୍ତରାଷ୍ଟ୍ର ଆମେରିକାର ସମାଜ ତାହାର ପ୍ରକୃଷ୍ଟ ଉଦାହରଣ । ବହୁ ଭାଷା, ଧର୍ମ, ଜାତି, ବର୍ଣ୍ଣ ଓ ସଂସ୍କୃତିର ମିଳନ ହୋଇଥିଲେ ମଧ୍ୟ ସେଠି ସମସ୍ତେ ଆମେରିକାନ୍ । ୨୦୧୧ ନଭେମ୍ବରରେ ସନ୍ତ୍ରାସବାଦୀ ଆକ୍ରମଣ ସମୟରେ ସମଗ୍ର ଆମେରିକାବାସୀଙ୍କ ପ୍ରତିକ୍ରିୟାରୁ ଏଇ ଜାତୀୟ ପରିଚୟର ସ୍ପଷ୍ଟ ପ୍ରମାଣ ଆମେ ପାଇଥିଲୁ ।

ସମସ୍ତ ଉତ୍କଳବାସୀଙ୍କୁ ସମ୍ବୋଧନ କରି ଗୋପବନ୍ଧୁ ବୁଝାଇଥିଲେ, "ଭାଇ ଉତ୍କଳବାସୀ, ତୁମେ ଯେ ହୁଅ- ବଙ୍ଗାଳୀ, ଓଡ଼ିଆ, ତେଲଙ୍ଗା, ହିନ୍ଦୁସ୍ତାନୀ, କୋହ୍ଲ, ହିନ୍ଦୁ, ଖ୍ରୀଷ୍ଟାନ, ମୁସଲମାନ ଯେ ହୁଅ – ଉତ୍କଳଭୂମି ତୁମକୁ ଆପଣା

ଶରୀରରେ ବହି ତୁମର କେତେ ଅଳି ଅର୍ଦ୍ଦଳି ସହୁଛନ୍ତି । ତୁମର ହେଉ ବା ତୁମର ଶିଶୁ ସନ୍ତାନମାନଙ୍କର ହେଉ ଏହା ଶୈଶବର ଲୀଳାଭୂମି, ଯୌବନର କର୍ମକ୍ଷେତ୍ର, ବାର୍ଦ୍ଧକ୍ୟର ବିଶ୍ରାମ ସ୍ଥାନ ଏବଂ ଅନ୍ତିମକାଳର ଆଶ୍ରୟ । ଏ ଦେଶକୁ ଏପରିଭାବେ ଯେବେ ଗ୍ରହଣ କରିଥାଅ, ଦେଶାନୁରାଗର ପବିତ୍ର ସୂତ୍ରରେ ଏ ଦେଶର ଅନ୍ୟାନ୍ୟମାନଙ୍କ ସଙ୍ଗେ ଯଦି ଭାଗ୍ୟ ଆବଦ୍ଧ କରିଥାଅ ଏବଂ ଦେଶର ଜାତୀୟ ଭାଷା, ଶିକ୍ଷା ଓ ସଭ୍ୟତାରେ ଆତ୍ମସମର୍ପଣ କରିଥାଅ; ତେବେ ଏ ଦେଶ ଅନୁସାରେ ତୁମର ଜାତି, ଏ ଦେଶର ଇତିହାସ ଓ ସଭ୍ୟତା ତୁମର, କାରଣ ଏ ଦେଶର ଅତୀତ ଇତିହାସର ଫଳ ଏବେ ତୁମ୍ଭେ ଭୋଗକରୁଅଛ ଏବଂ ଏହାର ବର୍ତ୍ତମାନ ଓ ଭବିଷ୍ୟତ ଗଠନରେ ତୁମ୍ଭେ ଯୋଗଦେଉଛ; ସୁତରାଂ ତୁମ୍ଭେ ଓଡ଼ିଆ, ତୁମ୍ଭେ ଉତ୍କଳୀ ।"

ଉତ୍କଳୀୟତା ଓ ଓଡ଼ିଆ ଜାତିର ପରିଚୟ କର୍ତ୍ତବ୍ୟ ଓ ଦାୟିତ୍ୱ ବିଷୟରେ ସବିଶେଷ ଓ ସୁନିର୍ଦ୍ଦିଷ୍ଟ ଭାବେ ବୁଝାଇ କହିବା ଥିଲା ପଣ୍ଡିତ ଗୋପବନ୍ଧୁଙ୍କର ପ୍ରକୃତ ଉଦ୍ଦେଶ୍ୟ । ଏହି ଅବକାଶରେ ସେ ପ୍ରତ୍ୟେକ ଓଡ଼ିଶାବାସୀ ଓ ଓଡ଼ିଆଭାଷୀଙ୍କୁ ଓଡ଼ିଶାର ଜାତି ଗଠନ ପାଇଁ ଓ ଜାତୀୟତାର ବିକାଶ ପାଇଁ ଆହ୍ୱାନ ଦେଇଛନ୍ତି । ବୁଝାଇଛନ୍ତି ଏକ ପ୍ରଦେଶରେ ବାସ କରି ସମସ୍ତ ଶ୍ରେୟ ସ୍ୱାର୍ଥ ମାୟା ମମତା ତହିଁ ସଙ୍ଗେ ମିଶାଇ ନଦେଇ ଯେଉଁମାନେ ସ୍ୱତନ୍ତ୍ର ଅର୍ଥ ଏବଂ ସର୍ତ୍ତ ଦାବି କରନ୍ତି ସେମାନେ ସେ ପ୍ରଦେଶର ଉନ୍ନତି ପଥରେ କଣ୍ଟକ, ନିଜର ସଂକୀର୍ଣ୍ଣ, ଆପାତ ସ୍ୱାର୍ଥ ଲାଗି ଅନ୍ୟ ଜାତିର ଉନ୍ନତିରେ ଅନ୍ତରାୟ ଏବଂ ଏକ ପ୍ରଦେଶ ମଧ୍ୟରେ ସ୍ୱାର୍ଥର ଅନୈକ୍ୟ ଘଟାଇବା ଦ୍ୱାରା ଭାରତର ସମୂହ କଲ୍ୟାଣର ଶତ୍ରୁ; ସୁତରାଂ ପରିଣାମରେ ଆତ୍ମଘାତୀ । ଅତଏବ ପ୍ରାକୃତିକ ଓଡ଼ିଶାରେ ଯେଉଁ ବିଭିନ୍ନ ଶ୍ରେଣୀ ସମ୍ପ୍ରଦାୟର ଲୋକେ ବାସକରି ଏହାକୁ ନିଜର ଦେଶ ବୋଲି ଗ୍ରହଣ କରିଅଛନ୍ତି ସେ ସମସ୍ତଙ୍କର ସମ୍ମିଳନୀରେ ଯେଉଁ ଓଡ଼ିଆ ଜାତି ସଂଗଠିତ, ତାହାର ଜାତୀୟତାର ବିକାଶ ସମ୍ମିଳନୀର ଉଦ୍ଦେଶ୍ୟ ।" ଏହା ହିଁ ଥିଲା ଗୋପବନ୍ଧୁଙ୍କ ଦୃଷ୍ଟିରେ ଓଡ଼ିଆ ଜାତୀୟତାର ସ୍ୱରୂପ ।

ଉପରୋକ୍ତ ଆଲୋଚନାର ଆଧାରରେ ଆମର ମାତୃଭାଷା ଓଡ଼ିଆର ସାଂପ୍ରତିକ ସ୍ଥିତି ଓ ଆମର ଜାତୀୟ ଅସ୍ମିତାର ଦୁର୍ବଳ ଅବସ୍ଥାକୁ ବିଚାର କଲାବେଳେ ପ୍ରଶ୍ନାଘାତରେ ଅସହ୍ୟ ଲାଗୁଛି । ଏକପକ୍ଷ ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ପ୍ରାଚୀନ ଗୌରବାବହ ଭାଷାକୁ ନେଇ ଆମର ବଡ଼ିମା ଓ ଅନ୍ୟପକ୍ଷରେ ପ୍ରଧାନ କ୍ଷେତ୍ର – ଶିକ୍ଷା, ପ୍ରଶାସନ ଓ ଗଣମାଧ୍ୟମରେ ଏହାର ବ୍ୟବହାରରେ ନୈରାଶ୍ୟଜନକ ସ୍ଥିତି, ଆମର ପରବର୍ତ୍ତୀ ପ୍ରଜନ୍ମ ଏହାକୁ ହେୟ ଓ ଅନାବଶ୍ୟକ ମନେକରିବା, ସରକାରଙ୍କର ସବୁ ନୀତି, ଯୋଜନା ଓ ବିଭାଗ ଥିବା ସତ୍ତ୍ୱେ ଆନ୍ତରିକତାର ଅଭାବ ଯୋଗୁଁ ଓଡ଼ିଆ ନିଷ୍କ୍ରିୟତା ଦେଖିଲେ ନିରୁତ୍ସାହିତ ଲାଗୁଛି । ଶିକ୍ଷାରେ ଓଡ଼ିଆର ସ୍ଥାନ ଗୌଣ, ପ୍ରଶାସନରେ ଓଡ଼ିଆର ଉପଯୋଗ ଓ ନ୍ୟୁନ ଓ ଗଣମାଧ୍ୟମରେ ତ୍ରୁଟିପୂର୍ଣ୍ଣ ବ୍ୟବହାରରେ ଓଡ଼ିଆ ଭାଷା ହିନିମାନ – ଏସବୁକୁ ଅନୁଭବ କରି ଆମର ଜାତୀୟ ଅସ୍ମିତାର କଥା ଚିନ୍ତାକଲାବେଳେ ଅସହାୟ ଲାଗୁଛି । ଏ ଅବସ୍ଥା ଭାଷାକୁ ଆୟୁଧ କରି ଯିଏ ନେତୃତ୍ୱ ନେଉଥିଲେ, ସଂଗଠନ ଅନିର୍ବାଣ ପ୍ରଜ୍ୱୋଳିତ ରଖିଥିଲେ, ସେ ଆଜି ଦୂର ଆକାଶ ନକ୍ଷତ୍ର ହୋଇ ଆମକୁ ଆଶିଷ ଓ ଉତ୍ସାହ ଦିଅନ୍ତୁ । ଓଡ଼ିଆ ଭାଷା ଓ ଜାତୀୟ ଅସ୍ମିତାକୁ ଅକ୍ଷୟ, ଅଜର ଓ ଅମର ରଖିବାକୁ ଆମକୁ ଅମାପ ଶକ୍ତି ଓ ସାହସ ଦିଅନ୍ତୁ ।

●

ନିର୍ଦ୍ଦେଶକ, ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର
ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାର,
ୟୁନିଟ୍-୨, ଭୁବନେଶ୍ୱର

# ସାଂସ୍କୃତିକ ଅଧ୍ୟୟନ ଓ ସାହିତ୍ୟ

ଡକ୍ଟର ଚିତ୍ତରଂଜନ ମିଶ୍ର

*ଯୁଦ୍ଧ ପରବର୍ତ୍ତୀ ବ୍ରିଟିଶ ଶିକ୍ଷାୟତନରେ ବିକାଶ ଲାଭ କରିଥିବା ସାଂସ୍କୃତିକ ଅଧ୍ୟୟନ ଫର୍ମାଲିଷ୍ଟଙ୍କ ଦ୍ୱାରା ସାହିତ୍ୟର ବିଜ୍ଞାନ ନିର୍ମାଣ ବିପରୀତରେ ଜୀବନର ବିବିଧ ଅର୍ଥ କିଭଳି ନିଷ୍ପନ୍ନ ହୁଏ, ଗ୍ରାହ୍ୟ ବା ଅଗ୍ରାହ୍ୟ ହୁଏ ତାହାର ଅନ୍ୱେଷଣ କରେ । ସଂସ୍କୃତି ଅପରିବର୍ତ୍ତନୀୟ ନୁହେଁ, କିମ୍ବା ନିର୍ଦ୍ଦିଷ୍ଟ ଗୋଷ୍ଠୀ କୈନ୍ଦ୍ରିକ ନୁହେଁ ବୋଲି ସ୍ୱୀକାର କରି ସମ୍ଭ୍ରାନ୍ତ ସାହିତ୍ୟ ବ୍ୟତୀତ ଦଳିତ, ଜନସଂସ୍କୃତି, ଲୋକପ୍ରିୟ ଗଣମାଧ୍ୟମ, ଯୁବସଂସ୍କୃତି ଭଳି ଅଣଶାସ୍ତ୍ରୀୟ ଧାରା ପ୍ରତି ଦୃଷ୍ଟି ଓ ବର୍ତ୍ତମାନ ପରିପ୍ରେକ୍ଷୀରେ ଅତୀତର ପୁନରାଲୋଚନାର ସୂତ୍ରପାତ କରେ ।*

ସାଂସ୍କୃତିକ ଅଧ୍ୟୟନ ସଂସ୍କୃତିର ଐତିହାସିକ ଭିତ୍ତି, ରାଜନୈତିକ ଗତିଶୀଳତା ଓ ସମକାଳର ଘଟଣା, ସମସ୍ୟା ଓ ଚଳଣିର ଅନୁଶୀଳନ । ସାଂସ୍କୃତିକ ଅଧ୍ୟୟନ କ୍ଷେତ୍ରରେ ଗବେଷଣା କରୁଥିବା ବ୍ୟକ୍ତିମାନେ ସାଂସ୍କୃତିକ ଧାରାଗୁଡ଼ିକର କ୍ଷମତାଏବଂ ରାଜନୈତିକ ଶକ୍ତି ବ୍ୟବସ୍ଥା ଥିବା ସମ୍ପର୍କର ଅନୁସନ୍ଧାନ କରନ୍ତି । ଭାବାଦର୍ଶ (ideology), ଶ୍ରେଣୀ ସଂଘର୍ଷ, ଜାତୀୟତାର ନିର୍ମାଣ, ଲିଙ୍ଗ, ବର୍ଣ୍ଣ ଇତ୍ୟାଦି ସାମାଜିକ ବିଭାବ ମଧ୍ୟରେ କ୍ଷମତା-ସକ୍ରିୟତାର ନିରୀକ୍ଷଣ କରନ୍ତି । ସାଂସ୍କୃତିକ ଅଧ୍ୟୟନ ସଂସ୍କୃତିକୁ ଏକ ସ୍ଥିର, ଦୀର୍ଘସ୍ଥାୟୀ ଏକକ ଭାବେ ଗ୍ରହଣ କରେନାହିଁ । ପ୍ରଥା ଓ ପ୍ରକ୍ରିୟାର ବିଭିନ୍ନତା ଓ ପରିବର୍ତ୍ତନଶୀଳତା ଭିତ୍ତିରେ ସଂସ୍କୃତିର ସ୍ୱରୂପ ଉଦ୍‌ଘାଟନ ଏହାର ଉଦ୍ଦେଶ୍ୟ । ତେଣୁ ଏହି ଅଧ୍ୟୟନ ବିବିଧ ତତ୍ତ୍ୱ ଓ ପଦ୍ଧତିର ବ୍ୟବହାର କରିଥାଏ ।

୧୯୫୦ ପରବର୍ତ୍ତୀ ତିନୋଟି ଦଶକରେ ବ୍ରିଟିଶ ଶିକ୍ଷାନୁଷ୍ଠାନରେ ସାଂସ୍କୃତିକ ଅଧ୍ୟୟନ ବିକାଶ ଲାଭ କରିଥିଲା । ପରେପରେ ସମଗ୍ର ପୃଥିବୀରେ ଏହା ଆଦୃତ ହୋଇଛି । ଏହି ଅଧ୍ୟୟନ ଆନ୍ତଃଶୃଙ୍ଖଳୀୟ ଅର୍ଥାତ୍ ବହୁବିଧ ଜ୍ଞାନ-ଶୃଙ୍ଖଳାକୁ ଆଧାର କରି ନଚେତ୍ ବିରୋଧ କରି ପରିବର୍ଦ୍ଧିତ ହୋଇଛି । ସାମାଜିକ ସ୍ତରରେ ସଙ୍ଗଠିତ ମଣିଷର ଆଚାର, ବ୍ୟବହାର, ଓ ଦୈନନ୍ଦିନ ଜୀବନ-ଶୈଳୀ ସଂରଚନା ସାଂସ୍କୃତିକ ଅଧ୍ୟୟନର ମୁଖ୍ୟ ବିଷୟବସ୍ତୁ । ବିଭିନ୍ନ ସମାଜ ଓ ଐତିହାସିକ କାଳଖଣ୍ଡର ସାଂସ୍କୃତିକ ବିଭାବ ନିରୂପଣରେ ବହୁବିଧ ଜ୍ଞାନ ବା ବିଦ୍ୟାରୁ ଆନୀତ ପଦ୍ଧତିର ପ୍ରୟୋଗ କରାଯାଏ । ସେଗୁଡ଼ିକ ମୁଖ୍ୟତଃ : ସେମିଟିକ୍ସ (ସଙ୍କେତ ତତ୍ତ୍ୱ), ମାର୍କ୍ସବାଦ, ନାରୀବାଦୀ ତତ୍ତ୍ୱ, ଉତ୍ତର-ସଂରଚନାବାଦ, ଉତ୍ତର-ଉପନିବେଶବାଦ, ସମାଜ ତତ୍ତ୍ୱ, ସାହିତ୍ୟ, ଇତିହାସ, ରାଜନୀତି ଓ ଦର୍ଶନ ତତ୍ତ୍ୱ, ଗଣମାଧ୍ୟମ ତତ୍ତ୍ୱ (media theory), ଅନୁବାଦ-ଅଧ୍ୟୟନ, ସଂଗ୍ରହାଳୟ (museum) ଅଧ୍ୟୟନ, କଳା ସାହିତ୍ୟ, ଇତିହାସ ଓ ସମାଲୋଚନା, ଯୋଗାଯୋଗ-ଅଧ୍ୟୟନ ।

ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ପ୍ରେକ୍ଷାପଟରେ କ୍ଷମତା ଓ ନିୟନ୍ତ୍ରଣର ନିଗଡ଼ ଭିତରେ ମଣିଷ କେମିତି ଅର୍ଥ-ପ୍ରକରଣ କରେ, ଜୀବନର ବିବିଧ ଅର୍ଥ କେମିତି ଉତ୍ପାଦିତ ହୁଏ, ଗ୍ରାହ୍ୟ ବା ଅଗ୍ରାହ୍ୟ ହୁଏ ତାହା ବୁଝାଇବାର ଚେଷ୍ଟା କରେ ସାଂସ୍କୃତିକ ଅଧ୍ୟୟନ । ଏଥିରେ ମୁଖ୍ୟତଃ ଦୁଇଟି ତତ୍ତ୍ୱର ପ୍ରୟୋଗ କରାଯାଏ । ଗୋଟିଏ ହେଲା ସାଂସ୍କୃତି ଆଧିପତ୍ୟ ବା କର୍ତ୍ତୃତ୍ୱ ତତ୍ତ୍ୱ (cultural hegemony) ଓ ଅନ୍ୟଟି ମଧ୍ୟବର୍ତ୍ତିତା / ମାଧ୍ୟମ ତତ୍ତ୍ୱ (agency) । ଜଗତୀକରଣ

ପରିପ୍ରେକ୍ଷୀରେ ଏହି ଦୁଇଟି ତତ୍ତ୍ୱର ପ୍ରୟୋଗ କରି ସଂସ୍କୃତିବିତ୍‌ମାନେ ସାଂସ୍କୃତିକ କ୍ଷେତ୍ରରେ ଜଗତୀକରଣ ପ୍ରକ୍ରିୟାର ଅନୁସନ୍ଧାନ କରିଥାନ୍ତି । ସାଂସ୍କୃତିକ ଆଧିପତ୍ୟ, ମାର୍କ୍ସୀୟ ଦର୍ଶନର ବିଷୟ । ବିବିଧ ସଂସ୍କୃତିର ସମଷ୍ଟିରେ ଗଠିତ ସମାଜରେ ଶାସକ ଗୋଷ୍ଠୀ ନିଜସ୍ୱ ଭୂୟୋଦୃଷ୍ଟିକୁ ତତ୍କାଳୀନ ସମାଜର ଭୂୟୋଦୃଷ୍ଟି ଭାବରେ ପରିଚିତ କରାଏ । ଆପଣାର ଆଦର୍ଶକୁ ଜାହିର୍ କରେ । ସେହି ଆଦର୍ଶ ପ୍ରତ୍ୟେକ ବ୍ୟକ୍ତି ପାଇଁ ସାମାଜିକ, ରାଜନୈତିକ ଓ ଆର୍ଥନୈତିକ ସ୍ଥିତାବସ୍ଥାକୁ ସ୍ୱାଭାବିକ ଓ ଅପରିହାର୍ଯ୍ୟ ଭାବେ ଗ୍ରହଣୀୟ କରିଦିଏ । ଶାସକ ଗୋଷ୍ଠୀର କୃତ୍ରିମ କୌଶଳ ସାଧାରଣ ଶାସିତ ବର୍ଗ ଜାଣିପାରେ ନାହିଁ । କୌଶଳ ପ୍ରଣୋଦିତ ଆଦର୍ଶ ତାର ବିଶ୍ୱାସ, ଚିନ୍ତାଧାରା, ମୂଲ୍ୟବୋଧ ଓ ଅନୁଭବକୁ ନିୟନ୍ତ୍ରିତ କରିଥାଏ, କିନ୍ତୁ ସେ ଏସବୁକୁ ଏକ ସ୍ୱାଭାବିକ ସବ;ଜନୀନ ସ୍ଥିତି ଭାବରେ ଗ୍ରହଣ କରେ । ମଧ୍ୟବର୍ତ୍ତିତା ବା agency ହେଉଛି ବ୍ୟକ୍ତିବିଶେଷମାନଙ୍କ ମୁକ୍ତିକାମୀ ସାମର୍ଥ୍ୟ । ସାମାଜିକ ସଂରଚନା-ସ୍ତରର ଚାପରୁ ମୁକ୍ତ ଭାବେ ବ୍ୟକ୍ତି ଆପଣାର ଅଭିରୁଚି ଓ ନିର୍ଣ୍ଣୟ ନେବାର ସାମର୍ଥ୍ୟ ମଧ୍ୟ ସାଂସ୍କୃତିକ ଅଧ୍ୟୟନର ଅନ୍ୟ ଏକ ଦିଗ ।

ସଂସ୍କୃତି ଅଧ୍ୟୟନକୁ ଉଦ୍ଦେଶ୍ୟ ଭିତ୍ତିରେ ପାଞ୍ଚଟି ଭାଗରେ ବିଭକ୍ତ କରାପାରେ :

୧. କ୍ଷମତା ସହ ସାଂସ୍କୃତିକ ଧାରାଗୁଡ଼ିକର ସମ୍ପର୍କ ଉଦ୍‌ଘାଟନ । ଅର୍ଥାତ୍ ଉପସଂସ୍କୃତିଗୁଡ଼ିକର ମୁଖ୍ୟ ସଂସ୍କୃତି ସହ ଥିବା ସମ୍ପର୍କର ସୂତ୍ରାବିଷ୍କାର ।

୨. ସାମାଜିକ ଓ ରାଜନୈତକ ପେକ୍ଷାପଟରେ ସଂସ୍କୃତିର ସ୍ୱରୂପ ଓ ତାର ଜଟିଳତାର ଆଲୋଚନା ।

୩. ସାଂସ୍କୃତିକ ବିଷୟବସ୍ତୁର ଅଧ୍ୟୟନକୁ ରାଜନୈତିକ କ୍ରିୟାଶୀଳତା ତଥା ରାଜନୈତିକ ସମାଲୋଚନାର କ୍ଷେତ୍ରଭାବେ ବିବେଚନା କରିବା ।

୪. ଜ୍ଞାନ ଶୃଙ୍ଖଳାର ବିଭାଗୀକରଣ ଭିତରେ ଥିବା ପ୍ରଭେଦଗୁଡ଼ିକର ଆଲୋଚନା ଓ ବିଭାଗୀକରଣ ଯେ ଏକ କୃତ୍ରିମ ନିର୍ମାଣ ଏହାର ସୂଚାଇଦେବା ।

୫. ସାମ୍ପ୍ରତିକ ସମାଜର ନୈତିକ ମୂଲ୍ୟାୟନ ଓ ମୌଳିକ ପରିବର୍ତ୍ତନ ପାଇଁ ରାଜନୈତିକ କାର୍ଯ୍ୟପନ୍ଥା ନିର୍ବାଚନ ।

ଇଂରାଜୀ ସାହିତ୍ୟ ସମାଲୋଚନାରେ ଦୀର୍ଘ ତିରିଶ ବର୍ଷ ଧରି ସକ୍ରିୟ ଥିବା ସମାଲୋଚକ F. R. Leavis ସଂସ୍କୃତିକୁ ଉଚ୍ଚକୋଟୀର କଳା ବୋଲି ବିବେଚନା କରୁଥିବାରୁ ତାଙ୍କ ବିବେଚନାକୁ ଭ୍ରମାତ୍ମକ ବିଚାର କରାଯାଏ । ତାଙ୍କ ମତରେ ମୁଦ୍ରଣ ଶିଳ୍ପ ସାଧରଣ ସଂସ୍କୃତିକୁ ବିଭାଜିତ କରି ବିଭିନ୍ନ ରୁଚି ପାଇଁ ଭିନ୍ନ ଭିନ୍ନ ବଜାର ତିଆରି କରିବାରେ ସାହାଯ୍ୟ କରିଥିଲା । ରୁଚି ପ୍ରାଚୀରଗୁଡ଼ିକର (taste barriers) ନିରବଛିନ୍ନ ଗଠନ ଫଳରେ କୌଣସି ଗୋଟିଏ ରୁଚି, ମାନକ (standard) ଭାବେ ମାନ୍ୟତା ପାଇପାରିଲା ନାହିଁ । ଏହିଭଳି ଅବସ୍ଥାରେ କଳାକାର ବା ସାହିତ୍ୟିକମାନେ କେବଳ ଗୋଟିଏ ବୌଦ୍ଧିକ ବା ଶିକ୍ଷିତ ସମାଜ ଉଦ୍ଦେଶ୍ୟରେ ରଚନା କରିବାର ସମ୍ଭାବନା କ୍ଷୀଣ ହୋଇ ପଡ଼ିଲା । ଯାନ୍ତ୍ରିକ ଓ ଗଣସଂସ୍କୃତିର ଅଭ୍ୟୁଦୟ ଫଳରେ ମାନବୀୟ ସୂତ୍ରରେ ଗଠିତ ଗୋଷ୍ଠୀ ବା ସମାଜଗୁଡ଼ିକର ବିଲୟ ଘଟିଥିଲା ବୋଲି ଲିଭିସ୍‌ଙ୍କ ମତ ।

ସଂସ୍କୃତିର ଗତି ଓ ପ୍ରକୃତି ସମ୍ବନ୍ଧରେ ରୁଷିଆର ଚିନ୍ତାନାୟକମାନଙ୍କ ବିତର୍କ ଗୁରୁତ୍ୱପୂର୍ଣ୍ଣ । ମିଖାଇଲ ଗର୍ଶନଜନ୍‌ଙ୍କ (Mikhail Gershenzon) ମତରେ ରୁଷିଆର ବୌଦ୍ଧିକ ଜୀବନର ଇତିହାସ ବୁଦ୍ଧିଜୀବୀ (intelligentsia) ଓ ଲେଖକମାନଙ୍କ ମଧ୍ୟରେ ଘଟିଥିବା ସଂଗ୍ରାମର ଇତିହାସ । ରୁଷିଆରେ intelligentsia କହିଲେ ଆମେ ସାଧାରଣ ଅର୍ଥରେ ଯାହା ବୁଝୁ, ତାହା ନୁହେଁ । ସାଧାରଣ ଅର୍ଥରେ ଜୀବନ ଓ ଜଗତକୁ ବୌଦ୍ଧିକ ସ୍ତରରେ ମନନ କରୁଥିବା

ଗୋଷ୍ଠୀକୁ ବୁଦ୍ଧିଜୀବୀ କୁହାଯାଏ । କିନ୍ତୁ ରୁଷିଆର ବୁଦ୍ଧିଜୀବୀ କହିଲେ ଆଦର୍ଶ-ବ୍ୟବସ୍ଥାକୁ ଯାବୁଡ଼ି ଧରିଥିବା ବ୍ୟକ୍ତିଙ୍କୁ ବୁଝାଏ । ଯେଉଁ ବୁଦ୍ଧିଜୀବୀ ନାସ୍ତିକ, ବୈଜ୍ଞାନିକ ବିଚାର ସମ୍ପନ୍ନ ହେବାକୁ ବାଧ୍ୟ, ସମସ୍ତ ପରମ୍ପରା ବିରୋଧରେ ଠିଆ ହୋଇ ଜୀବନର ପ୍ରତିଟି ବିଷୟ ଓ ଘଟଣା ବ୍ୟାଖ୍ୟାନରେ ସମର୍ଥ ସେହି ବୁଦ୍ଧିଜୀବୀମାନେ ଏକ ବୈପ୍ଳବିକ ପରିଭାଷାକୁ ଆପଣେଇ ଥିଲେ । ବିଜ୍ଞାନ ଯେ ସମସ୍ତ ଜାଗତିକ ଜ୍ଞାନର ନିୟାମକ, ଅମୂର୍ତ୍ତ ଆତ୍ମା ବିଷୟକ ଚିନ୍ତନ ଏବଂ କଳ୍ପନା ତଥା ଇତିହାସ ମଧ୍ୟ ବିଜ୍ଞାନ ଭଳି ଏକ ଶୃଙ୍ଖଳିତ ଶୃଙ୍ଖଳା ଏଥିରେ ବିଶ୍ୱାସ କରୁଥିଲେ । 'କଳା'କୁ ସେମାନେ ଶିକ୍ଷା ଓ ରାଜନୀତିର ସାଧନ ଛଡ଼ା ଅନ୍ୟ ମୂଲ୍ୟ ଦେଉନଥିଲେ । ବୁଦ୍ଧିଜୀବୀମାନଙ୍କ ଏ ପ୍ରକାର ଦୃଷ୍ଟି ବହୁ ଲେଖକଙ୍କୁ ସୁହାଉଥିଲେ ମଧ୍ୟ ଡଷ୍ଟଏଭସ୍କି, ଟଲଷ୍ଟୟ ଓ ଚେଖଭଙ୍କ ପରି ଲେଖକମାନଙ୍କ ଦ୍ୱାରା ଏହା ଗ୍ରହଣୀୟ ହେଇନଥିଲା । ନିଉଟନ୍ ଯେଭଳି କେତୋଟି ଗାଣିତିକ ସୂତ୍ରରେ ମହାଜାଗତିକ ଜଟିଳତାକୁ, ଗ୍ରହପିଣ୍ଡମାନଙ୍କ ଗତି ଓ ଚଳନକୁ ଦର୍ଶାଇ ପାରିଥିଲେ, ସେଭଳି କିଛି ସୂତ୍ରାବିଷ୍କାର କରି ସାମାଜିକ ବିଜ୍ଞାନକୁ ବ୍ୟାଖ୍ୟା କରିବା ଦିଗରେ ପାଶ୍ଚାତ୍ୟ ଚିନ୍ତାନାୟକମାନେ ଆଗଭର ହୋଇଥିଲେ । ସଂସ୍କୃତି ଓ ଇତିହାସର ସୂତ୍ରାବିଷ୍କାର କରିବା ପାଇଁ ସେମାନେ ଚେଷ୍ଟା କରିଥିଲେ ।

ବାକ୍ତିନ୍ (Bakhtin) ଏଭଳି ପରିକଳ୍ପନାର ପରିପନ୍ଥୀ । ତାଙ୍କ ମତରେ ଜୀବନରେ ଘଟୁଥିବା ଘଟଣା ଅୟୁତ ସମ୍ଭାବନା ଭିତରୁ କେତେକର ବାସ୍ତବକରଣ । ଏ ଜଗତ ବହୁ ସମ୍ଭାବନାର ସମ୍ଭାବ୍ୟ । କୌଣସି ଘଟିଥିବା ଘଟଣାର ବ୍ୟାଖ୍ୟା ସେହିଭଳି ଆଉ ଗୋଟିଏ ଘଟଣାର ଘଟିବାର କାରଣ ହୋଇନପାରେ । ଦୁଇଟି ଘଟଣା ଏକାପରି ପ୍ରତୀୟମାନ ହେଲେ ମଧ୍ୟ ସେମାନଙ୍କ କାରଣ ଭିନ୍ନ ଭିନ୍ନ ହୋଇପାରେ । ତେଣୁ କୌଣସି ଆନୁମାନିକ ସିଦ୍ଧାନ୍ତ ଚୂଡ଼ାନ୍ତ ହୋଇନପାରେ । ଅଲକ୍ଷ୍ୟରେ ବନ୍ଧୁକରୁ ଫୁଟି ଯାଇଥିବା ଗୁଳି କାହାକୁ ବିଦ୍ଧ କରିବ ତାହା ସେହି ମୁହୂର୍ତ୍ତ ହିଁ ନିୟନ୍ତ୍ରଣ କରେ । ବିଜ୍ଞାନ ତାହାର ଭବିଷ୍ୟବାଣୀ କରିପାରିବ ନାହିଁ । ନିୟନ୍ତ୍ରଣବାଦ (Determinism) ପ୍ରତିଟି ବର୍ତ୍ତମାନ ମୁହୂର୍ତ୍ତକୁ ଅତୀତ ବା ପ୍ରାକ୍ ସୂତ୍ରର ସ୍ୱାଭାବିକ୍ ପରିଣତି ଭାବେ ଦେଖିଥାଏ । ଯେମିତି ମଙ୍ଗଳ ଗ୍ରହର ବର୍ତ୍ତମାନ ସ୍ଥିତିକୁ ତାର ପୂର୍ବ ସ୍ଥିତି ଓ ଗ୍ରହ ଚଳନର ସୂତ୍ର ଜରିଆରେ ଜାଣିହୁଏ । କିନ୍ତୁ ମଣିଷ ଜଗତରେ ତାତ୍କାଳିକ ନିଷ୍ପତ୍ତି ଓ ପ୍ରଚୋଦନା ବିଶେଷ ଗୁରୁତ୍ୱ ପୂର୍ଣ୍ଣ । ତେଣୁ ଭବିଷ୍ୟର ଆକଳନ ଅତୀତ ଘଟଣାଚର୍ଯ୍ୟାର ନିଷ୍କର୍ଷରେ ନିର୍ଦ୍ଧାରଣବାଦୀଙ୍କ ପନ୍ଥା ହୋଇପାରେ, କିନ୍ତୁ ବାକ୍ତିନ୍ ବା ଡଷ୍ଟଏଭସ୍କିଙ୍କ ପାଇଁ ନୁହେଁ ।

ରୁଷିଆର ଫର୍ମାଲିଷ୍ଟଗଣ (ପ୍ରକାରବାଦୀ) ସାହିତ୍ୟର ବିଜ୍ଞାନ (science of literature) ସୃଷ୍ଟି କରିବାର ଅଭିଳାଷ ରଖିଥିଲେ । ସାହିତ୍ୟକୁ ଏକ ନିର୍ଦ୍ଦିଷ୍ଟ ବିଧି ବ୍ୟବସ୍ଥା (specific system of facts) ଭଳି ସାବ୍ୟସ୍ତ କରିବାକୁ ସେମାନେ ଚେଷ୍ଟା କରିଥିଲେ । ଫର୍ମାଲିଷ୍ଟମାନଙ୍କ ପୂର୍ବରୁ ସାହିତ୍ୟକୁ କେତେକାଂଶରେ ସାମାଜିକ, ଆଂଶିକ ଭାବେ ରାଜନୈତିକ ଓ କେତେକାଂଶରେ ଭାଷାତାତ୍ତ୍ୱିକ ଓ ଦାର୍ଶନିକ ଭାବେ ଗ୍ରହଣ କରାଯାଉଥିଲା ଓ ସାହିତ୍ୟର ସମାଲୋଚନାରେ ସେହି ଅନୁଷଙ୍ଗଗୁଡ଼ିକର ଅବତାରଣା କରାଯାଉଥିଲା । ଫର୍ମାଲିଷ୍ଟମାନେ ସେହିସବୁ ଅଣ-ସାହିତ୍ୟିକ ଉପାଦାନକୁ ତାଙ୍କ ପରିର୍ଚ୍ଚାରୁ ବହିଷ୍କୃତ କରିବାକୁ ଚେଷ୍ଟା କରିଥିଲେ । ସବୁ ଉପାଦାନ ଅପସାରଣ କଲାପରେ ଯାହା ରହିଲା, ତାକୁ ସେମାନେ କହିଲେ ସାହିତ୍ୟିକତା (Literariness)ବା ସାହିତ୍ୟର ନିର୍ଯ୍ୟାସ । ଯେଉଁ ଗୁଣ ସାହିତ୍ୟକୁ ସାହିତ୍ୟ କରେ ତାହା ପ୍ରମାଣ କରିବାକୁ ସେମାନେ କାବ୍ୟିକ ଭାଷା ଓ ସାଧାରଣ ଭାଷା ମଧ୍ୟରେ ଥିବା ପାର୍ଥକ୍ୟର ଆଲୋଚନା କଲେ । ଭିକ୍ଟର ସ୍କ୍ଲଭସ୍କି (Shklovsky) ଏହା ଦର୍ଶାଇବା ପାଇଁ defamiliarization ବା bestrangement (ଅପରିଚିତିକରଣ) ଶବ୍ଦ ବ୍ୟବହାର କରିଥିଲେ । ଆଉ ଗୋଟିଏ ସମାର୍ଥବୋଧକ ଶବ୍ଦ ହେଲା

dehabitualization । ସାଧାରଣ ଜିନିଷକୁ ଅସାଧାରଣ ରୂପେ ଅଭିହିତ କରିବା, ପରିଚିତ ଦ୍ରବ୍ୟକୁ ଅପରିଚିତ ଭାବେ ପ୍ରକଟିତ କରିବା ସାହିତ୍ୟରେ ସମ୍ଭବ । ଅର୍ଥାତ୍ ସାଧାରଣ ଦ୍ରବ୍ୟ ଭିତରେ ଯେଉଁ ଅସାଧାରଣତା ଛପି ରହିଛି ବା ଅଭ୍ୟାସର ବହଳ ଧୂଳି ଭିତରେ ଯାହା ଆମକୁ ସାଧାରଣ ଭଳି ଲାଗେ, ସେଥିପ୍ରତି ଆମକୁ ସଚେତନ କରାଇବା । ଯାହା ଆମେ ସବୁବେଳେ ଦେଖୁଥାଉ ତାହା ନୂଆ ଅର୍ଥରେ, ନୂଆ ଅନୁଭୂତିରେ ପ୍ରଥମ କରି ଦେଖିବା ଭଳି ଲାଗେ । ସାହିତ୍ୟର ଇତିହାସ ଏହି ଅପରିଚିତିକରଣର ଇତିହାସ । ଅପରିଚିତିକରଣ ବିଭାବଗୁଡ଼ିକ ଧୀରେଧୀରେ ପରିଚିତ ଓ ଘଷରା ହୋଇଯାଏ । ନୂଆ ପିଢ଼ିର ସାହିତ୍ୟିକ ପୁଣି କେହି ଘଷରା ବହୁ ବ୍ୟବହୃତ ଶୈଳୀ ଓ ଉପାଦାନ ବଦଳାଇ ନୂତନ ମାର୍ଗ ଆଦରେ । ନୂଆ ଅପରିଚିତିକରଣର ମାର୍ଗ ଉଦ୍‌ଭାବନ କରେ ।

ଫର୍ମାଲିଷ୍ଟମାନଙ୍କ ଏ ପ୍ରକାର ସାହିତ୍ୟ ଚର୍ଚ୍ଚା ଧୀରେଧୀରେ ସଂସ୍କୃତିର ଅନ୍ୟାନ୍ୟ ଦିଗ ସହ ସମ୍ପର୍କିତ ହେବାର ଆବଶ୍ୟକତା ଅନୁଭୂତ ହେଲା । ସାହିତ୍ୟର ସ୍ୱୟଂସମ୍ପୂର୍ଣ୍ଣତାକୁ ପ୍ରାଧାନ୍ୟ ଦେଇ ମଧ୍ୟ ସେମାନେ ସଂସ୍କୃତିର ଅନ୍ୟାନ୍ୟ ଶକ୍ତିଗୁଡ଼ିକର ସଂସର୍ଗଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ଆରମ୍ଭ କଲେ । ସାହିତ୍ୟର ଇଲାକାକୁ ବାଡ଼ବୁଜି ଦେଖାଇବା ଭିତରେ ବହୁ ଜଟିଳତାର ସମ୍ମୁଖୀନ ହେଲେ । ସାହିତ୍ୟର ଭିନ୍ନତାକୁ ଦର୍ଶାଇବା ବେଳେ ସାମାଜିକ ବିଷୟ ଓ ସାହିତ୍ୟିକ ବିଷୟର ପାର୍ଥକ୍ୟର ଆନୟନ ସେମାନଙ୍କ ନିର୍ଦ୍ଧାରଣ ଭିତ୍ତିକ ପଦ୍ଧତି ଭିତରେ ସମ୍ଭବ ହେଲାନାହିଁ । ଶେଷରେ ରୁଷିଆର ସାହିତ୍ୟ ସମାଲୋଚନା ଓ ସାହିତ୍ୟ ତତ୍ତ୍ୱଗୁଡ଼ିକ ଦୈନନ୍ଦିନ ଜୀବନଧାରାର ସଙ୍କେତ (the semiotics of everyday life) ଅଧ୍ୟୟନରେ ପରିଣତ ହେବାକୁ ଲାଗିଲା ।

ବାକ୍‌ତିନ୍‌ଙ୍କ ମତରେ ସାହିତ୍ୟ ଅଧ୍ୟୟନ ଏବ ବିଜ୍ଞାନ ହୋଇପାରିବ ନାହିଁ । ବ୍ୟକ୍ତି ଓ ଓମାଜ ସମ୍ବନ୍ଧରେ ଆମର ଜ୍ଞାନ ବୈଜ୍ଞାନିକ ପଦ୍ଧତି ଭିତରେ ସୀମିତ ବା ବ୍ୟକ୍ତ କରିହେବ ନାହିଁ । ନୈତିକତାକୁ ଯେମିତି କେତୋଟି ସୂତ୍ର ଭିତରେ ବାନ୍ଧି ହେବନାହିଁ, ସମାଜକୁ ବି କେତେକ ଶକ୍ତି ସଂରଚନାରେ ଦର୍ଶାଇ ହେବନାହିଁ । ସେହିଭଳି ବ୍ୟକ୍ତି ବିଶେଷଙ୍କର ଅଧ୍ୟୟନରେ ବ୍ୟକ୍ତିମାନଙ୍କୁ କେତୋଟି ବିଭାଗ ଭିତରେ ବିଭାଜିତ କରି ସମ୍ପୂର୍ଣ୍ଣ ଆକଳନ କରିହେବ ନାହିଁ । ସମସ୍ତ ବିଭାଗୀକରଣ ସତ୍ତ୍ୱେ କିଛି ବଳକା ବା ଅତିରିକ୍ତ ରହିବ - ଯାହାଙ୍କୁ ବାକ୍‌ତିନ କହିଥିଲେ - the surplus ବା ଅଧିଶେଷ ।ବାକ୍‌ତିନଙ୍କ ସାହିତ୍ୟ ସମାଲୋଚନା ଏକ ପ୍ରକାର ଦର୍ଶନାଶ୍ରୟୀ ରଚନା । ସାହିତ୍ୟକୃତିରେ ବିଶେଷ କରି ଉପନ୍ୟାସରେ ଆମେ ଯେଉଁ ବାସ୍ତବତାର ଉଦ୍‌ଘାଟନ କରୁ, ତାହା ବାସ୍ତବତର କେବଳ ମାତ୍ର ରୂପ ନୁହେଁ, ତାହା ଅନେକ ସମ୍ଭାବ୍ୟ ବାସ୍ତବତାର ଦ୍ୟୋତକ । ଏମିତି କୌଣସି ପ୍ରକାର ବା form ନାହିଁ, ଯେଉଁଥିରେ ବ୍ୟକ୍ତିର ସକଳ ବକ୍ତବ୍ୟ ଓ ସଂଜ୍ଞା ମୂର୍ତ୍ତିମନ୍ତ ହୋଇପାରିବ । ଯେଉଁ ମାନବୀୟ 'ଅଧିଶେଷ' ଅବ୍ୟକ୍ତ ବା ଅଚରିତାର୍ଥ ରହିଯିବ, ତାହା ସବୁବେଳେ ଅନ୍ୟ ଏକ ଭବିତବ୍ୟକୁ, ଅନ୍ୟ ସମ୍ଭାବନାମାନଙ୍କୁ ଖୋଜୁଥିବ ଓ ଲୋଡ଼ୁଥିବ ।

ଉପନ୍ୟାସ ଆଲୋଚନାରେ ବାକ୍‌ତିନ ସଂଳାପ ବା କଥୋପକଥନର ଭିତ୍ତିକୁ ସର୍ବଶ୍ରେଷ୍ଠ ମାନ୍ୟତା ଦେଇଥିଲେ । ସାହିତ୍ୟ ଆଲୋଚନାକୁ ସେ ସାଂସ୍କୃତିକ ବଳୟ ଭିତରକୁ ସଞ୍ଚାରିତ କରିଥିଲେ । ପ୍ରତ୍ୟେକ ଉକ୍ତିର ଉଚ୍ଚାରଣରେ ଗୋଟିଏ ଚରିତ୍ର ତାର ସାମଗ୍ରିକ ସମକାଳୀନ ଅବସ୍ଥାର ପରିଚୟ ଦେଇଥାଏ ବୋଲି ବାକ୍‌ତିନଙ୍କ ବିଶ୍ୱାସ । Heteroglossia ବା ବହୁ ବିରୋଧୀ ସ୍ୱରର ରଣଭୂମି ସେ ଆବିଷ୍କାର କରିଥିଲେ ଉପନ୍ୟାସର ଅବୟବ ଭିତରେ । ଯେ କୌଣସି ଏକ ଦତ୍ତ ସମୟରେ ଗୋଟିଏ ସଂସ୍କୃତିର ଅଂଶୀଦାରମାନେ ଯେଉଁ ଭିନ୍ନ ଭିନ୍ନ ଭାଷା ବ୍ୟବହାର କରିଥାନ୍ତି ତାହା ବିଭିନ୍ନ ମୂଲ୍ୟବୋଧ, ବିଶ୍ୱାସ ଓ ଉଦ୍ଦେଶ୍ୟର ପରିଣତି ତଥା ପରିଚାୟକ ଭାଷାମାନଙ୍କ ଭିନ୍ନତାଗୁଡ଼ିକୁ ସଂଳାପଧର୍ମୀ ବା ପରସ୍ପର ବିରୋଧୀ କରି

ସଂଗଠିତ କରିବାରେ ଉପନ୍ୟାସର ଗୁରୁତ୍ୱ ରହିଛି । ବ୍ୟାକରଣ ଦୃଷ୍ଟିରୁ ସାଧାରଣ ମନେହେଲେ ମଧ୍ୟ ସଂଳାପ ଧର୍ମ ଦୃଷ୍ଟିରୁ ଭିନ୍ନ ଭିନ୍ନ ମୂଲ୍ୟବୋଧର ତରଙ୍ଗ ଉପନ୍ୟାସରେ ସଞ୍ଚରଣଶୀଳ । ସେହି ତରଙ୍ଗମାନଙ୍କ ପାରସ୍ପରିକ ଅତିକ୍ରମଣ ଓ ବିରୋଧର ସମ୍ଭାବନାଗୁଡ଼ିକ ଅନୁମାନ ସାପେକ୍ଷ ନୁହେଁ । ତେଣୁ ସମ୍ଭାବ୍ୟ ଅର୍ଥମାନଙ୍କ ଉନ୍ମୁଖତାରେ ସୃଜନଶୀଳ ଦୁନିଆ ଓ ମୁକ୍ତ ସମୟର ସୂଚନା ପ୍ରଦାନ କରେ ଉପନ୍ୟାସ । ଫର୍ମାଲିଷ୍ଟ ତତ୍ତ୍ୱରେ ସବୁକିଛି ପ୍ରାକ୍ ନିର୍ଦ୍ଧାରିତ ଓ ନିର୍ଦ୍ଦିଷ୍ଟ କାଳ ସମ୍ଭୂତ ଏ ଧାରଣାକୁ ସ୍ଥାନାନ୍ତରିତ କରିଥିଲେ ବାକ୍‌ତିନ୍ ।

ରୁଷୀୟ ଫର୍ମାଲିଷ୍ଟମାନଙ୍କ ଭଳି ଆମେରିକାର 'ନୂତନ ସମାଲୋଚନା' (New Criticism) ମଧ୍ୟ ସାହିତ୍ୟକୁ ଏକ ସ୍ୱୟଂସମ୍ପୂର୍ଣ୍ଣ ଶୃଙ୍ଖଳାର ମାନ୍ୟତା ଦେବାପାଇଁ ସାହିତ୍ୟ ସମାଲୋଚନାକୁ ରାଜନୀତି ଓ ଇତିହାସଠାରୁ ବିଚ୍ଛିନ୍ନ କରି ରଖିବା ପାଇଁ ଚେଷ୍ଟିତ ଥିଲା ।ବିଜ୍ଞାନ ପ୍ରଦତ୍ତ ସତ୍ୟଗୁଡ଼ିକ ଯେଭଳି ଇତିହାସ ଓ ରାଜନୀତିର ପରିବର୍ତ୍ତନ ସତ୍ତ୍ୱେ ଅପରିବର୍ତ୍ତିତ, ସେହିଭଳି ସାହିତ୍ୟର ବିଶ୍ଳେଷଣ ସ୍ୱତନ୍ତ୍ର ଓ ବିଜ୍ଞାନର ସମକକ୍ଷ ହୋଇପାରିବ ବୋଲି ନୂତନ ସମାଲୋଚକ ଗୋଷ୍ଠୀ ବିଚାର କରୁଥିଲେ । ଜନ୍ କ୍ରୋରାନ୍‌ସମ୍, ଭିମ୍‌ସାଟ୍, ଆଲେନ୍ ଟେଟ୍, ମନରୋ ବର୍ଡ଼ସ୍‌ଲି, ଆର. ପି. ବ୍ଲାକ୍‌ମର୍ ଆଦି ସମାଲୋଚକମାନେ ଗୋଟିଏ ଲେଖା ପଛରେ ଥିବା ଲେଖକ ପାଠକ, ସାମାଜିକ ପ୍ରସଙ୍ଗ ଇତ୍ୟାଦି ଗୌଣ ତଥା ଅନାବଶ୍ୟକ ବୋଲି ମନେ କରୁଥିଲେ । ରଚନାର ଗଠନ-ଶୃଙ୍ଖଳା ଭିତରେ କିଭଳି ବିରୋଧାଭାସ (Paradox), ଭାବ ଉଦ୍‌ବେଳନ (Tension), ଅନିଶ୍ଚିତାର୍ଥକତା ବା ସନ୍ଦିଗ୍ଧତା ସୁସମାହିତ ଭାବେ ବିନ୍ୟସ୍ତ ହୋଇଥାଏ, ତାହାର ଅନୁସନ୍ଧାନ କରିବା ଥିଲା ସେମାନଙ୍କ ବିଶ୍ଳେଷଣର ମୁଖ୍ୟ ଦିଗ । ସେମାନେ ସାହିତ୍ୟକୁ ସାଂସ୍କୃତିକ ପରିପ୍ରକାଶ ଭାବେ ଗ୍ରହଣ ନକରିବା ପଛରେ ସାହିତ୍ୟ ଅଧ୍ୟୟନକୁ ଏକ ଉଚ୍ଚତର ଜ୍ଞାନ ଶୃଙ୍ଖଳାର ମାନ୍ୟତା ଦେବା ଉଦ୍ଦେଶ୍ୟ ଥିଲା । ମାର୍କ୍‌ସୀୟ ଚିନ୍ତନ ସମ୍ଭାର ଇତିହାସ ନିର୍ଭର । ସାହିତ୍ୟଚର୍ଚ୍ଚା ତଥା ସାହିତ୍ୟ ଶ୍ରେଣୀ-ସଂଘର୍ଷର ଏକ ଅସ୍ତ୍ର – ଏ ବିବେଚନାଠାରୁ ସେମାନେ ଦୂରରେ ରହିଥିଲେ । ବରଂ ସାହିତ୍ୟରେ ଥିବା ଗାଠନିକ ସଂହତି ସାଂସ୍କୃତି ସଂହତିର ଅନୁରୂପ ଓ ଅନୁପନ୍ଥୀ – ଏ ପ୍ରକାର ମନୋବୃତ୍ତିଟିଏ ସେମାନଙ୍କୁ ପ୍ରଚୋଦିତ କରିଥିଲା ।

ଶିକ୍ଷାୟତନର ଏକ ମାନ୍ୟତାପ୍ରାପ୍ତ ପଦ୍ଧତି ରୂପେ ଇଉରୋପ ଓ ଆମେରିକାରେ ଫର୍ମାଲିଷ୍ଟ (ପ୍ରାରୂପବାଦୀ / ପ୍ରକାରବାଦୀ) ଓ ନୂତନ ସମାଲୋଚନା ଗୃହୀତ ହୋଇଥିଲେ ମଧ୍ୟ ବିଂଶ ଶତାବ୍ଦୀର ଷଷ୍ଠ ଦଶକ ପରେପରେ ଫରାସୀ ଦାର୍ଶନିକମାନଙ୍କ ପ୍ରଭାବରେ ସାହିତ୍ୟ ଓ ସଂସ୍କୃତିର ଅଧ୍ୟୟନ ନୂତନ ଆଭିମୁଖ୍ୟ ପ୍ରଭାବ ବିସ୍ତାର କରିଥିଲା । ଜାକ୍ ଦେରିଦା ଓ ମିସେଲ୍ ଫଉକୋ ତଥା ଫର୍ଡ଼ିନାଣ୍ଡ ଡି ସସୁଅରଙ୍କ ଭାଷା ସମ୍ବନ୍ଧିୟ ବିଚାର ସଂରଚନାବାଦକୁ ଉତ୍ତର-ସଂରଚନାବାଦୀ ପର୍ଯ୍ୟାୟକୁ ଉତ୍ତରିତ କଲା । ବାକ୍‌ତିନ୍ ଓ ବାର୍ଥଙ୍କ ଭଳି ସମାଲୋଚକମାନଙ୍କ ଅବଦାନ ଏହି ଉତ୍ତରଣ ଓ ବିରୋଧର ପଥ ସୁଗମ କରିଥିଲା । ସଂରଚନାର ସଂହତି ଭିତରେ କେମିତି ଅସଂହତିର ପ୍ରସ୍ତପ୍ରସ୍ତ ବିସ୍ଫୋରକ ସୁପ୍ତ ଅବସ୍ଥାରେ ଥାଏ, ତାହାର ବିମୋଚନ ଘଟିଥିଲା ଏମାନଙ୍କ ଲେଖାରେ । କେବଳ ଉପାଦାନଗୁଡ଼ିକର ଆପେକ୍ଷିକ ସମ୍ପର୍କ ଓ ତାର ସୁସଂହତ ସଜ୍ଜୀକରଣ / ଆଲୋଚନା – ସାହିତ୍ୟର ସମ୍ପୂର୍ଣ୍ଣ ଆଲୋଚନା ନୁହେଁ, ବରଂ ସେଥିପାଇଁ ସଜ୍ଜୀକରଣର କାରଣ ଓ କର୍ତ୍ତାମାନଙ୍କ ବିଷୟରେ ପ୍ରଶ୍ନ କରିବା ଜରୁରୀ ହୋଇ ପଡ଼ିଲା । ରୋଲାଁ ବାର୍ଥ୍ ସମସ୍ତ ପ୍ରକାର ବର୍ଣ୍ଣନ (Narrative) କିଭଳି ବହୁ ସ୍ତରୀୟ ବା ବହୁ କୂଟ ସଂକେତର ବାନ୍ଧ, ତାର ଆନୟନ କରିଥିଲେ । ତନ୍ମଧ୍ୟରେ ସାଂସ୍କୃତି କୂଟ ବା ସଂକେତଗୁଡ଼ିକ କିପରି ଗୋଟିଏ ବର୍ଣ୍ଣନ ବା ସାହିତ୍ୟ ରଚନାରେ ଗ୍ରଥିତ ତାହାର ଆଲୋଚନା କରିଥିଲେ । ପରବର୍ତ୍ତୀ କାଳରେ ବାର୍ଥ ନିଜର ସଂରଚନାବାଦୀ ଆଭିମୁଖ୍ୟ ପରିବର୍ତ୍ତନ କରି ବିଭିନ୍ନ ସାହିତ୍ୟ-କୃତି ମଧ୍ୟରେ ଥିବା ସମ୍ପର୍କ, ସାହିତ୍ୟର

ଅର୍ଥାୟନରେ ପାଠକର ଭୂମିକା ବିଷୟରେ ମନୋନିବେଶ କରିଥିଲେ । ମୋଟ ଉପରେ ଜାତୀୟତାବାଦୀ ଚିନ୍ତାଧାରା, ରାଷ୍ଟ୍ର ଏକତା, ମୁକ୍ତି ଓ ଐକ୍ୟ ବିଷୟକ ଦର୍ଶନ ଓ ପ୍ରଚଳିତ ଚିନ୍ତନ ପଦ୍ଧତି ବିପକ୍ଷରେ ସ୍ୱର ଉତ୍ତୋଳିତ ହେଲା । ସଂରଚନାବାଦ ଉପଲବ୍ଧ ସଂହତି ଓ ଶୃଙ୍ଖଳାର ସୂତ୍ରଗୁଡ଼ିକ ଅଗ୍ରାହ୍ୟ ହୋଇପଡ଼ିଲା । ସାଂସ୍କୃତି ଅଧ୍ୟୟନର କ୍ଷେତ୍ର ବିଂଶ ଶତାବ୍ଦୀର ଶେଷ ଆଡ଼କୁ ବହୁ ଶୃଙ୍ଖଳାକୁ ନେଇ ଗଠିତ ହେଲା ଓ ସାହିତ୍ୟ ଅଧ୍ୟୟନକୁ ବିଶେଷ ଭାବେ ପ୍ରଭାବିତ କଲା ।

ଇଂରାଜୀ ପରମ୍ପରାରେ ସଂସ୍କୃତି ଓ ସଭ୍ୟତାର ଚର୍ଚ୍ଚା-ପରମ୍ପରା ଊନବିଂଶ ଶତାବ୍ଦୀରୁ ମାଥ୍ୟୁ ଆର୍‌ନୋଲ୍ଡଙ୍କଠାରୁ ବିଂଶ ଶତାବ୍ଦୀର ମଧ୍ୟଭାଗ ଅର୍ଥାତ୍ ଲିଭିସ୍‌ଙ୍କ ପର୍ଯ୍ୟନ୍ତ ଗଡ଼ି ଆସିଛି । କିନ୍ତୁ ଏହି ପରମ୍ପରାରେ ମାନକ ସାହିତ୍ୟ ବା ସମ୍ଭ୍ରାନ୍ତ ସାହିତ୍ୟ କୃତିଗୁଡ଼ିକୁ ଅନ୍ୟାନ୍ୟ ସାଂସ୍କୃତି ପ୍ରକାର ଓ ପ୍ରକ୍ରିୟାଠାରୁ ଉଚ୍ଚତର ମାନ୍ୟତା ଦିଆଯାଇଛି । ସଂସ୍କୃତି ସମାଲୋଚନାରେ ସାହିତ୍ୟର ଏହି ଉଚ୍ଚାସନ ପଛରେ ଥିବା ରକ୍ଷଣଶୀଳତା ତଥା ସଂକୀର୍ଣ୍ଣ ସଂଜ୍ଞା ବଦଳିଯିବା ଫଳରେ ଅଣ-ଶାସ୍ତ୍ରୀୟ ବା ଅଣ-ନିୟାମକ ଗ୍ରନ୍ଥଗୁଡ଼ିକ ଅଧ୍ୟୟନର ପରିସରଭୁକ୍ତ ହୋଇଛି । ୧୯୨୪ରେ ବର୍ମିଂହାମ୍ ବିଶ୍ୱବିଦ୍ୟାଳୟରେ Richard Hoggart ଙ୍କ ନିର୍ଦ୍ଦେଶନାରେ ସାମ୍ପ୍ରତିକ ସାଂସ୍କୃତିକ ଅଧ୍ୟୟନ କେନ୍ଦ୍ର (Centre for Contemporary Cultural Studies) ସ୍ଥାପିତ ହେବାପରେ ଶ୍ରମିକଶ୍ରେଣୀର ସଂସ୍କୃତି ଗୁରୁତ୍ୱ ଲାଭ କରିଛି । 'ନୂତନ ସମାଲେଚନା'ର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ-ପଦ୍ଧତିକୁ ଶ୍ରମିକ ବର୍ଗର ସଂସ୍କୃତି ଅନୁଶୀଳନ ନିମନ୍ତେ ବ୍ୟବହାର କରି ସେ ସଂସ୍କୃତି ଅଧ୍ୟୟନକୁ ସମ୍ପ୍ରସାରିତ କରିଛନ୍ତି । ହଗାର୍ଟଙ୍କ ସହ Stuart Hall ଙ୍କ ଏହି ପ୍ରକଳ୍ପରେ ଯୋଗଦାନ ସାଂସ୍କୃତିକ ଅଧ୍ୟୟନର ବଳୟ ଭିତରେ ଜନସଂସ୍କୃତି (Popular Culture), ଯୁବ ସଂସ୍କୃତି, ଟେଲିଭିଜନ୍ ଓ ପ୍ରେସ୍ ଭଳି ଯୋଗାଯୋଗ ମାଧ୍ୟମ ତଥା ସାଂସ୍କୃତି ଅନୁଷ୍ଠାନ ଓ ଧାରାମାନଙ୍କୁ ଅନ୍ତର୍ଭୁକ୍ତ କରିଛି । ଫଳତଃ ୧୯୭୦ ପରବର୍ତ୍ତୀ ସମୟରେ ସାହିତ୍ୟାଧ୍ୟୟନ ନାନ୍ଦନିକ ଅନ୍ୱେଷା ବଦଳରେ ପରିଚୟ, ସାମାଜିକ ମୂଲ୍ୟବୋଧ, କ୍ଷମତା ତଥା ବ୍ୟକ୍ତି ସମାର୍ଥ୍ୟ ଆଦି ବିଷୟରେ ଆଲୋକପାତ କରିଛି । ସତୁରୀ ଓ ଅଶୀ ଏ ଦୁଇ ଦଶକରେ ଏହି କେନ୍ଦ୍ର ତାର ପତ୍ରିକା ମାଧ୍ୟମରେ ବହୁ ସନ୍ଦର୍ଭ ପ୍ରକାଶ କରିଛି । ଏଥିରେ ଆଦର୍ଶ, ପିତୃପ୍ରଧାନତା, ଜାତି, ଇଂରାଜୀ ଅଧ୍ୟୟନ, ସଂସ୍କୃତି, ଯୋଗାଯୋଗ-ଭାଷା ସମ୍ପୃକ୍ତି, ଶିକ୍ଷା ବ୍ୟବସ୍ଥା ତଥା ଇତିହାସ ଅଧ୍ୟୟନ ସମ୍ବନ୍ଧରେ ବହୁ ପ୍ରବନ୍ଧ ସଙ୍କଳିତ । ଏହି କେନ୍ଦ୍ରର ବିକାଶ ସହ ସାଂସ୍କୃତି ଅଧ୍ୟୟନରେ ଗୋଟିଏ ବୌଦ୍ଧିକ ଧାରା ନିର୍ମିତ ହୋଇଛି । ଆନୁଷ୍ଠାନିକ ମାନ୍ୟତା ପ୍ରାପ୍ତ ହୋଇ ବର୍ମିଂହାମ୍‌କୁ ଅନ୍ୟତ୍ର ତଥା ଇଂଲଣ୍ଡ ବାହାରେ ଶିକ୍ଷାୟତନମାନଙ୍କରେ ସାଂସ୍କୃତିକ ଅଧ୍ୟୟନର ପ୍ରସାର କରିଛି ।

ମାର୍କ୍ସୀୟ ସମାଲୋଚନାର ନୂତନ ଧାରା ଦ୍ୱାରା ସାଂସ୍କୃତିକ ଅଧ୍ୟୟନର ତତ୍ତ୍ୱଗୁଡ଼ିକ ପୁଷ୍ଟ । ଲୁଇ ଆଲଥୁଜର (Louis Althusser), ଇଟାଲୀର ଆଣ୍ଟୋନିଓ ଗ୍ରାମ୍‌ସିଙ୍କ (Antonio Gramci) ଚିନ୍ତନ ଏଥିରେ ପ୍ରମୁଖତା ଲାଭ କରିଛି । ଶ୍ରେଣୀ ସମ୍ପର୍କ ଗଠନରେ ଭାବାଦର୍ଶର (ideology) ଭୂମିକା ସମ୍ପର୍କରେ ଆଲଥୁଜରଙ୍କ ତତ୍ତ୍ୱ ହିଁ ସାଂସ୍କୃତିକୁ ରାଷ୍ଟ୍ରର ଏକ ଆୟୁଧ ରୂପେ ପରିଗଣିତ କରିଛି । ଅର୍ଥାତ୍ କୌଣସି ଦଣ୍ଡ ବା ବହିସ୍ଥ ଚାପ ପ୍ରୟୋଗ ନକରି ମଧ୍ୟ ଶ୍ରେଣୀ ଶ୍ରେଣୀ ମଧ୍ୟରେ ଥିବା ବିଭେଦକୁ ଭାବାଦର୍ଶ ଦ୍ୱାରା ପୁନରୁତ୍ପାଦିତ କରିହୁଏ । ସଂସ୍କୃତି ହେଉଛି ବିଭିନ୍ନ ଶ୍ରେଣୀର ସ୍ୱାର୍ଥ ସାଧନର ରଣକ୍ଷେତ୍ର । ଭିନ୍ନ ଭିନ୍ନ ମୂଲ୍ୟବୋଧ ଓ ଅର୍ଥମାନଙ୍କ ବିରୋଧ ସ୍ରୋତମାନଙ୍କ ସଙ୍ଗମ ସ୍ଥଳ । ସାଂସ୍କୃତିକ ପ୍ରକ୍ରିୟା ଭିତରେ କର୍ତ୍ତୃତ୍ୱ ବା ଆଧିପତ୍ୟ (heggemony) ଏକ ପରିଣତି ବୋଲି ଗ୍ରାମ୍‌ସିଙ୍କ ମତ । ସାଂସ୍କୃତିକ ଅନୁଷ୍ଠାନ ଜରିଆରେ ସହମତି ଭିତ୍ତିରେ କେତେକ ସାଂସ୍କୃତିକ ପ୍ରାରୂପ (Form) ପ୍ରଭାବଶାଳୀ ହୋଇଉଠେ । ସାହିତ୍ୟ ମଧ୍ୟ ଏହି

ସହମତି ଗଠନରେ ବା କୌଣସି ନିର୍ଦ୍ଦିଷ୍ଟ ସଂସ୍କୃତିକୁ ଶକ୍ତିଶାଳୀ ବୋଲି ଗ୍ରହଣ କରିବାରେ ସାହାଯ୍ୟ କରେ । ସାଂସ୍କୃତି ଅଧ୍ୟୟନ ଏହି ଆଧିପତ୍ୟର ଗଠନ ଓ ପତନର ସୂତ୍ର ଖୋଜିଥାଏ ।

ସାଂସ୍କୃତିକ ଅଧ୍ୟୟନ ଭିତରକୁ ନାରୀବାଦୀ ଅଧ୍ୟୟନ, ମିଡ଼ିଆ ଓ ଯୋଗାଯୋଗ ବିଷୟକ ଅଧ୍ୟୟନ ପ୍ରବେଶ କରିଛି । ଏ ଅଧ୍ୟୟନର କ୍ଷେତ୍ର ସମ୍ପ୍ରସାରିତ ହେବାରେ ଲାଗିଛି ଓ ବର୍ମିଂହାମ୍‌ରୁ ଆରମ୍ଭ ହୋଇଥିବା ଏହି ଶୃଙ୍ଖଳା ପୃଥିବୀର ବିଭିନ୍ନ ଦେଶରେ ଆଦୃତ ହୋଇଛି ।

ଯେ କୌଣସି ସାହିତ୍ୟ କୃତି ଅନ୍ୟ କୃତିମାନଙ୍କ ପ୍ରସଙ୍ଗରେ ଆଲୋଚନା କରିବାର ପଦ୍ଧତି ସାଂସ୍କୃତିକ ଅଧ୍ୟୟନର ଏକ ମାର୍ଗ । କୃତି ବା ଗ୍ରନ୍ଥ କହିଲେ ଅନ୍ୟାନ୍ୟ ସାହିତ୍ୟ ରଚନା ନୁହେଁ ବରଂ ଇତିହାସ, ଆତ୍ମଜୀବନୀ, ରୋଷେଇ ବା ଯେ କୌଣସି ବିଷୟରେ ରଚିତ ଗ୍ରନ୍ଥ ହୋଇପାରେ । କାରଣ, ଏକା ସମୟ ଖଣ୍ଡରେ ରଚିତ ସମସ୍ତ ଗ୍ରନ୍ଥ ଗୋଟିଏ ସାଧାରଣ ଆଦର୍ଶ, ବିଶ୍ୱାସ ଓ ଧାରଣାରୁ ସମ୍ଭୂତ । ଇଂଲଣ୍ଡରେ ସାଂସ୍କୃତି ବସ୍ତୁବାଦ (cultural materialism) ଭଳି ଆମେରିକାରେ ନବ-ଐତିହାସିକତାବାଦ (New Historicism) ସାଂସ୍କୃତିକ ଅଧ୍ୟୟନକୁ ପ୍ରସାରିତ କରିଛି । ସଂସ୍କୃତି କେମିତି କ୍ଷମତା ସହ ସମ୍ପୃକ୍ତ ତାହା ଏ ଦୁଇ ଧାରାର ଆଲୋଚକମାନେ ଦର୍ଶାଇଛନ୍ତି । ୧୯୮୦ରେ ଷ୍ଟିଫେନ୍ ଗ୍ରୀନ୍‌ବ୍ଲାଟ୍ ଯେଉଁ ନୂତନ ତତ୍ତ୍ୱର ଅବତାରଣା କରିଥିଲେ ତାହା ନବ-ଐତିହାସକତାବାଦ ରୂପେ ନାମିତ । ସାହିତ୍ୟ କୃତିର ସମ୍ଭାବ୍ୟ ଅର୍ଥରାଜି ଭିତରୁ କ୍ଷମତା ଷଡ଼ଯନ୍ତ୍ରର ଗତିଶୀଳତାକୁ ଉଦ୍ଧାର କରି ପରିଦୃଶ୍ୟ କରାଇବା ନବ-ଐତିହାସିକତାବାଦର ଅଭିପ୍ରାୟ ।

ହାରଲ୍ଡ ବ୍ଲୁମ୍ ୧୯୯୫ରେ ପ୍ରକାଶିତ ତାଙ୍କ ପୁସ୍ତକ The Western Canon ରେ ଭବିଷ୍ୟବାଣୀ କରିଥିଲେ ଯେ ସାହିତ୍ୟ ଅଧ୍ୟୟନ ଭବିଷ୍ୟତରେ ସାଂସ୍କୃତିକ ଅଧ୍ୟୟନରେ ପରିଣତ ହେବ । ଇଂରାଜୀ ବିଭାଗଗୁଡ଼ିକ ସାଂସ୍କୃତିକ ଅଧ୍ୟୟନ ବିଭାଗ ବୋଲି ନାମିତ ହେବ, ଯେଉଁଠାରେ ଚସର୍, ସେକ୍ସପିଅର ଓ ମିଲ୍‌ଟନ୍‌ଙ୍କ ବଦଳରେ ବ୍ୟାଟ୍‌ମ୍ୟାନ କମିକ୍ସ (Batman Comics), ପପ୍ ସଙ୍ଗୀତ, ଚଳଚ୍ଚିତ୍ର, ଟେଲିଭିଜନ୍ ଆଦି ପଢ଼ାଯିବ । ସାଂସ୍କୃତିକ ଅଧ୍ୟୟନ ପାଠ୍ୟକ୍ରମରେ ନୂତନ ବିଷୟ ଅନ୍ତର୍ଭୁକ୍ତ କରିବା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ ତାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ବର୍ତ୍ତମାନର ପ୍ରେକ୍ଷାପଟରେ ଅତୀତର ମୂଲ୍ୟାୟନ, ଭାବାଦର୍ଶ ବା କ୍ଷମତାର ବ୍ୟାପକତା ସମ୍ବନ୍ଧରେ ସଚେତନତା ନିର୍ମାଣ ।

●

ପ୍ରାକ୍ତନ ପ୍ରାଧ୍ୟାପକ, ଇଂରାଜୀ ବିଭାଗ
ବି.ଜେ.ବି. ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର

# ଉତ୍ତର ଆଧୁନିକତାର ସ୍ୱରୂପ

ଡକ୍ଟର କ୍ଷୀରୋଦ ବେହେରା

ଉତ୍ତର ଆଧୁନିକତାବାଦ ସାମ୍ପ୍ରତିକ ବିଶ୍ୱ ସମାଜରେ ସର୍ବାଧିକ ବିତର୍କିତ ଦର୍ଶନ । ଏହାର ସଂଜ୍ଞା, ସ୍ୱରୂପ ଓ ପରିସରକୁ ନେଇ ଏବେ ମଧ୍ୟ ବିତର୍କ ଚାଲୁ ରହିଛି । ଏହି ତାତ୍ତ୍ୱିକ ବିତର୍କରୁ ଅନେକ ଉପଧାରା ଓ ବିମର୍ଶ ମଧ୍ୟ ସୃଷ୍ଟି ହେବାରେ ଲାଗିଛି । ତେବେ ଏହି ଚିନ୍ତନକୁ ଉତ୍ତର ସଂରଚନାବାଦୀ ଚିନ୍ତନ ଅଥବା ଉତ୍ତର ଶିଳ୍ପାୟନ ଆନ୍ଦୋଳନ ଭାବରେ ମଧ୍ୟ ନାମିତ କରାଯାଏ ଓ ଆଉ କେହି କେହି ଦାର୍ଶନିକ ଆଧୁନିକତାର ବନ୍ଧନରୁ ମୁକ୍ତ ହେବା ହେଉଛି ଉତ୍ତର ଆଧୁନିକତାବାଦ ବୋଲି କହିଥାନ୍ତି । ତେ ଉତ୍ତର ଆଧୁନିକତା ଚର୍ଚ୍ଚାର ମୌଳ ପ୍ରସଙ୍ଗଟି ହେଉଛି ମାନବ ସଭ୍ୟତାକୁ କେନ୍ଦ୍ରକରି ଗଢି ଉଠିଥିବା ସାମାଜିକ ବ୍ୟବସ୍ଥା ଓ ଜ୍ଞାନ ପରମ୍ପରା ଅନୁଶୀଳନ କରି ତାହାର ପ୍ରାଥମିକ ଏକକରେ ଉପନୀତ ହେବା । ଏଣୁ ଉତ୍ତର ଆଧୁନିକତାବାଦୀମାନେ ସଂଗଠିତ ଅଥବା ସ୍ଥାନିତ ହୋଇଥିବା ବ୍ୟବସ୍ଥା ଏବଂ ଜ୍ଞାନ ପରମ୍ପରାକୁ ସୂକ୍ଷ୍ମାତିସୂକ୍ଷ୍ମ ଭାବରେ ଭାଙ୍ଗି (ବିଗଠନ) ତାହାର ନିର୍ମାଣ ଏକକରେ ଉପନୀତ ହେବାର ଏକ ଅନୁଶୀଳନ ପ୍ରକ୍ରିୟା ଭାବରେ ଏହାକୁ ଗ୍ରହଣ କରିଥାନ୍ତି । ବାସ୍ତବରେ ଦେଖିବାକୁ ଗଲେ ଉତ୍ତର ଆଧୁନିକତାବାଦୀମାନେ ବିଗଠନ ମାଧ୍ୟମରେ ଗଠନର ଜୀବାଶ୍ମରେ ଉପନୀତ ହୋଇ ଜ୍ଞାନ ଓ ବ୍ୟବସ୍ଥା ସମ୍ପର୍କରେ ଆକଳନ କରିବାକୁ ଚାହିଁଥାନ୍ତି । କାରଣ ଏମାନେ ନୈତିକ ମୂଲ୍ୟବୋଧ, ଆଦର୍ଶ, ବାସ୍ତବତା, ସତ୍ୟ, ନ୍ୟାୟ ଆଦି ମଧ୍ୟରେ ରହିଥିବା ଫାଙ୍କଗୁଡିକୁ ଭଲଭାବରେ ଅନୁସନ୍ଧାନ କରନ୍ତି ଏବଂ ସର୍ବଶେଷ ଓ ସର୍ବଶ୍ରେଷ୍ଠ ଜ୍ଞାନ ବା ଉପଲବ୍ଧି ଉପରେ ଅଙ୍କୁଶ ଲଗାନ୍ତି ଅଥବା ପ୍ରଶ୍ନ ଚିହ୍ନ ଆଙ୍କନ୍ତି । ନୈତିକତା, ଆଦର୍ଶ, ସତ୍ୟ, ନ୍ୟାୟ ଓ ବାସ୍ତବତା ଆଦି କେତେ ପ୍ରହେଳିକାମୟ ତାହାକୁ ଏମାନେ ସ୍ପଷ୍ଟ ଭାବରେ ଦେଖାଇ ଦେବାକୁ ଚାହାଁନ୍ତି ।

ଉତ୍ତର ଆଧୁନିକତା ଆଧୁନିକତାକୁ ବିରୋଧ କରେ । ଏହାର ପ୍ରମୁଖ କାରଣ, ଆଧୁନିକତା ନିର୍ମାଣ ମଧ୍ୟରେ ସୀମାବଦ୍ଧତାକୁ ସ୍ୱୀକାର କରିନେଇଥାଏ । ପ୍ଲାଟୋଙ୍କ ଠାରୁ ରିଚାର୍ଡ ଏବଂ ଇଲିଅଟ୍ ପର୍ଯ୍ୟନ୍ତ ଆଧୁନିକବାଦୀମାନେ ଭାବ ଭିତ୍ତିକ ଦର୍ଶନକୁ ପ୍ରାଧାନ୍ୟ ଦେଇଥାନ୍ତି । (କେତେକ ଇଲିଅଟଙ୍କୁ ଶେଷ ଆଧୁନିକତାବାଦୀ ଭାବରେ ଦର୍ଶାଇଥାନ୍ତି । (The wasteland give voice to pessimism - C. D. Tantt) ଏମାନେ ଆଧୁନିକତାର ଆଦର୍ଶମୟ ଭାବକଳ୍ପକୁ ପ୍ରାଧାନ୍ୟ ଦେଇଥାନ୍ତି । ମାତ୍ର ହାଇଡ୍‌ଗାର, କିର୍କେଗାଦ, ସାର୍ତ୍ରେ, ଫୁକୋ, ଦେରିଦା ଆଦି ଦାର୍ଶନିକମାନେ ମନୁଷ୍ୟର ସ୍ୱାଧୀନତା ଓ ଜ୍ଞାନର ବ୍ୟାପକତା ଉପରେ ପ୍ରାଧାନ୍ୟ ଦେଇଛନ୍ତି । ଆଧୁନିକତାବାଦୀମାନେ ସ୍ୱାଧୀନତା ଓ ଜ୍ଞାନକୁ ଏକ ବଳୟ ଅଥବା ଆଦର୍ଶ ମଧ୍ୟରେ ସ୍ଥାନିତ କରିଥିବା ସମୟରେ ଉତ୍ତର ଆଧୁନିକତାବାଦୀମାନେ ଏହାକୁ ବଳୟ ମୁକ୍ତ କରି ଏହାର ପ୍ରସାରଣଶୀଳତା ଉପରେ ପ୍ରାଧାନ୍ୟ ପ୍ରଦାନ କରିଛନ୍ତି । ଏମାନେ ଈଶ୍ୱର କୈନ୍ଦ୍ରିକତାରୁ ମୁକ୍ତ ହୋଇ ମାନବ-କୈନ୍ଦ୍ରିକତା, କେନ୍ଦ୍ରରୁ ବିଚ୍ୟୁତ ହୋଇ ଗଣମୁଖୀନତା ଏବଂ କୌଣସି ବନ୍ଧନରେ ଆବଦ୍ଧ ନରହି ମୁକ୍ତ କ୍ରୀଡାଙ୍ଗନରେ ଉପନୀତ ହେବାରେ ବିଶ୍ୱାସ ରଖନ୍ତି । ଓଡ଼ିଶା ପ୍ରସଙ୍ଗରେ କହିବାକୁ ଗଲେ, ବଡଦାଣ୍ଡରୁ ମୁକୁଳି ଯାଇ ପୁରୀ ବେଳାଭୂମିରେ ଉପନୀତ ହେବାକୁ ଉତ୍ତର ଆଧୁନିକତାବାଦୀ ଚିନ୍ତନ କୁହାଯିବ । ଫେଡ଼ରିକ୍ ଜେମସନ୍ ଏହାକୁ ଉଚ୍ଚ ଆଧୁନିକତାର ପରମ୍ପରାରୁ (High-Modernist) ଭାଙ୍ଗି ମୁକ୍ତ ହେବା ବୋଲି ତାଙ୍କର ଚର୍ଚ୍ଚିତ ପୁସ୍ତକ "Postmodernism or, The cultural logic of Late capitalism" ଗ୍ରନ୍ଥରେ କହିଛନ୍ତି । ୧୯୫୦ରୁ ୧୯୬୦ ମଧ୍ୟରେ

ବିଶ୍ୱରେ ଘଟିଥିବା ଉତ୍‌ଥାନ ପତନକୁ ଉତ୍ତର ଆଧୁନିକତା ବିଚାରଧାରା ସହ ସଂଯୋଗ କରି ସେ ଲେଖନ୍ତି - "The last few years have been marked by an inverted millenariasm in which premonitions of the future, catastrophic or redemptive, have been replaced by senses of the end of this or that (the end of ideology, art or social class the "crisis" of leninism, social democracy or the welfare state etc..etc..); taken together, all of these perhaps constitute what is increasingly called Postmodernism. The case for its existence depends on the hypothesis of some radical break or coupure generally traced back to the end of the 1950s or the early 1960s."

As the word itself suggests, this break is most often related to notions of the wanning or extinction of the hundred-year old mod- em movement or to its ideological or aesethetic repudiation.(1991)

ଏହି ଉକ୍ତିରୁ ସ୍ୱଷ୍ଟହୁଏ ଯେ, ଆଧୁନିକତାର ବିଲୟ ପରଠାରୁ ଉତ୍ତର ଆଧୁନିକତାର ସୃଷ୍ଟି । ଏହି ଗ୍ରନ୍ଥରେ ଜେମସନ୍ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ଶିଳ୍ପ ସଭ୍ୟତା ଥିଲା ଆଧୁନିକବାଦୀ ଏବଂ ଶିଳ୍ପୋତ୍ତର ସମାଜ ହେଲା ଉତ୍ତର ଆଧୁନିକତାବାଦୀ । କାରଣ ଶିଳ୍ପାୟନ ପୁଞ୍ଜିବାଦର ପ୍ରୋତ୍ସାହକ ଥିଲା । ସାମାଜିକ ସ୍ତର ଭେଦ ସୃଷ୍ଟି କରିବାର ନିୟାମକ ଥିଲା । ସାମାଜିକ ବ୍ୟବସ୍ଥା ଓ ଅନୁଷ୍ଠାନଗୁଡିକୁ ଏକ ଶୃଙ୍ଖଳା ମଧ୍ୟରେ ବାନ୍ଧି ରଖିବାର ପ୍ରଚେଷ୍ଟା କରୁଥିଲା । ମାତ୍ର ଶିଳ୍ପୋତ୍ତର ବା ଉତ୍ତର-ଶିଳ୍ପାୟନ ସମାଜରେ ଏକ ବିକାଶ ପର୍ବ ଦେଖିବାକୁ ମିଳିଲା । କ୍ରମଶଃ ପୁଞ୍ଜିବାଦ ଫିକା ହେବାକୁ ଲାଗିଲା । ଶିଳ୍ପ ଗଣମୁଖୀ ହେବାକୁ ଲାଗିଲା ଏବଂ ପୁଞ୍ଜିର ବିକେନ୍ଦ୍ରୀକରଣ ହେଲା । ବିଶେଷତଃ ବାଣିଜ୍ୟ ଓ ଶିଳ୍ପର ଢାଞ୍ଚାଗତ ପରିବର୍ତ୍ତନ ଘଟିଲା ଯାହା ସମସ୍ତ ବିଶ୍ୱ ମାନସିକତା ଓ ଚିନ୍ତନକୁ ନୂତନ ଦିଗନ୍ତ ପ୍ରଦାନ କଲା । ଶିଳ୍ପୋତ୍ତର ସମାଜରେ ସଫ୍ଟୱେୟାର ଓ ଡିଜିଟାଲ ବିଦ୍ୟା ଯେଉଁ ସାମାଜିକ ଭିତ୍ତିଭୂମି ସୃଷ୍ଟି କଲା, ତାହା ପାରମ୍ପରିକ ଚିନ୍ତନ ଓ ସାମାଜିକ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାଙ୍ଗି ପକାଇଲା ଏବଂ ଏହିଠାରୁ ଆରମ୍ଭ ହେଲା ଉତ୍ତର ଆଧୁନିକତା ।

ଉତ୍ତର ଶିଳ୍ପାୟନ ଏକ ନୂତନ ଆର୍ଥନୀତିକ ଢାଞ୍ଚା ସମଗ୍ର ପୃଥିବୀରେ ସୃଷ୍ଟି ଗତୀକରଣ ନୂତନ ଆର୍ଥିକ ଓ ବାଣିଜ୍ୟିକ ଢାଞ୍ଚା କଲା । ଆର୍ଥିକ ଉଦାରୀକରଣ ଓ ଜଗତୀ ନିର୍ମାଣ କରିବା ସମୟରେ, ପୁଞ୍ଜିବାଦକୁ ପ୍ରତିହତ କରି ଗଣବାଦ ଆଡକୁ ଆଉ ପାଦେ ଅଗ୍ରସର ହେଲା । ଏହି ଗଣବାଦର ଅର୍ଥ ଜନଜାତି, ଅବହେଳିତ, ଅପହଞ୍ଚ ଓ ଅପସାରିତ ଏପରିକି ଲିଙ୍ଗ ବୈଷମ୍ୟର ଶିକାର ସାଜିଥିବା ମହିଳା ବର୍ଗକୁ ନିଜର ଅସ୍ମିତାର ଅଭୂତପୂର୍ବ ସୁଯୋଗ ପ୍ରଦାନ କଲା । ପୃଥିବୀର କୌଣସି ସ୍ଥାନ ଅଥବା ବ୍ୟକ୍ତି ଅପହଞ୍ଚ ହୋଇ ନ ରହିବା ଏବଂ ତାହାକୁ ଗଣବାଦ ଅଥବା ଗଣ ସଂସ୍କୃତିରେ ସାମିଲ କରି ସକ୍ରିୟ ଅଂଶୀଦାରୀ ପ୍ରଦାନ କରିବା ଉତ୍ତର ଶିଳ୍ପାୟନ ସମାଜ ବା ଉତ୍ତର ଆଧୁନିକ ସମାଜର ଏକ ପ୍ରମୁଖ ଲକ୍ଷଣ ହେଲା । କେନ୍ଦ୍ରରୁ ମୁକୁଳି ଗଣରେ ପହଞ୍ଚିବା ଦର୍ଶନ ହିଁ ଉତ୍ତର ଆଧୁନିକତାବାଦର ସବୁଠାରୁ ପ୍ରମୁଖ ଗୁଣ । ଉତ୍ତର ଶିଳ୍ପାୟନ ସମାଜ ସଫ୍ଟୱେୟାର, ଇଲେକ୍‌ଟ୍ରୋନିକ ଏବଂ ଡିଜିଟାଲ ମାଧ୍ୟମ ଦ୍ୱାରା ପ୍ରସାରିତ ହେଉଥିବାରୁ ଏହା ପୁଞ୍ଜିପତିଙ୍କ ଅଙ୍କୁଶରେ ନ ରହି ଗଣ ଅଭିମୁଖୀ ହୋଇଥିଲା । ନବ୍ୟ ଉଦ୍ୟୋଗପତି ବାଣିଜ୍ୟିକ ସାମ୍ରାଜ୍ୟକୁ କେବଳ ବିସ୍ତାର କଲେ ନାହିଁ ଏକ ନୂତନ ଶିଳ୍ପ

ସମାଜ (ଡିଜିଟାଲ/ଇଲୋକ୍‌ଟ୍ରୋନିକ) ସୃଷ୍ଟି କଲେ । ଏହାହିଁ ଉତ୍ତର ଆଧୁନିକତାକୁ ଏକ ସୁଦୃଢ଼ ଭୂମି ପ୍ରଦାନ କରିଥିଲା । ଫେଡ୍‌ରିକ ଜେମସନ୍ ଏହାକୁ ସ୍ପଷ୍ଟ କରିବାକୁ ଯାଇ ଲେଖିଛନ୍ତି – "Nor should the break in question be thought of as a purely cultural affair; indeed, theories of postmodern whether celebratory or couched in the language of moral revuelsion and denuciation-bear a strong family resemblance to all those more ambitious sociological generlizations which, at much the same time, bring us the news of the arrival and inaguration of a whole new type of a society most famously baptized "post industrial Society" (David Bell) but also designated consumer society, media society, information society, electronic society of high tech, and the like. Such theories have the obivious ideological mission of demonstrating to their on relief, that the new social formation in question no longer obeys the laws of classical capitalism, namely, the primacy of industrial production and the omnipresence of class struggle." (Postmodernism, page-4)

ଏଠାରେ ଜେମ୍‌ସନ୍ ଉତ୍ତର ଆଧୁନିକତାକୁ ବିଶ୍ଲେଷଣ କରିବାକୁ ଯାଇ ତିନୋଟି ପ୍ରସଙ୍ଗ ଉତ୍‌ଥାପନ କରିଛନ୍ତି - ୧- ଆଧୁନିକତା ବା ଶିଳ୍ପ ସମାଜ ଭଙ୍ଗ, ୨ - ଶିଳ୍ପ ସମାଜ ଭଙ୍ଗଦ୍ୱାରା ଉତ୍ତର-ଶିଳ୍ପ ସମାଜ (Consumer Society, Media Society, information Society, High tech electronic Soicity) ସୃଷ୍ଟ ଓ ୩ - ଉତ୍ତର ଶିଳ୍ପ ସମାଜ ବା ଉତ୍ତର ଆଧୁନିକ ସମାଜ କ୍ଲାସିକାଲ ପୁଞ୍ଜିବାଦ ବା ଶ୍ରେଣୀ ସଂଗ୍ରାମରୁ ମୁକ୍ତ । ଏହି ତିନୋଟି ଲକ୍ଷଣ ଉତ୍ତର ଆଧୁନିକତାର ପ୍ରମୁଖ ଗୁଣ ଯାହା କଳା, ସାହିତ୍ୟ ସଂସ୍କୃତି, ସଂଗୀତ, ଦର୍ଶନ, ବାଣିଜ୍ୟ, ବିଜ୍ଞାନ ଓ ପ୍ରାୟୋଗିକ ବିଦ୍ୟାକୁ ଗଭୀର ଭାବରେ ପ୍ରଭାବିତ କରିଛି ।

ବିଶ୍ୱ ବାଣିଜ୍ୟ କେନ୍ଦ୍ର (WTC) ଏବଂ ଦ୍ୱୈତ ଅଟ୍ଟାଳିକା (Twin Towers) ୯.୧୧.୨୦୦୧ରେ ଭାଙ୍ଗି ପଡ଼ିବାରୁ କେହିକେହି ଏହାକୁ ଆଧୁନିକତାର ପତନ (ଭଙ୍ଗ) ଓ ଉତ୍ତର ଆଧୁନିକ ସମାଜର ସୃଷ୍ଟି ବୋଲି ବିବେଚନା କରିଥାନ୍ତି । ବିଶ୍ୱ ବାଣିଜ୍ୟ ଆଉ ଅଟ୍ଟାଳିକା ମଧ୍ୟରେ ସୀମାବଦ୍ଧ ନୁହେଁ; ଏହା ସମସ୍ତ ବିଶ୍ୱ ବଜାରକୁ ପ୍ରସାରିତ; ଏହାକୁ ତାହାର ବ୍ୟଙ୍ଗାତ୍ମକ ମୂକ ଆଲେଖ୍ୟ ଭାବରେ ଗ୍ରହଣ କରିଥାନ୍ତି । ମାତ୍ର ଅନୁଧ୍ୟାନ କଲେ ଜଣାଯାଏ ଯେ, ଆମେରିକାର ନ୍ୟୁୟର୍କ ସହରରେ ଦ୍ୱୈତ ଅଟ୍ଟାଳିକା (Twin towers)ର ସ୍ଥପତି ଥିଲେ ୟାମାସାକୀ (Minory Yamasaki), ଯିଏ ଆଧୁନିକତାବାଦୀ ସ୍ଥପତି ଭାବରେ ସମଗ୍ର ବିଶ୍ୱରେ ଖ୍ୟାତ ଥିଲେ । ତାଙ୍କର ଅନ୍ୟତମ ଶ୍ରେଷ୍ଠ ନିର୍ମାଣ ଟୁଇନ୍ ଟାୱାର ଭାଙ୍ଗିଯିବା ଘଟଣାକୁ ଆଧୁନିକତାର ପତନ ଓ ଉତ୍ତର ଆଧୁନିକତାର ଜନ୍ମ ଭାବରେ ଗ୍ରହଣ କରାଯାଇଥାଏ । ଏ ସମ୍ପର୍କରେ କୁହାଯାଇଥାଏ:- American architech Charles Jencks famously declared that postmodernism began on 15 Jul 1972, when the pruitt-Igoe housing Scheme, in St. Louis. Mis- souri, was destroyed by a controlled and planned explosion. The housing Scheme, designed by Minory Yamasaki (who also

design the Twin towers) was, for many the flagship of modernist Architecture. Its, destruction, Jencks argued, Signalled a clear rift be- tween the modern and postmodern Periods. (Chris Snipp- Walmsy- Postmodernism- 2006)

ଏହି ଘଟଣା ପଶ୍ଚାତରେ ଥିବା ଉତ୍ତର ଆଧୁନିକତାବାଦୀ ରହସ୍ୟକୁ ଅଧିକ ପ୍ରାଞ୍ଜଳ ଭାବରେ ଉପସ୍ଥାପିତ କରନ୍ତି ପ୍ରଫେସର ଗୁରୁଚରଣ ବେହେରା । ସେ ଲେଖନ୍ତି - "୨୦୦୧ ମସିହା ସେପ୍ଟେମ୍ବର ୧୧ ତାରିଖ ଦିନ ପୃଥିବୀର ସବୁଠାରୁ ଶକ୍ତିଶାଳୀ ରାଷ୍ଟ୍ର ରୂପେ ପରିଗଣିତ ଯୁକ୍ତରାଷ୍ଟ୍ର ଆମେରିକାର ଦୁଇଟି ଦୁର୍ଭେଦ୍ୟ ସୌଧ – ବିଶ୍ୱବାଣିଜ୍ୟ କେନ୍ଦ୍ର ଓ ପେଣ୍ଟାଗନ୍ ହାଉସ୍ – ଧ୍ୱଂସ ହୋଇଗଲା, କୌଣସି ପ୍ରଚଣ୍ଡ ଶକ୍ତିଶାଳୀ କ୍ଷେପଣାସ୍ତ୍ର ମାଡ଼ ଯୋଗୁଁ ନୁହେଁ, କେତୋଟି ଅପହୃତ ବିମାନର ଧକ୍କା ଫଳରେ । ଜଣାଯାଏ ଏହି ବିମାନଗୁଡ଼ିକୁ ଅପହରଣ କରିବାକୁ କୌଣସି ମାରାତ୍ମକ ଆଗ୍ନେୟାସ୍ତ୍ରର ବ୍ୟବହାର କରାଯାଇନଥିଲା । ସାମାନ୍ୟ କେତୋଟି ପ୍ଲାଷ୍ଟିକ୍ ଛୁରୀର ବ୍ୟବହାର କରାଯାଇଥିଲା । ଏଥିରୁ ବୁଝିବାକୁ ହୁଏ ଯେ, ବିଶ୍ୱବାଣିଜ୍ୟ କେନ୍ଦ୍ର ଓ ପେଣ୍ଟାଗନ ହାଉସ୍ ଧ୍ୱଂସର କାରଣ କେତୋଟି ପ୍ଲାଷ୍ଟିକ୍ ଛୁରୀ । ଏହା ସୂଚାଇ ଦିଏ ଯେ, ଏ ବିଶ୍ୱରେ ଶ୍ରେଷ୍ଠ ବୋଲି କେହି ନାହାନ୍ତି ଓ ଶିଳ୍ପ ସଭ୍ୟତାର ସ୍ୱର୍ଦ୍ଧିତ ଉତ୍ତୁଙ୍ଗତା ନିହାତି ନିରର୍ଥକ । ଏହା ପରେ ଏହି ସଂହାର ଲୀଳାର ସନ୍ଦିଗ୍ଧ ନାୟକ ଓସାମା ବିନ୍ ଲାଦେନ୍‌କୁ ଧରିବାକୁ ଆମେରିକାର ଆଫଗାନିସ୍ଥାନ୍ ଉପରେ ଆକ୍ରମଣ । ଲାଦେନ୍ ଆଫଗାନିସ୍ଥାନର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଏପରିକି ଏହାର ସାଧାରଣ ନାଗରିକ ହୋଇନଥିଲେ ମଧ୍ୟ ସମଗ୍ର ଆଫଗାନିସ୍ଥାନ ଉପରେ ଥିଲା ତାର ଅଖଣ୍ଡ ପ୍ରଭାବ ଓ କର୍ତ୍ତୃତ୍ୱ ଏବଂ ତାହାରି ପାଇଁ ଆଫଗାନିସ୍ଥାନ ଆକ୍ରମଣ । ଏଣୁ ଲାଦେନ୍‌ର ସ୍ଥିତି ରାଷ୍ଟ୍ରୀୟତାର ସୀମାବଦ୍ଧତାକୁ ଅସ୍ୱୀକାର କରେ ଓ ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ଥିବା ସୀମାର ସଚ୍ଛିଦ୍ରତା, ଏପରିକି ତରଳୀୟତାକୁ ପ୍ରତିପାଦନ କରେ । ବସ୍ତୁତଃ ଆମେ ଏକ ଉତ୍ତର-ଶିଳ୍ପାୟିତ (Post-Industrial) ଓ ଉତ୍ତର-ରାଷ୍ଟ୍ରୀୟ (Post-National) ବିଶ୍ୱରେ ବାସକରୁ । ଏହି ବିଶ୍ୱ ହିଁ ଆଧୁନିକ ବିଶ୍ୱ ।" (ଅନେକ ଆଧୁନିକତା, ୨୦୦୭, ପୃ-୪୪)

ବାସ୍ତବରେ ଦେଖିବାକୁ ଗଲେ ପ୍ରଫେସର ଗୁରୁଚରଣ ବେହେରା ଦ୍ୱୈତ ଅଟ୍ଟାଳିକା ଧ୍ୱଂସ ଘଟଣା ପଶ୍ଚାଦରେ ଏକ ଉତ୍ତର ଆଧୁନିକ ବିଶ୍ୱ ସମାଜକୁ ଖୋଜି ପାଇଛନ୍ତି ଓ ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ରହିଥିବା ସୀମାକୁ (Bondry) ଲଙ୍ଘନ କରି ଉତ୍ତର-ଆଧୁନିକତାବାଦୀମାନେ ସଚ୍ଛିଦ୍ରତା ବା ତରଳୀୟତା ମାଧ୍ୟମରେ ଅନ୍ୟ ଏକ ରାଷ୍ଟ୍ରକୁ ପ୍ରବେଶ କରନ୍ତି ଓ ନିଜର ସ୍ଥିତିକୁ ପ୍ରତିପାଦିତ କରିଥାନ୍ତି । ଏଣୁ ଅନେକ ଅଣ ଉତ୍ତର ଆଧୁନିକତାବାଦୀ ତଥା ଆଧୁନିକତାବାଦର ପ୍ରବକ୍ତା ଏହାକୁ ଦିଗହୀନ ଯାତ୍ରା ଭାବରେ ନାମିତ କରିଥାନ୍ତି । "Postmodernity is the intimation from within modernity of a condition without bounds of modernity, what this means in more concreate terms, of course, is that from the point of view of the certain modern boundaries, post modernity seems to be directionless, blurred and lacking in rigour. But from the point of view of post-moernity, modernity with its boundaries is a prison of one sort or another towards which the only proper attitude is one of incredulity (Keith Tester, The life and Time of Post-Modernity, 1993 page-28) । ଉତ୍ତର-ଆଧୁନିକତାକୁ ଆଧୁନିକତାବାଦୀମାନେ

ଏକ ଦିଗହୀନ ଯାତ୍ରା କହିବାର ଉଦ୍ଦେଶ୍ୟକୁ ସକରାତ୍ମକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ବାସ୍ତବରେ ଜାଣିହୁଏ ଯେ, ଉତ୍ତର ଆଧୁନିକତା ସମସ୍ତ ସମାଜ ବ୍ୟବସ୍ଥା (ଭାଷା, ସଂସ୍କୃତି, କଳା, ସ୍ଥାପତ୍ୟ, ସଙ୍ଗୀତ, ନିର୍ମାଣ, ମନୋରଞ୍ଜନ ଇତ୍ୟାଦି )କୁ ନିଜ ପରିସରରେ ସାମିଲ କରିଥାଏ । ମାତ୍ର ଆଧୁନିକତାବାଦାମାନେ ଏକ ସୀମା (Bounds) ମଧ୍ୟରେ ଥାଇ ଏହି ସମାଜ ବ୍ୟବସ୍ଥାକୁ ଅବଲୋକନ ଓ ରୂପାୟନ କରିଥାନ୍ତି । ଫେଡ୍ରିକ୍ ଜେମ୍ସନ୍ ଏଣୁ ଏହି ପ୍ରସଙ୍ଗକୁ ଭାଙ୍ଗିବା (this break) ଅର୍ଥାତ୍ ଆଧୁନିକତାକୁ ଭାଙ୍ଗି ଉତ୍ତର ଆଧୁନିକତାର ସୃଷ୍ଟି ବୋଲି କହିଥାନ୍ତି । ଜେମ୍ସନ ଆଧୁନିକତାକୁ ଶହେ ବର୍ଷର ଇତିହାସ ଭାବରେ ନାମିତ କରିଥାନ୍ତି । ଯଦିଓ ଜର୍ମାନୀ ଦାର୍ଶନିକ Jurgen Habermas ତାଙ୍କ ପ୍ରବନ୍ଧ "Modernity an Incomplete Project"ରେ ଆଧୁନିକତାକୁ ଏକ ଅସମ୍ପୂର୍ଣ୍ଣ ଇତିହାସ ଭାବରେ ଆଖ୍ୟାୟିତ କରିଥାନ୍ତି । ଏହା ପଶ୍ଚାଦରେ ଉତ୍ତର ଆଧୁନିକତାବାଦୀ ଚିନ୍ତନ ଓ ଏହି ଚିନ୍ତନରେ ଥିବା ପ୍ରସାରଣଶୀଳତା ବା କେନ୍ଦ୍ରବିରୋଧୀ ଚେତନାର ପ୍ରଭାବ ଅନୁଭୂତ ହୋଇଥାଏ ।

ହାବରମାସ (Habermas) ତାଙ୍କର ଅନ୍ୟ ଏକ ପ୍ରବଂଧ (Modernity versus Postmodernity (New German Critique, No 22, Winter-1981) ରେ ଆଧୁନିକତାକୁ କ୍ଲାସିକପନ୍ଥୀ ଏବଂ ଉତ୍ତର ଆଧୁନିକତାକୁ ଆଧୁନିକତା ବିରୋଧୀ କହିଛନ୍ତି । ହାବରମାସ ତାଙ୍କ ପ୍ରବଂଧରେ ଏହାକୁ କେବଳ ନିଜ ମତ ନକହି ଜର୍ମାନ୍‌ର ଏକ ସମ୍ବାଦପତ୍ରରେ ପ୍ରକାଶିତ ମତକୁ ନିର୍ଦ୍ଦେଶ କରିଛନ୍ତି । ଭେନିସ୍‌ଠାରେ ଆୟୋଜିତ ହୋଇଥିବା ଚିତ୍ରଶିଳ୍ପୀ, ଆର୍କିଟେକ୍‌ଚରର୍ ଓ ଚଳଚ୍ଚିତ୍ର ନିର୍ମାତା ସମ୍ମେଳନରେ ଏହି ଚିନ୍ତନ ପ୍ରକାଶ ପାଇଥିବା କଥା ସେ ଉଲ୍ଲେଖ କରିଛନ୍ତି । "Last year, architects were admitted to the Biennial in Venice, following painters and film- makers. The note sounded at this first architecture Biennial was one of the disappointment. I would describe it by saying that those who exhibited in venice formed an avant-grade reversed fronts. I mean that they sacrificed the tradition of modernity in order to make room for a new historicism. Upon this occasion, critic of German news- paper, Frank Furter Allegemeine Zeifung, advanced a thesis whose significance reaches beyond this particular event, it is a diagonsis of our times, "postmoderntity definetly presents itself as Antimodernity". This statement describes an emotional current of our times which has penetrated all spheres of intellectual life. It has placed on the agenda theories of post-enlightenment, postmodernity, even of post history. (Modernity versus Postmodernity) । ୧୯୮୧ ମସିହା ପାଞ୍ଚ ତାରିଖ ଦିନ ନ୍ୟୁୟର୍କ ବିଶ୍ୱବିଦ୍ୟାଳୟରେ ଦେଇଥିବା ଏହି ଭାଷଣରେ, ଏହା ଆମ ସମୟର ବୁଦ୍ଧିଜୀବୀମାନଙ୍କ ଭାବନା ବୋଲି ପ୍ରକାଶ କରିଛନ୍ତି । ଉତ୍ତର ଆଧୁନିକତା ବିଶ୍ୱର ସମସ୍ତ ବୁଦ୍ଧିଜୀବୀଙ୍କ ଚର୍ଚ୍ଚା ପରିସରକୁ ଆସିଯାଇଥିବା ସମୟରେ ଏହା ସହିତ ସେ ଉତ୍ତରଜ୍ଞାନୋଦୟ ଯୁଗ (Post-enlightenment) ଓ ଉତ୍ତର ଇତିହାସ ଯୁଗ (Post history) ସହ ଉତ୍ତର ଆଧୁନିକତାକୁ ଯୋଡ଼ିଦେଇଛନ୍ତି । ଭେନିସ୍‌ରେ ଅନୁଷ୍ଠିତ

ହୋଇଥିବା ଏହି ଚିତ୍ରକଳା ସମ୍ମେଳନରୁ ଉତ୍ତର ଆଧୁନିକତା ଯେ ସଂପୂର୍ଣ୍ଣ ଭାବରେ ଅଣଆଧୁନିକ ବା ଆଧୁନିକତା ବିରୋଧୀ, ଏହା ସ୍ପଷ୍ଟ ହୋଇଯାଇଥିଲା । ଏହି ଚେତନାର ପରିପ୍ରକାଶ ଚିତ୍ରକଳା, ସଂଗୀତ, ଚଳଚ୍ଚିତ୍ର, ଅଟ୍ଟାଳିକା ନିର୍ମାଣ ତଥା କଳାଜଗତର ଅନ୍ୟ ମାଧ୍ୟମଗୁଡ଼ିକରେ ପ୍ରତୀକିତ ହୋଇଥିଲା । ଏହି ପ୍ରବନ୍ଧରେ ହାବରମାସ ଆଧୁନିକତାର ପରିଧି ଓ ସ୍ୱରୂପ ନିରୂପଣ କରିବାକୁ ଯାଇ, ଆଧୁନିକତାକୁ କ୍ଲାସିକପନ୍ଥୀ ଭାବରେ ନାମିତ କରିଛନ୍ତି । ପରମ୍ପରା ଓ ଐତିହ୍ୟ ସହ ଆଧୁନିକତା ଯୋଡ଼ି ହୋଇଥାଏ । ଏଣୁ ପରିବର୍ତ୍ତିତ ପୃଥିବୀରେ ତାହାର ପ୍ରାସଙ୍ଗିକତା ଆଉ ରହିନାହିଁ । ସେହି ସ୍ଥାନ ଏବେ ଉତ୍ତର ଆଧୁନିକତା ଗ୍ରହଣ କରିଛି ।

ଚଳଚ୍ଚିତ୍ର, କଳା ଓ ଆର୍କିଟେକ୍‌ଚର (ସ୍ଥପତି ବିଦ୍ୟା) ଜଗତରେ ଉତ୍ତର-ଆଧୁନିକତାର ପ୍ରବାହ ସମୟରେ ଦ୍ୱୈତ ଅଟ୍ଟାଳିକା(ଟୁଇନ୍ ଟାୱାର)ର ପତନ ଉତ୍ତର ଆଧୁନିକତାବାଦର ବହୁ ପ୍ରସ୍ଥୀୟ ପ୍ରେକ୍ଷାପଟକୁ ଉନ୍ମୋଚିତ କରିଥାଏ । ଏଠାରେ ପ୍ରସଙ୍ଗ କ୍ରମେ ଏହି ଐତିହାସିକ ଘଟଣାରେ ଦୁଇଟି ପ୍ରମୁଖ ଦିଗ ଆଲୋଚନା କରାଯାଉ ।

ପ୍ରଥମତଃ, ଆଧୁନିକ ସ୍ଥପତି ବିଦ୍ୟାର ଭଙ୍ଗ ବା ପତନ । ଦ୍ୱୈତ ଅଟ୍ଟାଳିକାର ନକ୍ସା ପ୍ରସ୍ତୁତ କରିଥିବା ୟାମାସାକୀ ଆଧୁନିକତାବାଦୀ ସ୍ଥପତି ଭାବରେ ବିଶ୍ୱରେ ପ୍ରତିଷ୍ଠା ଅର୍ଜନ କରିଥିଲେ । ଦ୍ୱୈତ ଅଟ୍ଟାଳିକାର ପତନ ଦ୍ୱାରା ଆଧୁନିକତାର ପତନ ବା ଶେଷ – ଏହି ଭାବାଦର୍ଶରେ ଗଢ଼ଣ ଆରମ୍ଭ ହୋଇଥିଲା । ଏହାର କାରଣ ଏହି ଦ୍ୱୈତ ଅଟ୍ଟାଳିକା ବିଶ୍ୱ କ୍ଷମତା କେନ୍ଦ୍ର ଥିଲା । ଏକ ଦୃଶ୍ୟମାନ ସତ୍ୟର ବିଲୋପ ଘଟି ଏକ ଅଦୃଶ୍ୟମାନ ଶକ୍ତିର ପରିପ୍ରକାଶ ପଶ୍ଚାଦରେ ଆଧୁନିକତାର କ୍ଲାସିକପନ୍ଥୀ ବିଚାରଧାରାର ଶେଷ ଏବଂ ଅଦୃଶ୍ୟମାନ ଅପସାରିତ (the others) ଶକ୍ତିର ଅଭ୍ୟୁଦୟ । ଏହାର ପ୍ରମୁଖ ଦିଗଟି ହେଲା, ଅର୍ଥନୀତି, ବାଣିଜ୍ୟ, ରାଜନୀତି ଅଥବା ଶିକ୍ଷା ଆଉ ଦୃଶ୍ୟମାନ ଜଗତରେ ନ ରହି ସଫ୍‌ଟୱେୟାର ଓ ଡିଜିଟାଲ ମାଧ୍ୟମରେ ପରିଚାଳିତ ହେବା, ଯାହା ପ୍ରାୟତଃ ଦୃଶ୍ୟମାନ ନୁହେଁ । କମ୍ପ୍ୟୁଟରର ପ୍ରୋଗ୍ରାମିଂ ଚିପ୍ସ ମାଧ୍ୟମରେ ଏ ସମସ୍ତ କାର୍ଯ୍ୟ ସୂଚାରୁ ରୂପେ କରାଯାଇପାରିବ - ଏହା ଏହି ଘଟଣା ପ୍ରମାଣିତ କରିଥିଲା । କାରଣ ଏହି ଦ୍ୱୈତ ଅଟ୍ଟାଳିକା ବିଶ୍ୱର ସର୍ବଶ୍ରେଷ୍ଠ କ୍ଷମତାସଂପନ୍ନ ରାଷ୍ଟ୍ରର ସର୍ବଶ୍ରେଷ୍ଠ ସୁରକ୍ଷାସ୍ଥଳ ଥିଲା । ଏହାର ପତନ ଏକ ବ୍ୟବସ୍ଥା ଓ ଯୁଗର ପତନ ଥିଲା । ଏହି ଘଟଣା ଉତ୍ତରଆଧୁନିକତାର ରୂପକୁ ଅଧିକ ସାକାର ରୂପ ପ୍ରଦାନ କଲା ।

ଦ୍ୱିତୀୟତଃ - ଏହି ଘଟଣା କେନ୍ଦ୍ରବାଦୀ ଧାରଣାକୁ (Logocentrism)ଭାଙ୍ଗି ଦେଇଥିଲା । ଦ୍ୱୈତ ଅଟ୍ଟାଳିକାସ୍ଥିତ ବାଣିଜ୍ୟ କେନ୍ଦ୍ର ଓ ପେଣ୍ଟାଗନ୍ ହାଉସ୍ ବିଶ୍ୱର କ୍ଷମତା କେନ୍ଦ୍ର ଥିଲା । ଏହି କ୍ଷମତା କେନ୍ଦ୍ରରୁ ସମଗ୍ର ବିଶ୍ୱ ନିୟନ୍ତ୍ରିତ ହେଉଥିଲା । କ୍ଷମତା କେନ୍ଦ୍ରରୁ (Logocentrism) ଅପସାରିତ (the others) ହୋଇଥିବା ଏକ ସାଧାରଣ ଶକ୍ତି ଏହାକୁ ଭାଙ୍ଗି ଦେବାକୁ ସକ୍ଷମ ହେଲା, ଏବଂ ସବୁଠାରୁ ଉଲ୍ଲେଖନୀୟ ଦିଗ ହେଲା, ଏହି ବିଶାଳ ହର୍ମ୍ୟକୁ ଭାଙ୍ଗିବାରେ କୌଣସି ମାରଣାସ୍ତ୍ର ଅଥବା ରାସାୟନିକ ଅସ୍ତ୍ର ବ୍ୟବହାର କରାଯାଇନଥିଲା । ଯଦି ରାସାୟନିକ ଅସ୍ତ୍ର ବ୍ୟବହାର କରାଯାଇଥାନ୍ତା, ତେବେ ଏହାର ଭୟଙ୍କର ପରିଣତି ସମଗ୍ର ମାନବ ଜାତିକୁ ଭୋଗିବାକୁ ପଡ଼ିଥାନ୍ତା । ଅପସାରିତ ଶକ୍ତି ଅତି ଚତୁରତାର ସହ ବ୍ୟବସ୍ଥାକୁ ଭାଙ୍ଗିବାକୁ ଚେଷ୍ଟାକରିଛି; ମାନବଜାତିକୁ ନୁହେଁ । ଏହାଦ୍ୱାରା ସମଗ୍ର ମାନବ ଜାତି ଅପସାରିତ ଶକ୍ତି ଓ କ୍ଷମତା ସଂପର୍କରେ କେବଳ ସଚେତନ ହେଲେ ତାହା ନୁହେଁ, ସେମାନଙ୍କ କ୍ଷମତାକୁ କ୍ଷମତାର ଦ୍ୱିତୀୟ କେନ୍ଦ୍ର ଭାବରେ ସମର୍ଥନ ପ୍ରଦାନ କଲେ । କେନ୍ଦ୍ର ବିଚ୍ୟୁତ ଓ ଅପସାରିତର ଉଭୟ ସଂପର୍କରେ ଏହି ଘଟଣା ଏକ ଜୀବନ୍ତ ଉଦାହରଣ ହୋଇ ଉତ୍ତର-ଆଧୁନିକ ବିଶ୍ୱକୁ ଏକ ପଥ ଦେଖାଇବାରେ ସମର୍ଥ ହୋଇଥିଲା ।

କେନ୍ଦ୍ର ଭାଙ୍ଗି ପଡ଼ିବା ଓ ଅପସାରିତର ଉଦ୍ଭବ ହେବା ଉତ୍ତରଆଧୁନିକ ସମାଜର ସବୁଠାରୁ ଉଜ୍ଜ୍ୱଳ ଦିଗ । ପରବର୍ତ୍ତୀ ସମୟରେଏହି ଭାବଧାରା ଅନେକ ଉପ-ଭାବଧାରାକୁ ସୃଷ୍ଟି କରିଛି । କେନ୍ଦ୍ର ଭାଙ୍ଗିପଡ଼ିବାକୁ ଯଦି ବୃହତ୍ତର ଅର୍ଥରେ ଗ୍ରହଣ କରାଯାଏ, ତେବେ ତାହା ହେବ ମହାମୂଳବୃତ୍ତାନ୍ତ ପ୍ରତି ସମ୍ମାନ ହ୍ରାସ । ଅର୍ଥାତ୍ ପ୍ରାକ୍ ଉତ୍ତରଆଧୁନିକ ଯୁଗ ପର୍ଯ୍ୟନ୍ତ ଯେଉଁ ଜ୍ଞାନୋଦୟ ଯୁଗର (Enlightmen) ସତ୍ୟ ଏବଂ ଆଦର୍ଶ ସମାଜର ବିଚାରଧାରାକୁ ନିୟନ୍ତ୍ରିତ କରୁଥିଲା, ଉତ୍ତରଆଧୁନିକ ଦାର୍ଶନିକଗ କଗଣ ତାହା ଉପରେ ଏକ ବଡ଼ ବଡ଼ ପ୍ରଶ୍ନ ଚିହ୍ନ ଆଣିଥିଲେ । ଡେରିଡା, ଲିଓତାଦ୍, ବାର୍ଥସ, ଲାକାଁ ପ୍ରଭୃତି ଦାର୍ଶନିକଗଣ ଜ୍ଞାନୋଦୟଯୁଗର ସୀମାକୁ କେବଳ ସୂଚାଇଦେଲେ ନାହିଁ, ମାନବ ସଭ୍ୟତାର ଓ ଜ୍ଞାନର ପ୍ରସାରଣଶୀଳତା ସଂପର୍କରେ ତାତ୍ତ୍ୱିକ ତଥ୍ୟ ଓ ତର୍କ ଉପସ୍ଥାପନ କଲେ, ଯାହା ପରବର୍ତ୍ତୀ ସମୟରେ ଉତ୍ତରଆଧୁନିକ ଚିନ୍ତନକୁ ବହୁ ପ୍ରସ୍ଥାୟ କରିପାରିଛି ।

'ଲେଖକର ମୃତ୍ୟୁ' ଏହି ବହୁ ପ୍ରସ୍ଥାୟ ଚିନ୍ତନର ଅନ୍ୟତମ ପ୍ରମୁଖ ଦିଗ । ଉତ୍ତରାଧୁନିକତାକୁ ବୁଝିବାକୁ ହେଲେ, ପ୍ରଥମେ ଲେଖକର ମୃତ୍ୟୁ ସଂପର୍କରେ ସବିଶେଷ ଜ୍ଞାନ ରହିବା ଆବଶ୍ୟକ । ରୋଲାଣ୍ଡ ବାର୍ଥ (୧୯୧୫-୧୯୮୦) ତାଙ୍କର 'The Death of the Author' (ଲେଖକର ମୃତ୍ୟୁ) (୧୯୬୭) ରେ ଏକ କୃତି (Work) ଏବଂ ପାଠ (Text) ସଂପର୍କରେ ବିଶଦ ଆଲୋଚନା କରି ଲେଖକର ମୃତ୍ୟୁ ଘୋଷଣା କରିଥିଲେ । Work To Text (କୃତିରୁ ପାଠ ଯାଏଁ) ନାମକ ଆଉ ଏକ ପ୍ରବନ୍ଧରେ ମଧ୍ୟ ସେ ଏ ସଂପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି । ଏହି ଆଲୋଚନାର ପରିଧି ଏତେ ବ୍ୟାପକ ଯେ ଏହା ସାହିତ୍ୟ, ଦର୍ଶନ, କଳା, ବିଜ୍ଞାନ, ପୋଷାକ, ଫେସନ୍ ଓ ଦୈନନ୍ଦିନ ଜୀବନରେ ବ୍ୟବହୃତ ସାମଗ୍ରୀ ସଂପର୍କରେ ଥିବା ଅବଧାରଣାକୁ ପରିସରଭୁକ୍ତ କରାଇଥାଏ । ବାସ୍ତବରେ ମନୁଷ୍ୟର ସର୍ଜନ କ୍ଷମତା ଏବଂ ପ୍ରକାଶ କ୍ଷମତାକୁ କେନ୍ଦ୍ର କରି ଏହି ବିମର୍ଶ ଗଢ଼ି ଉଠିଛି । ଏହି ବିମର୍ଶରେ ବାର୍ଥ ବିଶିଷ୍ଟ ଦାର୍ଶନିକ ସସ୍ୟୁରୋଙ୍କ ସିମିଓଲୋଜି ବା ସଙ୍କେତ ତତ୍ତ୍ୱ ଆଧାରରେ ଏହି ଚିନ୍ତନକୁ ଅଗ୍ରସର କରାଇଛନ୍ତି । ବାର୍ଥଙ୍କ ଏହି ଚିନ୍ତନ ସମସ୍ତ ସର୍ଜନଶୀଳ କଳା ଓ ମନୁଷ୍ୟର ଭାବ ପ୍ରକାଶ କ୍ଷମତା ଉପରେ ପର୍ଯ୍ୟବେସିତ ।

ବାର୍ଥ ମନୁଷ୍ୟର ସୃଷ୍ଟିକୁ ଦୁଇଭାଗରେ ବିଭକ୍ତ କରିଛନ୍ତି । ପ୍ରଥମଟି – କୃତି ବା Work ଏବଂ ଦ୍ୱିତୀୟଟି ପାଠ ବା Text । ପ୍ରଥମଟିକୁ ସେ ଏକ ସ୍ୱୟଂସଂପୂର୍ଣ୍ଣ କୃତି ରୂପେ ଗ୍ରହଣ କରିଥିଲେ, ଯାହାର ଅବବୋଧ ନିମିତ୍ତ ପାଠକଙ୍କୁ କୃତିର ବାହାରକୁ ଯିବାର ଆବଶ୍ୟକତା ନ ଥାଏ । ଲେଖକ ଯେଉଁ ଅର୍ଥରେ ଲେଖେ ପାଠକ ସେହି ଅର୍ଥରେ ତାକୁ ବୁଝିଥାଏ । (The work is a fragment of substance, it occupies a portion of the spaces of books) । ଏହି ଅବବୋଧରେ ଏକ ପରିସୀମା ରହିଥାଏ । ଲେଖକ ଓ ପାଠକର ଅବବୋଧରେ ଏକ ସାମ୍ୟ ବା ସାଦୃଶ୍ୟ ରହିଥାଏ । ବିପୁଳ ବିଶ୍ୱର ଏକ ଅଂଶବିଶେଷ ଭାବରେ ଏହି ଅବବୋଧ ପୂର୍ଣ୍ଣତାରେ ସୀମାବଦ୍ଧ ହୋଇ ରହିଥାଏ । ଏଣୁ ବାର୍ଥ ଏହାକୁ Readerly Text ଭାବରେ ନାମିତ କରିଥାନ୍ତି । ମାତ୍ର ବାସ୍ତବରେ ଯାହା ପାଠ ବା ଟେକ୍ସ୍ଟ ତାହା ଲେଖକୀୟ ପ୍ରତିପାଦିତ ଅର୍ଥ ମଧ୍ୟରେ ସୀମାବଦ୍ଧ ହୋଇ ରହେ ନାହିଁ । ଲେଖକ ଲେଖାଟିଏ ଲେଖିଦେଲା ପରେ ବା ସର୍ଜନ ପୁରୁଷ ସର୍ଜନ ଶେଷ କରିଦେଲା ପରେ ତାର ଦାୟିତ୍ୱ ଶେଷ ହୋଇଯାଏ । ଏହା ହିଁ ଲେଖକର ମୃତ୍ୟୁ । ଲେଖକର ମୃତ୍ୟୁ ଯେଉଁଠାରେ ହୁଏ, ସେହିଠାରୁ ପାଠକର ଦାୟିତ୍ୱ ଆରମ୍ଭ ହୋଇଥାଏ (Birth of Reader) । ଲେଖକ ଯେଉଁ ପାଠକୁ ପ୍ରଦାନ କରେ ଏହାର ଅର୍ଥ ଖୋଜିବା ପାଠକର ଦାୟିତ୍ୱ । ବାସ୍ତବରେ ଏହା ହିଁ କୃତି ଓ ପାଠ ମଧ୍ୟରେ ଥିବା ପାର୍ଥକ୍ୟ । କୃତିଟିର ଅର୍ଥ କୃତିଟି ମଧ୍ୟରେ ସୀମାବଦ୍ଧ ରହେ ଯାହାକୁ ବାର୍ଥ 'The work is held in the hand' ଅର୍ଥାତ୍

କୃତିଟିର ଅର୍ଥକୁ ହାତ ମୁଠାରେ ଧରି ରଖି ପାରିବାର ସାମର୍ଥ୍ୟକୁ ବୁଝାଇଥିବା ସମୟରେ ପାଠ (text)ଟିକୁ ସେ 'The text is held in language' କହିଥାନ୍ତି । ଅର୍ଥାତ୍ ପାଠଟି ଭାଷା ମାଧ୍ୟମରେ ପ୍ରତୀକିତ ହୋଇଥାଏ, ଏହାର ଅର୍ଥ ପାଠକ ପାଠଟି ପଢ଼ିବା ପରେ ପାଠଟିରେ ବ୍ୟବହୃତ ଭାଷାକୁ ନିଜର ଭାବ ଅବବୋଧ ଶକ୍ତି ଦେଇ ଅର୍ଥ-ନିଷ୍କର୍ଷ କରିଥାଏ, ଯାହା ଲେଖକ କରି ନଥାଏ । ସେଥିପାଇଁ ସେ ପାଠକୁ ଏକାଧିକ 'Plural' ଭାବରେ ନାମିତ କରିଥାନ୍ତି । ଏହି ପାଠଟିରେ ଲେଖକ ପାଠକକୁ ସ୍ୱାଧୀନତା ପ୍ରଦାନ କରିଥାଏ । ପାଠକ ନିଜର ଅବବୋଧ, ଧାରଣା ଏବଂ ସାଂସ୍କୃତିକ ଓ ସାମାଜିକ ପରିବେଶ ଅନୁଯାୟୀ ପାଠଟିର ଅର୍ଥ ନିରୂପଣ କରିଥାଏ । ଏହି ଅର୍ଥ ସ୍ୱୟଂ ସଂପୂର୍ଣ୍ଣ ହୋଇନଥାଏ । ପାଠଟିର ଅର୍ଥ ପାଠକ କୈନ୍ଦ୍ରିକ, ଲେଖକ କୈନ୍ଦ୍ରିକ ନୁହେଁ । ବାର୍ଥ ଏହାକୁ ସ୍ପଷ୍ଟ କରିବାକୁ ଯାଇ ଲେଖିଛନ୍ତି - "The text plural"- This does not mean only that it has several meanings but that it fulfills the very pluraliity of meaning; an irreducible (and not just acceptable) plural- ity. The text is not coexistence of meaning, but passage, traversal; hence it depends not on an interpretation, however liberal, but on an explosion, on dissemination". (From Work to text, The Rustle of Language, translated by Richard Haward, Hill and Wang, 1984, Page- 59) ଗୋଟିଏ କୃତିର ବହୁ ଅର୍ଥ ପ୍ରତିପାଦିତା ଶକ୍ତି, ତାକୁ ପାଠରେ ପରିଣତ କରେ । ପାଠଟିର ଅର୍ଥକୁ କଦାପି ସଙ୍କୁଚିତ କରାଯାଇପାରିନାହିଁ, ବରଂ ଅର୍ଥର ବହୁ ପ୍ରତିପାଦିତା ଶକ୍ତିର ବିସ୍ଫୋରଣରେ ପାଠଟି ସର୍ବଦା ଜୀବନ୍ତ ଓ ଚଳଚଞ୍ଚଳ ହୋଇ ରହେ । ସର୍ବଦା ଏହା ଅର୍ଥର ପଥକୁ ବିସ୍ତାରିତ କରିଥାଏ ।

ବାର୍ଥଙ୍କ ଏହି ଧାରଣାଟି ଫୁକୋଙ୍କ ଗଠନବାଦ ବା ଷ୍ଟ୍ରକ୍‌ଚରାଲିଜିମ୍ ବିରୋଧୀ ଥିଲା । ଏକ ଗଠନ (Structure) ମଧ୍ୟରୁ ପାଠକୁ (Text) ମୁକ୍ତ କରି ଆଣିବା, ଓ ଏହାର ଅର୍ଥ ପ୍ରତିପାଦିତା ଶକ୍ତିର ଅପରିସୀମତାକୁ ଆବିଷ୍କାର କରିବା ଥିଲା ବାର୍ଥଙ୍କ ଲକ୍ଷ୍ୟ । ଏଥି ନିମିତ୍ତ ସେ ୧୯୭୦ ରେ ଏକ ପୁସ୍ତକ ରଚନା କରିଥିଲେ ଯାହାର ନାମ "S/Z" (ଏସ୍ ବାଇ ଜେଡ୍) । ଏହି ପୁସ୍ତକରେ ସେ ବାଲ୍‌ଜାକ୍‌ଙ୍କ ରଚିତ ତିରିଶ ପୃଷ୍ଠାର ଗଳ୍ପ 'ସାରାସିନ୍'କୁ ଦୁଇଶହ ପୃଷ୍ଠାରେ ବିଶ୍ଳେଷଣ କରିଛନ୍ତି । ଏହି ଗଳ୍ପଟିକୁ ସେ ରାଇଟର୍‌ଲୀ ଟେକ୍ସଟ ଭାବରେ ଗ୍ରହଣ କରି ଏହାକୁ ପାଞ୍ଚଶହ ଏକଷଠି ଅର୍ଥ-ଭିତ୍ତିକ ଅଂଶ (lexias) ରେ ବିଭକ୍ତ କରି ଏହାର ଅର୍ଥ ପ୍ରତିପାଦିକା ଶକ୍ତିକୁ ଆଲୋଚନା କରିଛନ୍ତି । ଏହି ଆଲୋଚନାର ନିଷ୍କର୍ଷ ପରେ ସେ ଯେ କୌଣସି ବିବରଣାତ୍ମକ ରଚନାର ପାଞ୍ଚୋଟି ଗୁଣ ସଂପର୍କରେ ବ୍ୟାଖ୍ୟା କରିଛନ୍ତି । ତାଙ୍କ ମତରେ ପ୍ରତ୍ୟେକ ସୂତ୍ର ନିହିତ ବିବରଣାତ୍ମକ ରଚନାରେ ଏହି ପାଞ୍ଚୋଟି ସଙ୍କେତ ବା ସୂତ୍ର ନିହିତ ଥାଏ । ସେହିଗୁଡ଼ିକ ହେଲା -

ପ୍ରଥମ : Proairetic code: ଏହାକୁ ଆମେ ବିଷୟ ବିନ୍ୟାସ ଅଥବା ଘଟଣାକ୍ରମର ବିନ୍ୟାସ ଭାବରେ ବୁଝିବା । ଏହା ରଚନାଟିକୁ ଅବଧାରଣ କରିଥାଏ ଏହାର ନିୟାମକ ହୋଇଥାଏ । (This is the most visible aspect of a narra tive and refers to the sequence in which the events of a story unfold)

ଦ୍ୱିତୀୟ: Hermeneutic Code : ବ୍ୟାଖ୍ୟାନ ଭାଗ । ଏହା ମାଧ୍ୟମରେ ଆମେ ରଚନାଟିର ଅର୍ଥ ବୁଝିବାକୁ ସମର୍ଥ ହୋଇଥାଉ । ପାଠଟିକୁ ପାଠକ ଅବବୋଧ ମାଧ୍ୟମରେ ବୁଝିବାକୁ ସମର୍ଥ ହୋଇଥାଏ । କେତେବେଳେ, କିଏ, କେଉଁଠି ଆଦିର ପ୍ରଶ୍ନ ଏଠାରେ ଉତ୍ଥାପିତ ହୋଇଥାଏ ।

ତୃତୀୟ- Cultural Code: ସଂସ୍କୃତି :- ଏହା ରଚନାଟିର ସାଂସ୍କୃତିକ ସଂପର୍କକୁ ଅବଧାରଣ କରିଥାଏ। ରଚନାଟିର ଅର୍ଥ ଅବବୋଧ ନିମିତ୍ତ ପାଠକ ତା'ର ସାମାଜିକ ଓ ସାଂସ୍କୃତିକ ଜୀବନର ସାହାଯ୍ୟ ନିଏ। (Cultural codes are those elements of common knowldege that we share as a community and therefore not require a glossory)

ଚତୁର୍ଥ- Semic Code: ପ୍ରଚ୍ଛନ୍ନ ଅର୍ଥ- ଗୋଟିଏ ଶବ୍ଦ ମଧ୍ୟରେ ପ୍ରଚ୍ଛନ୍ନ ଭାବରେ ଲୁଚି ରହିଥିବା ବ୍ୟଙ୍ଗାର୍ଥ ବା ଲକ୍ଷଣାର୍ଥ, ଯାହା ସେହି ସମାଜ ବା ସାଂସ୍କୃତିକ ପୃଷ୍ଠଭୂମିରୁ ଆସି ନଥିବା ଲୋକଟି ବୁଝିପାରେନା। ଓଡ଼ିଶାରେ ସାମାଜିକ ଓ ସାଂସ୍କୃତିକ ଜୀବନରେ ବ୍ୟବହୃତ 'ଅବଢ଼ା' ଶବ୍ଦକୁ ଉଦାହରଣ ଭାବରେ ନିଆଗଲେ, ଯେଉଁ ପାଠକ ଜଗନ୍ନାଥ ଧର୍ମ, ପୁରୀସ୍ଥିତ ଶ୍ରୀମନ୍ଦିର ଏବଂ ଆନନ୍ଦ ବଜାର ସଂପର୍କରେ ଜାଣି ନଥବ, ସେ ଶବ୍ଦଟିର ମାହାତ୍ମ୍ୟ ଓ ବ୍ୟାପକତା ଜାଣି ପାରିବ ନାହିଁ। ଏହି ପ୍ରକାର ଭାଷା ବ୍ୟବହାର ପଦ୍ଧତିକୁ ସେମିକ୍ କୋଡ (Semic Code) କୁହାଯାଇଛି।

ପଞ୍ଚମ- Symbolic Code: ବହୁସ୍ତରୀୟ ଅର୍ଥ ପ୍ରତିପାଦିକାଶକ୍ତି। ଗୋଟିଏ ପାଠ ସେମିକ୍ କୋଡ୍ ମାଧ୍ୟମରେ ଯେଉଁ ଅର୍ଥ ପ୍ରତିପାଦନ କରିଥାଏ, ସିମ୍ବଲିକ୍ କୋଡ୍ ସେହି ଅର୍ଥକୁ ଅଧିକ ବ୍ୟାପକ ଓ ଗଭୀର କରିଥାଏ। ଶବ୍ଦ ମଧ୍ୟରେ ରହିଥିବା ଐତିହ୍ୟ, ସଂସ୍କୃତି ଓ ପରମ୍ପରା ସଂପର୍କିତ ଭାବବୋଧ ଏହି ଅର୍ଥବୋଧିକା ଶକ୍ତିକୁ ପ୍ରସାରିତ କରିବାରେ ସହାୟକ ହୋଇଥାଏ। (It extends beyond the immidiate icon or streotype to refer to something larger) ବାର୍ଥଙ୍କ ମତରେ ଏହା ପରମ୍ପରା ସହ ଘନିଷ୍ଠ ଭାବରେ ଜଡିତ ହୋଇ ଶବ୍ଦର ଅର୍ଥ ପ୍ରତିପାଦିକା ଶକ୍ତିକୁ ପ୍ରସାରିତ କରିଥାଏ ଥାଏ। ମନେକରାଯାଉ, ପୂର୍ବରୁ ଆମେ ସେମିକ୍ କୋଡ୍‌ରେ 'ଅବଢ଼ା'ର ଉଦାହରଣ ପ୍ରଦାନ କରି କରିଥିଲେ। ଆମେ ଯେତେବେଳେ 'ଆନନ୍ଦ ବଜାରର ଅବଢ଼ା' କହିବା ସେତେବେଳେ ପୁରୀସ୍ଥିତ ଶ୍ରୀମନ୍ଦିରର ଦୃଶ୍ୟ, ଆନନ୍ଦ ବଜାରର ଦୃଶ୍ୟ ଓ ସେଠାରେ ବିକ୍ରୟ ହେଉଥିବା ଅବଢ଼ାର ଦୃଶ୍ୟ ସହ ଓଡ଼ିଆ ଜାତିର ଅବଢା ସହିତ ସଂପର୍କ ଓ ଭାବନାର ଅର୍ଥ ପ୍ରତୀକିତ ହୋଇଥାଏ। ଏହା ଜଣେ ଅଣଓଡ଼ିଆ ବୁଝିବାକୁ ଅସମର୍ଥ ହୋଇଥାଏ। ଏଠାରେ ବାଚିକ ଅର୍ଥଠାରୁ ବହୁ ବହୁ ଉର୍ଦ୍ଧ୍ୱରେ ଏହାର ସାଙ୍କେତିକ ବା ସିମ୍ବଲିକ୍ ଅର୍ଥ।

ବାର୍ଥଙ୍କ ଏହି ଅବବୋଧ ଉତ୍ତର ଆଧୁନିକ କୃତି ତଥା ପାଠଗୁଡ଼ିକୁ ବୁଝିବା ନିମିତ୍ତ ଏକାନ୍ତ ସହାୟକ ହୋଇଛି। ଏହା ମହାମୂଳବୃତ୍ତାନ୍ତ (Grand Narrative)କୁ ଅତିକ୍ରମ କରି, ଏହାର ସତ୍ୟ ସାର୍ବଭୌମତା ଉପରେ ପ୍ରଶ୍ନ ଚିହ୍ନ ଅଙ୍କନ କରିଥିଲା। ବାସ୍ତବରେ ଦେଖିବାକୁ ଗଲେ ସେହି ସମୟର ଅନ୍ୟତମ ଦାର୍ଶନିକ ଜାକ୍ସ ଦାରିଦା (୧୯୩୦-୨୦୦୪) ଏହାକୁ " ମେଟାଫିଜିକ୍ ଅଫ୍ ପ୍ରେଜେନ୍ସ" ନାମରେ ଆଖ୍ୟାୟିତ କରିଥିଲେ।

'ମେଟାଫିଜିକ୍ସ ଅଫ୍ ପ୍ରେଜେନ୍ସ'କୁ ପ୍ରତ୍ୟାଖ୍ୟାନ କରିବା ହେଉଛି ଉତ୍ତରଆଧୁନିକତାର ଅନ୍ୟ ଏକ ପ୍ରମୁଖ ଧର୍ମ। ଦେରିଦା ଏହି ବିତର୍କ ଆରମ୍ଭ କରିଥିଲେ। ଜାକ୍ସ ଦେରିଦା ବିଂଶ ଶତାବ୍ଦୀର ଜଣେ ପ୍ରମୁଖ ଦାର୍ଶନିକ ଯିଏ ନିଜ ବିମର୍ଶରେ ଗଠନବାଦୀ ତତ୍ତ୍ୱକୁ ପ୍ରତିହତ କରି ଉତ୍ତର ସଂରଚନାତ୍ମକ ତତ୍ତ୍ୱର ବ୍ୟାଖାନ ଆରମ୍ଭ କରିଥିଲେ। ୧୯୬୬ରେ ଜନ୍ସ ହପ୍‌କିନ୍ସ ବିଶ୍ୱବିଦ୍ୟାଳୟରେ ଜାକ୍ସ ଦେରିବା ଏକ ପ୍ରବନ୍ଧ ଉପସ୍ଥାପନ କରିଥିଲେ, ଯାହାର ଶୀର୍ଷକ ଥିଲା 'ଷ୍ଟ୍ରକଚର, ସାଇନ୍ ଏଣ୍ଡ ପ୍ଲେ ଇନ୍ ଡିସ୍କୋର୍ସ ଅଫ୍ ହ୍ୟୁମାନ୍ ସାଇନ୍ସେସ୍'। ଏହି ନିବନ୍ଧରେ ସେ ସେ ମେଟାଫିଜିକ୍ସ ଅଫ୍ ପ୍ରେଜେନ୍ସକୁ ପ୍ରତିରୋଧ କରି କହିଥିଲେ ଯେ, ବିଂଶ ଶତାବ୍ଦୀରେ ନୃତତ୍ତ୍ୱ ଗବେଷଣା ଦ୍ୱାରା ପୃଥିବୀର ବିଭିନ୍ନ ସ୍ଥାନର ସଭ୍ୟତା ଓ ସଂସ୍କୃତିର ସ୍ଥିତିକୁ ଉପଲବ୍ଧି କରାଗଲା ଏହାଦ୍ୱାରା ନୂତନ ନୂତନ ତଥ୍ୟ ଓ ସତ୍ୟର ଉଦ୍‌ଘାଟନ ସମ୍ଭବ ହେଲା। ଏହାଦ୍ୱାରା ବିଚାରବୋଧ ଏବଂ ପ୍ରତିଷ୍ଠିତ

ଧାରଣାର ପ୍ରାସଙ୍ଗିକତା ରହିଲା ନାହିଁ । କେନ୍ଦ୍ର କେବଳ ଭାଙ୍ଗିଲା ନାହିଁ, ଅପସାରିତ (marginal) ତତ୍ତ୍ୱଗୁଡ଼ିକ ମାନବ ସଂସ୍କାର ନୂତନ ତଥ୍ୟ ପ୍ରଦାନକରି ଦର୍ଶନ, ଭାବଧାରା ଅବବୋଧକୁ ବିକେନ୍ଦ୍ରିତ କରିବାରେ ସଫଳ ହେଲେ । ଏ ସମ୍ପର୍କରେ ଦେରିଦା କହନ୍ତି - "The enterprise of returnig strategically, ideally, to an origin or to a priority thought to be sipmple, intact, normal, pure, standard, self-identical, in order then to think in in terms of derivation, complication, deterioration, accident, etc.. All metaphysicians, from plato to Rousseau, Descarts to Hussrel, have proceeded in this way, conceiving good to be before evil, the positive before the negative, the pure before the impure, the Simple before the complex, the essential before the accidental, the immitated before the imitation etc. And this is not just one metaphysical gesture among others, it is the metaphysical exigency, that which has been the most constant, most profound and most potent. (Limited Inc-236) ଦେରିଦାଙ୍କ ଏହି ବକ୍ତବ୍ୟ ଉତ୍ତର ଆଧୁନିକ ବିମର୍ଶକୁ ଗଭୀର ଭାବରେ ପ୍ରଭାବିତ କରିଥିଲା । ଜ୍ଞାନଚର୍ଚ୍ଚାର ପରମ୍ପରାରେ ରହିଥିବା ସାର୍ବଭୌମତାର ପତନ ଏହିଠାରୁ ଆରମ୍ଭ ହେଲା । ତାଙ୍କର "ଅଫ୍ ଗ୍ରାମାଟୋଲୋଜି, 'ସ୍ପିଚ୍ ଏଣ୍ଡ ଫେନୋମେନା' ଏବଂ 'ରାଇଟିଂ ଏଣ୍ଡ ଡିଫେରେନ୍ସ' ପୁସ୍ତକଗୁଡ଼ିକ ଆଧିଭୌତିକ ଭାବଚେତନାକୁ ଭଙ୍ଗ କରିବାରେ ସକ୍ଷମ ହେଲେ । ଏହିଠାରୁ ଆରମ୍ଭ ହେଲା ଅପସାରିତ ସାହିତ୍ୟ (Marginal literature), (Subaltern literature), ପରବର୍ତ୍ତୀ ପର୍ଯ୍ୟାୟରେ ସଇଦଙ୍କ 'ଓରିଏଣ୍ଟାଲିଜିମ୍' ପୁସ୍ତକ ଉପନିବେଶବାଦ, ଔପନିବେଶିକ ଆଧୁନିକତା ଏବଂ ଉତ୍ତର ଉପନିବେଶବାଦ ସଂପର୍କିତ ଚର୍ଚ୍ଚା ଆରମ୍ଭ କରିଥିଲା । ଏହା ମଧ୍ୟ ସୃଷ୍ଟି କଲା ନବ-ଇତିହାସବାଦର ବିମର୍ଶ ଓ ନାରୀବାଦୀ ବିମର୍ଶ । ମହାମୂଳ ବୃତ୍ତାନ୍ତ (Grand Narrative) ଭାଙ୍ଗିଯିବା ପରେ ଆଞ୍ଚଳିକ ସଂସ୍କୃତି ପରମ୍ପରା ସମ୍ମୁଖଭାଗକୁ ଆସି ବିମର୍ଶରେ ସ୍ଥାନିତ ହେବା ଉତ୍ତର-ଆଧୁନିକ ବିମର୍ଶର ପ୍ରମୁଖ ଲକ୍ଷଣ । ଏହି ବିମର୍ଶରେ ସଂପ୍ରତି ଉତ୍ତରମାନବବାଦ (Posthumansim) ଓ ଉତ୍ତର-ସତ୍ୟ (Post true) ଯୋଡ଼ି ହୋଇ ଉତ୍ତର-ଆଧୁନିକତାର ବିମର୍ଶକୁ ଅଧିକ ଗଭୀର ଓ ପ୍ରାଞ୍ଜଳ କରୁଛନ୍ତି । ଜ୍ଞାନର ସାର୍ବଭୌମତ୍ୱ ଉପରେ ପ୍ରଶ୍ନ ଚିହ୍ନ ଆଙ୍କିଥିବା ଉତ୍ତରଆଧୁନିକତା ବିଶ୍ୱରେ ଅବସ୍ଥିତ ସମଗ୍ର ମାନବ ସମାଜ ସଂପର୍କିତ ଜ୍ଞାନକୁ ପରୀକ୍ଷା କରି ଏହାର ପ୍ରାସଙ୍ଗିକତାକୁ ପରୀକ୍ଷା କରିବାର ଏକ ନିରନ୍ତର ପ୍ରକ୍ରିୟା । ଏହାର ଶେଷ ନାହିଁ ।

**ସହାୟକ ଗ୍ରନ୍ଥ :**

୧. The Postmodem condition, Jean Francis Lyotard (1981)
୨. Postmodernism, Fedric Jameson (1991)
୩. ଅନେକ ଆଧୁନିକତା, ଗୁରୁଚରଣ ବେହେରା, (୨୦୦୭)

●

ପ୍ରାକ୍ତନ ପ୍ରାଧ୍ୟାପକ,
ବକ୍ସିଜଗବନ୍ଧୁ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର

# ଦେଶିଆ ଢଗର ଭାବବୈଚିତ୍ର୍ୟ ଓ ଗଠନ ସ୍ଥାପତ୍ୟ

ଡକ୍ଟର ରୁଦ୍ରାଣୀ ମହାନ୍ତି

**ସଂକ୍ଷିପ୍ତ ସାର:**

ପ୍ରକୃତିର ରଙ୍ଗଶାଳା କୋରାପୁଟ, ମାଲକାନାଗିରି, ନବରଙ୍ଗପୁର ଓ ରାୟଗଡ଼ ଜିଲ୍ଲାରେ ବସବାସ କରୁଥିବା ଜନଜାତି ସଂପ୍ରଦାୟ ଦେଶିଆଲକ୍ ଭାବେ ପରିଚିତ । ଇତିହାସର ଅୟମାରମ୍ଭର ବହୁ ପୂର୍ବରୁ ଏହି ଅଞ୍ଚଳରେ ଅଧିବାସୀମାନଙ୍କ ଜୀବନ ଜୀବିକା କ୍ଷେତ୍ରରେ ଦେଶିଆ ବୋଲି ସଂଯୋଜକ ଭାଷା ଭାବେ ସ୍ୱୀକୃତ ହୋଇଛି । ଏହି ଭାଷାରେ ରାଶିରାଶି ଲୋକଗୀତ, କାହାଣୀ, ଢଗ୍, ବାଟ୍‌ନା ପ୍ରଭୃତି ଜନମୁଖରେ ଅଦ୍ୟାବଧି ପ୍ରଚଳିତ ଓ ସଂଜୀବିତ । ଦେଶିଆ ଢଗ୍ ଦେଶୀ ଲୋକର ଜୀବନାନୁଭୂତି ଓ ସକଳ ଭାବାବେଗ ସହିତ ଅଭିବ୍ୟକ୍ତି । ତାହାର ବିଷୟ ବୈଚିତ୍ର୍ୟ ଓ ସଂରଚନା ଦିଗଟିର ମୂଲ୍ୟାୟନ ସଙ୍ଗେ ସଙ୍ଗେ ତାର ସଂରକ୍ଷଣ ଓ ବିଶ୍ଳେଷଣ ତଥା ଆଧୁନିକ ଭାଷାବିଜ୍ଞାନ ଅନୁସାରୀ ଅଧ୍ୟୟନ ଓ ଅନୁଶୀଳନ ସାଂପ୍ରତିକ ସମୟର ଏକ ବଡ଼ ଆହ୍ୱାନ ହୋଇରହିଛି ।

ମୁଖ୍ୟ ଶବ୍ଦ– ଜନଜାତି, ଦେଶିଆବୋଲି, ସଂଯୋଜକ ଭାଷା, ଢଗ୍, ଢଗ୍‌ରୀତି, ଢଗ୍ ରୂପ

**ଉପକ୍ରମ:**

ଦକ୍ଷିଣ ଓଡ଼ିଶାର ପ୍ରାକୃତିକ ସଂପଦପୂର୍ଣ୍ଣ କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ରାୟଗଡ଼ ଜିଲ୍ଲାରେ ଅନାଦି କାଳରୁ ସମଗ୍ର ଓଡ଼ିଶାରେ ବାସ କରୁଥିବା ୬୨ ପ୍ରକାର ଜନଜାତିଙ୍କ ମଧ୍ୟରୁ ଅମାନାତ୍ୟ, କନ୍ଧ, କୋୟା, କୋଟିଆ, ଗଣ୍ଡ, ଗାଦ୍‌ବା, ଜାତାପୁ, ଡିଡାୟୀ, ଦୁରୁଆ, ପରଜା, ପାରେଙ୍ଗା, ପେଙ୍ଗୁ, ପେଣ୍ଡିଆ, ବଣ୍ଡା, ବଞ୍ଜାରା, ଭତରା, ଭୂମିଆ, ଭୁଞ୍ଜିଆ, ଶବର, ହାଲବା ଆଦି ବାବନଗୋଟି ସଂପ୍ରଦାୟ ମୂଳ ଅଧିବାସୀ ରୂପେ ଜାତି, ଗୋତ୍ର ନିର୍ବିଶେଷରେ ନିଜକୁ 'ଦେଶିଆଲକ୍' ଭାବେ ଚିହ୍ନିତ କରିବା ସଂଗେ ସଂଗେ ଅଣ ଜନଜାତି ଜନସମୁଦାୟଙ୍କ ସହ ଏକତ୍ର ବସବାସ କରିଆସୁଛନ୍ତି । ଏହି ଅଞ୍ଚଳରେ ଆର୍ଯ୍ୟ, ଦ୍ରାବିଡ଼, ଅଷ୍ଟ୍ରିକ୍ ଆଦି ତ୍ରିବିଧ ଭାଷାଗୋଷ୍ଠୀ ଅନ୍ତର୍ଗତ ସମସ୍ତ ଅଧିବାସୀ ନିଜ ନିଜ ମାତୃଭାଷା ବ୍ୟବହାର କରିବା ସହ ପ୍ରାତ୍ୟହିକ ଜୀବନ ଜୀବିକା କ୍ଷେତ୍ରରେ ପରସ୍ପର ମଧ୍ୟରେ 'ଦେଶିଆ ବୋଲି' ମାଧ୍ୟମରେ ସୁସମ୍ପର୍କ ସ୍ଥାପନ କରିଥାନ୍ତି । ଇତିହାସ ଅୟମାରମ୍ଭର ବହୁପୂର୍ବରୁ 'ଦେଶିଆ ବୋଲି' ହୋଇଛି ଜାତି, ବର୍ଣ୍ଣ, ସଂପ୍ରଦାୟ ନିର୍ବିଶେଷରେ ସମସ୍ତଙ୍କ ମଧ୍ୟରେ ଭାବବିନିମୟ ସଂଯୋଗ ସେତୁ ଓ ସମନ୍ୱୟର ମାଧ୍ୟମ । ଏହା ସର୍ବଜନବୋଧ, ସର୍ବଜନାଦୃତ ତଥା ସର୍ବମାନ୍ୟ ଏକ ସଂଯୋଜକ ଭାଷା ।

ଦେଶିଆର ଆଭିଧାନିକ ଅର୍ଥ ଆଞ୍ଚଳିକ, ଗ୍ରାମୀଣ, ପ୍ରାକୃତିକ, ମୌଳିକ, ଦେଶୀୟ ଇତ୍ୟାଦି । ପଞ୍ଚଦଶ ଶତାବ୍ଦୀରେ ସୂର୍ଯ୍ୟବଂଶୀ ରାଜା ବିନାୟକ ଦେବ (ଖ୍ରୀ. ୧୪୪୮)ଙ୍କ ନନ୍ଦପୁର ରାଜ୍ୟ ଶାସନ କାଳରୁ ଦେଶିଆ ଭାଷା ଲିଙ୍ଗୁଆଫ୍ରାଙ୍କା (*Lingua Franka*) ବା ସଂଯୋଜକ ଭାଷାର ମାନ୍ୟତା ଲାଭ କରିଛି । ଏହି ଭାଷାର ରୂପତାତ୍ତ୍ୱିକ ବିଶ୍ଳେଷଣରୁ ପ୍ରତୀୟମାନ ହୁଏ ଯେ, ଏହା ଅବିଭକ୍ତ କୋରାପୁଟ ଜିଲ୍ଲାର ଦେଶିଆ ଲକ୍‌ର ଦେଶୀ ଭାଷା ଓ ମୂଳଭାଷା । ଆଦିବାସୀଟିଏ

ତା'ର ପରିବାର ଓ ଗ୍ରାମ ମଧ୍ୟରେ ନିଜର ମାତୃଭାଷା ବ୍ୟବହାର କରୁଥିଲେ ହେଁ ଅନ୍ତର୍ଗୋଷ୍ଠୀୟ ସ୍ତରରେ ସାମାଜିକ ଆବଶ୍ୟକତାରୁ ଏହି ମୌଳିକ ଏବଂ ମୌଖିକ ଭାଷା ଦେଶିଆ ବ୍ୟବହାର କରିଥାଏ । ଏହାର ସ୍ୱତନ୍ତ୍ର ଲିପି ନାହିଁ । ଓଡ଼ିଆ ଲିପିରେ ହିଁ ଅଦ୍ୟାବଧି ପରିଦୃଷ୍ଟ । ପ୍ରାୟ ଛଅଶହ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଦକ୍ଷିଣ ଓଡ଼ିଶାର ଜନଜାତିଙ୍କ ସଂସ୍କୃତି ଓ ସାହିତ୍ୟର ମୌଖିକ ରୂପ ଏହି ଭାଷାରେ ଗତିଶୀଳ । ଏହି ଅଞ୍ଚଳର ଆଦିବାସୀଙ୍କ ସଂସ୍କୃତି, ଭାଷା ଓ ସାହିତ୍ୟର ମୌଖିକ ପରଂପରା ଦେଶିଆ ବୋଲିରେ ହିଁ ସାଇତା ହୋଇ ରହିଆସିଛି ।

ନିବିଡ଼ ଅରଣ୍ୟ ପ୍ରକୃତିର ଅପରୂପ ଶୋଭା ସମ୍ଭାରପୂର୍ଣ୍ଣ ଅସରନ୍ତି ଉତ୍ସରେ ଆଶ୍ରିତ ଜନଜାତି ଦେଶିଆ ଲକ୍ ଜୀବନ ଜୀଇଁବାର ସକଳ ଅନୁଭୂତିକୁ ଦେଶିଆ ବୋଲିରେ ଗାନ କରନ୍ତି । ଟାହୁଲି କରନ୍ତି, ଢ଼ଗ ମାରନ୍ତି, ବାକ୍‌ନା ବା ବାକେଣୀ ବୋଲନ୍ତି । ଏହା ତାଙ୍କର ମୌଖିକ ପରମ୍ପରା । ଲୋକଜୀବନ ଓ ଜୀବନଚର୍ଯ୍ୟାର ଅଲିଖିତ ଇତିହାସ ଲୋକସାହିତ୍ୟ । ଦେଶିଆ ଭାଷାରେ ଢ଼ଗ ବା ଢେଗ ହେଉଛି ଦେଶିଆ ଲୋକର ମୌଖିକ ପରମ୍ପରାରେ ପ୍ରଚଳିତ ଲୋକବାଣୀ ଅନ୍ତର୍ଗତ ଏକ ଅନ୍ତରଙ୍ଗ ଅଭିବ୍ୟକ୍ତି । ଓଡ଼ିଆ ଲୋକୋକ୍ତିର ଏହା ପ୍ରବାଦ ପ୍ରବଚନ, ଢଗଢ଼ମାଳି ଓ ରୁଢ଼ି ରୂପେ କଥିତ ।

**ମୁଖ୍ୟ ଉଦ୍ଦେଶ୍ୟ :**

ଦେଶିଆ ଢଗ୍‌ର ସଂଗ୍ରହ ଓ ସଂରକ୍ଷଣ ସ୍ୱଳ୍ପ । ଏହାର ବିଷୟବସ୍ତୁ ସମ୍ପର୍କରେ ସାରାଂଶମୂଳକ ଆଲୋଚନା ପରିଦୃଷ୍ଟ ହେଲେ ହେଁ ଗଠନତାତ୍ତ୍ୱିକ ଦିଗଟି ଅଦ୍ୟାବଧି ଅବହେଳିତ । ତେଣୁ ଦେଶିଆ ଢଗର ବ୍ୟାବହାରିକ ଓ ପ୍ରୟୋଗଗତ ପରୀକ୍ଷାନିରୀକ୍ଷା ଭିତ୍ତିରେ ତାହାର ସଂରଚନା ସମ୍ପର୍କରେ ନୂତନ ରୀତିରେ ଆଲୋଚନା ଏବଂ ମୌଳିକତା ନିର୍ଣ୍ଣୟ କରିବା ଏହି ପ୍ରବନ୍ଧର ଉଦ୍ଦେଶ୍ୟ ।

**ପୂର୍ବାଲୋକନ :**

ମାନବୀୟ ଅଭିଜ୍ଞତା ଆଧାରିତ ଦେଶିଆ ଢଗ, ଜନଜାତି ସଂପ୍ରଦାୟଙ୍କ ହୃଦୟରୁ ସ୍ୱତଃସ୍ଫୂରିତ । ଜୀବନ ଜୀଇଁବାର ସକଳ ଭାବ ଅନୁଭାବକୁ ଏହା ରୂପଦାନ କରିଥାଏ । ଏ ସମ୍ପର୍କରେ ଜନଜାତି ବିଶେଷଜ୍ଞ ତଥା ଲେଖକ ଡକ୍ଟର ରାଜେନ୍ଦ୍ର ପାଢ଼ୀଙ୍କ ରଚିତ 'ଦେଶିଆ ଢଗ୍ ଆରି ବାକ୍‌ନା' ଗ୍ରନ୍ଥ ଜନଜାତି ଭାଷା ଓ ସଂସ୍କୃତି ଏକାଡ଼େମୀ, ଭୁବନେଶ୍ୱରଙ୍କ ଦ୍ୱାରା ପ୍ରକାଶିତ ହୋଇ ଗବେଷଣା କାର୍ଯ୍ୟ ନିମିତ୍ତ ଗୁରୁତ୍ୱ ବହନ କରିଛି ।

**ସମସ୍ୟାର ବିବୃତ୍ତି :**

କୋରାପୁଟ, ମାଲକାନ୍‌ଗିରି, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲାର ଜନଜାତି ବସବାସ କରୁଥିବା ଅଂଚଳରେ ବହୁବାର କ୍ଷେତ୍ର ଅଧ୍ୟୟନ ମାଧ୍ୟମରେ ଅଭିଜ୍ଞ ଡୋକ୍ରାଡ଼ୋକ୍ରି ତଥା ବୟସ୍କ ଲୋକଙ୍କ ମୁଖରୁ ନିସୃତ 'ଢ଼ଗ' ସଂଗ୍ରହର ଉଦ୍ୟମ ହୋଇଛି । ମାତ୍ର ବହିରାଗତ ଗଡ଼ିଆ ଲକ୍‌ଙ୍କ ପ୍ରତି ସାଧାରଣତଃ ଜନଜାତିଙ୍କ ମନରେ ଅବିଶ୍ୱାସ ଓ ଭୟ ଭରି ରହିଥିବାରୁ ତଥ୍ୟ ସଂଗ୍ରହ ସହଜ ହୋଇନଥାଏ ।

**ଅନୁଶୀଳନ ପଦ୍ଧତି :**

ପ୍ରବନ୍ଧର ପ୍ରସ୍ତୁତି ନିମନ୍ତେ ଏଥୋନୋଗ୍ରାଫି ପଦ୍ଧତି ଅବଲମ୍ବନ ପୂର୍ବକ ବିଭିନ୍ନ ଜନଜାତି ଅଞ୍ଚଳର ତଥ୍ୟ ସଂଗ୍ରହକୁ ପ୍ରାଧାନ୍ୟ ଦିଆଯାଇଛି । ମୁକ୍ତ ପଦ୍ଧତିରେ ପ୍ରତ୍ୟକ୍ଷ ସାକ୍ଷାତକାର ଦ୍ୱାରା ଦେଶିଆ ଢଗରେ ପ୍ରତିଫଳିତ ଜୀବନଦୃଷ୍ଟି, ଭାବାବେଗ ଓ ମୂଲ୍ୟବୋଧ ଇତ୍ୟାଦିର ଅଧ୍ୟୟନ ଓ ଅନୁଶୀଳନ କରାଯାଇଛି ।

ଢଗର ସ୍ୱରୂପ :

ଲୋକସାହିତ୍ୟ ସଂଗ୍ରାହକ ଗୋପାଳଚନ୍ଦ୍ର ପ୍ରହରାଜଙ୍କ ମତରେ ଢ଼ଗଢ଼ମାଳି, ପ୍ରବାଦ ପ୍ରବଚନ ଆଦି "ଲୋକ ବଚନିକା ମଧ୍ୟରେ ଗୋଟିଏ ବହି ଲୁଚି ରହିଥାଏ ।" (ବାଇ ମହାନ୍ତି ପାଞ୍ଜି, ୫ମ ବିଡ଼ା) ଲୋକରତ୍ନ କୁଞ୍ଜବିହାରୀ ଦାଶଙ୍କ ଅଭିମତ, "ଏଥିରେ ତତ୍ତ୍ୱର ସତ୍ୟ ନାହିଁ, ତଥ୍ୟର ବାସ୍ତବତା ଅଛି + + + ଏହା ବ୍ୟକ୍ତି ଓ ସମାଜର କର୍ତ୍ତବ୍ୟ ନିର୍ଦ୍ଦେଶକ, ସଂପାଦିତ କାର୍ଯ୍ୟର ରୁକ୍ଷ ସମାଲୋଚକ । ଜାତିର ସୁଦୀର୍ଘ ଅଭିଜ୍ଞତାର ସଂକ୍ଷିପ୍ତତମ ରସାଭିବ୍ୟକ୍ତି । ଲୋକଜୀବନ ଏଥିରେ ଜୀବନ୍ତ ।" (ଲୋକଗୀତ ଓ କାହାଣୀ, ବିଶ୍ୱଭାରତୀ, ଓଡ଼ିଆ ଗବେଷଣା ବିଭାଗ, ୧୯୫୮, ପୃ.୨୫୧)

ଓଡ଼ିଆ ଲୋକବାଣୀ ଅନ୍ତର୍ଭୁକ୍ତ ଢ଼ଗଢ଼ମାଳି ଓ ପ୍ରବାଦ ପ୍ରବଚନ ଉପଲକ୍ଷେ ଏହି ଦୁଇ ଓଡ଼ିଆ ସାରସ୍ୱତ ସାଧକଙ୍କ ଦେଶିଆ ଢଗ୍ କ୍ଷେତ୍ରରେ ମଧ୍ୟ ପ୍ରାସଙ୍ଗିକ ।

- ଦେଶିଆ ଢଗ୍ ସଂପୂର୍ଣ୍ଣ ରୂପେ ମୌଖିକ ପ୍ରକ୍ରିୟା ।
- ଓଡ଼ିଆ ଢଗ ପରି ଦେଶିଆ ଢଗର ସ୍ରଷ୍ଟାର ନାମ ଅଜ୍ଞାତ । ଗୋଷ୍ଠୀ ବା ସମଷ୍ଟି ହିଁ ଏହାର ସ୍ରଷ୍ଟା ଓ ଭୋକ୍ତା । ଏହା ସାମୁହିକ ମାନସିକତାର ଫଳଶ୍ରୁତି ।
- ଏହାର ଭିତ୍ତିଭୂମି ଲୋକଜ୍ଞାନ ଓ ଅଭିଜ୍ଞତା । ଏହା ସଂସ୍କୃତିରେ ସଂଚିତ ଥାଏ ।
- ମୌଖିକ ପରମ୍ପରାରେ ଦେଶିଆ ଢଗର ବ୍ୟବହାର ସୁସଂଘଟିତ ହୋଇଥାଏ ।
- ପ୍ରାତ୍ୟହିକ ଜୀବନର ଅଭିଜ୍ଞତା ସଂପନ୍ନ ଡ଼ୋକ୍ରା (ବୁଢ଼ା), ଡ଼ୋକ୍ରୀ (ବୁଢ଼ୀ) ଓ ପରିବାରର ଗୁରୁଜନ ବୃନ୍ଦ ନିଜ ନିଜର ଅନୁଭୂତିରୁ ଛୋଟରୁ ବଡ଼ ପର୍ଯ୍ୟନ୍ତ ସମସ୍ୟା ସମାଧାନ ଉଦ୍ଦେଶ୍ୟରେ ଏହାକୁ ସରଳ ସହଜ ଭଙ୍ଗୀରେ ପ୍ରକାଶ କରିଥାନ୍ତି ।
- ଦେଶିଆ ଢ଼ଗ୍ ଅବୟବରେ କ୍ଷୁଦ୍ର ଅଥଚ ଅର୍ଥଭାବରେ ବିସ୍ତୃତ ଓ ବ୍ୟାପ୍ତ ।
- ଗଠନଗତ ଦୃଷ୍ଟିରୁ ଏହା ଏକପାଦ, ଦ୍ୱିପାଦ, ତିନିପାଦ, ଚାରିପାଦ କିମ୍ବା କେତେକ କ୍ଷେତ୍ରରେ ଅଧିକ ପାଦ ବିଶିଷ୍ଟ ହୋଇଥାଏ ।
- ସଂକ୍ଷିପ୍ତ ହେଉ ଅବା ନ ହେଉ ଏହାର ଭାବ ପ୍ରସାରଣ ଶକ୍ତି ବଳିଷ୍ଠ ଏବଂ ଦ୍ରୁତ ।
- ଏହାର ଆରାମ, ବିରାମ ଚିହ୍ନ ଓ ଯତିପାତର ପ୍ରୟୋଗ କଥକର କହିବା କୌଶଳ ଉପରେ ନିର୍ଭର କରେ ।
- ଢ଼ଗ ସଂପୂର୍ଣ୍ଣ ରୂପେ ଆବୃତ୍ତିଧର୍ମୀ ଓ ଲାଳିତ୍ୟଯୁକ୍ତ ।
- ଅନେକ ସ୍ଥଳରେ ଏହା ବ୍ୟଙ୍ଗାତ୍ମକ ତଥା ହାସ୍ୟରସାତ୍ମକ ଭଙ୍ଗୀ ବହନ କରିଥାଏ ।
- ଏହା ବୈଜ୍ଞାନିକ ଜ୍ଞାନ କୌଶଳ ଆଧାରିତ ନୁହେଁ । ତେଣୁ ସ୍ୱରୂପରେ ସ୍ୱାତନ୍ତ୍ର୍ୟ ପ୍ରତିପାଦନ ପାଇଁ ପ୍ରମାଣର ଆବଶ୍ୟକତା ନଥାଏ । ଏହା ସାମାଜିକ ଅନୁଭୂତି ଓ ଅଭିଜ୍ଞତା ଆଧାରିତ ।
- ମାନବୀୟ ଅଭିଜ୍ଞତା ଆଧାରିତ ଦେଶିଆ ଢ଼ଗ୍ ଲୋକ ହୃଦୟରୁ ସ୍ୱତଃସ୍ଫୁରିତ । ନାନା ପ୍ରତୀକ ଓ ଚିତ୍ରକଳ୍ପ ମାଧ୍ୟମରେ ଜୀବନ ଜିଇଁବାର ସକଳ ଭାବ ଅନୁଭାବକୁ ଢଗ୍ ରୂପଦାନ କରିଥାଏ ଓ ଲୋକଜୀବନର ମୂଲ୍ୟବୋଧକୁ ଜୀବିତ କରି ରଖେ ।

ଢଗର ପ୍ରୟୋଗ :

- ଜାତୀୟ ଲୋକମାନସର ଗନ୍ତାଘର 'ଢ଼ଗ'ର ପ୍ରୟୋଗ ସମାଜ ମଧ୍ୟରେ ଉପଯୁକ୍ତ ସ୍ଥାନ, କାଳ, ପାତ୍ର ଓ ପ୍ରସଙ୍ଗ ଅନୁସାରେ ହୋଇଥାଏ ।
- ଢଗ ଲୋକସମାଜର ସାମାଜିକ ସଦ୍‌ଭାବନା ସହ ସ୍ୱଚ୍ଛ, ସମୃଦ୍ଧ ଓ ସୁସ୍ଥ ଜୀବନଯାପନ ପାଇଁ ଏକ ଅଲିଖିତ ନିର୍ଦ୍ଦେଶାବଳୀ ।
- ଅତୀତ ଐତିହ୍ୟବୋଧ ସହ ସମକାଳୀନ ସାମାଜିକ, ରାଜନୈତିକ, ଅର୍ଥନୈତିକ, ମନସ୍ତାତ୍ତ୍ୱିକ, ଧର୍ମୀୟ କ୍ଷେତ୍ରରେ ଏହାର ବ୍ୟବହାର ପରିଦୃଷ୍ଟ ।
- ଢ଼ଗ ସମାଜର ଏକ ଅଲିଖିତ ଅନୁଶାସନ, ଏକ ଚଳନ୍ତି ଶିକ୍ଷା ପ୍ରକ୍ରିୟା । ଆବାଳବୃଦ୍ଧ ବନିତା ଏଥିରୁ ଶିକ୍ଷା ଲାଭ କରିଥାନ୍ତି ।
- ଲୋକମାନଙ୍କର ସାମାଜିକ ମନୋଭାବ ଓ ବ୍ୟବହାରକୁ ମାର୍ଜିତ ତଥା ସୁସଂହତ କରେ ଢ଼ଗ୍ । ସୁତରାଂ ଜୀବନଚର୍ଯ୍ୟାର ଏହା ନିୟାମକ ।
- ଢଗ ବ୍ୟକ୍ତି, ଗୋଷ୍ଠୀ ତଥା ସମାଜର ତ୍ରୁଟି ସଂଶୋଧନ ସଂଗେ ସଂଗେ ସମସ୍ୟାର ସମାଧାନ ପାଇଁ ପଥ ଦର୍ଶାଇ ଗଣଚେତନା ସୃଷ୍ଟି କରିଥାଏ ।
- ଲୋକଙ୍କୁ ଅବାଟରୁ ବାଟକୁ ଆଣିବାରେ ପ୍ରେରଣାପ୍ରଦାନ କରିଥାଏ ।
- ଶିଷ୍ଟଗଣ ଏହି ଢଗରେ ବ୍ୟଞ୍ଜିତ ସିଦ୍ଧକଥାର ଗଭୀରତାକୁ ପରୀକ୍ଷାନିରୀକ୍ଷା କରି ବିଭିନ୍ନ କ୍ଷେତ୍ରରେ ଏହାର ପ୍ରୟୋଗ କରିଥାନ୍ତି । ବିଭିନ୍ନ ଗଣମାଧମ ମଧ୍ୟ ଏହାର ବ୍ୟବହାର ପ୍ରତି ଆକର୍ଷିତ ହୋଇଛନ୍ତି ।

ଢଗର ଭାବବୈଚିତ୍ର୍ୟ :

ଜନଜାତି ଲୋକଜୀବନର ଅଫୁରନ୍ତ ଉତ୍ସ ଅରଣ୍ୟ ସଂସ୍କୃତିଠାରୁ ଧର୍ତ୍ତନୀ ମା' ଧର୍ମ ଦେବତା, ଅନ୍ୟ ଦେବଦେବୀ, ଗ୍ରହ ନକ୍ଷତ୍ର, ସାମାଜିକ, ପାରିବାରିକ କ୍ରିୟାନୁଷ୍ଠାନ, ପ୍ରଥା ପରମ୍ପରା, ରୀତିନୀତି, ବିଧିବିଧାନ, ଉତ୍ସବ ଅନୁଷ୍ଠାନ, ପର୍ବପର୍ବାଣୀ, ଆଚାର, ବିଚାର, ସଂସ୍କାର, ନିଶା, ପେଶା, ବୃତ୍ତି, ପ୍ରବୃତ୍ତି, କୃଷି, ଶିକାର, ଖାଦ୍ୟପାନୀୟ, ପୋଷାକ, ବେଶଭୂଷା ପରିଚ୍ଛଦ, ରୋଗଶୋକ, ଚିକିତ୍ସା-ଔଷଧ-ପଥ୍ୟ, ଝାଡ଼ଫୁଙ୍କ, ଆମୋଦ ପ୍ରମୋଦ, ଖେଳକୁଦ, ବାଦ୍ୟଯନ୍ତ୍ର, ନାଚଗୀତ, ପ୍ରେମ, ବିରହ, ହସଖୁସି, ଶ୍ରମ, କ୍ଲାନ୍ତି, ଅଭାବ ଅନଟନ, ବର୍ଷାଝଡ଼ି, ପଶୁପକ୍ଷୀ, ଶିକ୍ଷା, ବିସ୍ଥାପନ, ଦାଦନ ଖଟିବା ପର୍ଯ୍ୟନ୍ତ ସକଳ ଦିଗଦିଗନ୍ତ ଦେଶିଆ 'ଢ଼ଗ୍'ରେ ପ୍ରତିକୀତ । ଏହାର ପରିସର ବ୍ୟାପକ । ଜନଜାତିର ସାମାଜିକ ଓ ସାଂସ୍କୃତିକ ପୃଷ୍ଠଭୂମି (context) ଆଧାରରେ ଢ଼ଗର ଭାବବୈଚିତ୍ର ତା'ର ବିଷୟବସ୍ତୁ (text)ରେ ହିଁ ସମାହିତ । କେତୋଟି ମର୍ମସ୍ପର୍ଶୀ ଉଦାହରଣ ଏଠାରେ ପ୍ରଦତ୍ତ–

'ତୁଣ୍ଡ ଫାଡ୍‌ଲେ ସରି କାଳିଜା ଦିଶ୍‌ସି'

ଅର୍ଥ : ଆଁ କଲେ କଲିଜା ଦିଶେ । (ଅତ୍ୟନ୍ତ ଦରିଦ୍ର ଅବସ୍ଥା)

ଅରଣ୍ୟ ଆଶ୍ରିତ ଆଦିବାସୀର ଦାରିଦ୍ର୍ୟ ଚିର ସହଚର । ତେଣୁ ତା'ର ଜୀବନ ଚଳଣିରେ;

"ରକତ୍ ଏଲେ ଅକତ୍ ନାଇଁ

ଅକତ୍ ଏଲେ ରକତ୍ ନାଇଁ ।"

ଅର୍ଥ : " ଏପଟେ ଟାଣିଲେ ସେପଟେ ନାହିଁ ।

ସେପଟେ ଟାଣିଲେ ଏପଟେ ନାହିଁ ।" ( ସବୁ ଦିଗରୁ ନିଅଣ୍ଟ ହେବା)

ଛୋଟ ଛୋଟ ନୁଆଁଣିଆ ଚାଳଖପର ଘରେ ନିଷ୍ଟ ଭିତରେ ବଞ୍ଚିରହିବାର ସଂଗ୍ରାମ କରୁ କରୁ ଆଦିବାସୀଟିଏ ତା' କଲିଜା ବା ଛାତିର ବେଦନାକୁ ଢଗରେ ହିଁ ପ୍ରକାଶ କରିଥାଏ । ନାନା ଦୈନ୍ୟ, ଦାଉଦପଟ ମଧ୍ୟରେ ବି ଜନଜାତି ଜନଜୀବନର ସ୍ୱାତନ୍ତ୍ର୍ୟ ହେଉଛି ଗୋଷ୍ଠୀବଦ୍ଧ ଜୀବନଯାପନ କରିବା । ପ୍ରାକୃତିକ ପରିବେଷ୍ଟନୀ ମଧ୍ୟରେ ପ୍ରକୃତି ସହ ଆତ୍ମୀୟତାରେ ବାନ୍ଧି ହୋଇ ପରିବେଶ, ପରିବାର, ସମାଜ ପ୍ରତି ତା'ର ଅସୀମ ସହଭାଗିତାର ମନୋଭାବ ସଦା ସମନ୍ୱିତ ଓ ଶୃଙ୍ଖଳିତ । ମାଂସ ସହ ସଲପ, ଲନ୍ଦା କି ମହୁଲି ନିଶା ପାନ କରି ଉନ୍ନତ ଅବସ୍ଥାରେ ନିଜ ନିଜର ଭାଇବନ୍ଧୁ ପଡ଼ୋଶୀ ମଧ୍ୟରେ ମତାନ୍ତର ଘଟୁଥିଲେ ବି କ୍ଷଣମାତ୍ରେ ପୁନଶ୍ଚ ମନମିଶାଇ ଚଳିବାର ଠାଣିରେ ସେମାନେ ଅଭ୍ୟସ୍ତ । ତେଣୁ ଦେଶିଆ 'ଢଗ' ମେଲି କହେ :

"ମାଉଁସେ ମାରାମାରି ମଦେ ମିଶିବାର

ମଦେ ମାରାମାରି ମାଉଁସେ ମିଶିବାର ।"

ଅର୍ଥ : ମାଡ଼ ମରାମରି ଓ ଗଣ୍ଡଗୋଳ ଯେତେ ହେଲେ ମଧ୍ୟ ମାଂସ ଓ ମଦ ଖାଇ ମିଶିଯିବା ତା'ର ନିଜସ୍ୱ ପ୍ରକୃତି ଓ ପ୍ରବୃତ୍ତି ।

ସେହିପରି ଅନ୍ୟାୟ ଅନୀତି ପଥରୁ ବିରତ ହେବାପାଇଁ ଢଗ୍ ରହିଛି –

'ସରଗ୍ ମରତ୍ ପାତାଳପୁର୍

ଡୁମା ଦେବତାର ରାଜ

ଆଗେ ପଛେ ବିଚାର କର୍

ସାକ୍ଷୀ ଧରମ୍ ରାଜ୍"

ଅବିଭକ୍ତ କୋରାପୁଟ ଭୂଖଣ୍ଡରେ ଜନଜାତି ଦେଶିଆ ଲୋକର ଜୀବନ ଦାରିଦ୍ର୍ୟ, ସ୍ୱାସ୍ଥ୍ୟହୀନତା, ଠକାମି, ଶୋଷଣ, ବିସ୍ଥାପନ, ଦାଦନ ଖଟଣିରେ ପୀଡ଼ିତ ହେଲେ ହେଁ କଣ୍ଠରେ ତଥାପି ନୀରବି ଯାଇନାହିଁ 'ଢ଼ଗ୍'ର ଝରନା । ପେଟ ଦାଉରେ ଦାଦନ ଖଟିବାକୁ ଯାଇଥିବା ଝିଅ ପାଇଁ ସେ ଢ଼ଗର ଛନ୍ଦ ମେଲି କହେ –

"ହାଇଦରବାଦ କନକି ପେଟ୍ ଗାଲାନି ଦମ୍ ।"

ଅର୍ଥ : ମାଣ୍ଡିଆ ପେଜ ପରି ପୁଷ୍ଟିକର ଖାଦ୍ୟ ଖାଉଥିବା ଝିଅ କାମଲାଗି ହାଇଦ୍ରାବାଦ ସହରକୁ ଯାଇ ସେଠାରେ ଖୁଦଭାତ ଖାଉଥିବାରୁ ତା'ର ପେଟ ପଶିଗଲାଣି, ସେ ଦୁର୍ବଳ ହୋଇଗଲାଣି !

ଦେଶିଆ ଢ଼ଗ ମୂଳତଃ ଛନ୍ଦକପଟହୀନ, ସରଳ ପରିଶ୍ରମୀ ମଣିଷର ଜୀବନଯାପନ, ଜୀବନ ସଂଗ୍ରାମ, ଚିନ୍ତାଚେତନା ବାସ୍ତବ ଓ ଭାବଜଗତର ବହୁବିଧ ସଂପଦରେ ପରିପୂର୍ଣ୍ଣ । ଏଗୁଡ଼ିକ ସୃଷ୍ଟି ହୋଇଥାଏ ଭୌଗୋଳିକ ପରିବେଶ ଓ ପ୍ରାକୃତିକ ପରିବେଷ୍ଟନୀ ପ୍ରଭାବରୁ । ଉତ୍ସାରିତ ହୋଇଥାଏ ଐତିହାସିକ, ସାମାଜିକ ପଟ୍ଟଭୂମିରୁ । ମଞ୍ଜୁରିତ ହୋଇଥାଏ ଅର୍ଥନୈତିକ, ଆଧ୍ୟାତ୍ମିକ, ମନସ୍ତାତ୍ତ୍ୱିକ କ୍ଷେତ୍ରରୁ । ସଂଚରିତ ହୋଇଥାଏ ଲୋକର ସାମଗ୍ରିକ ଜୀବନ ଚଳଣିକୁ । ସୁତରାଂ ମାନବଜୀବନ ହିଁ


ଏହାର ମୂଳ ଉତ୍ସ । ବାସ୍ତବରେ ଦେଶିଆ 'ଢଗ୍'ର ଶବ୍ଦ ଲାଳିତ୍ୟ, ଛନ୍ଦ ଚାତୁର୍ଯ୍ୟ ମଧ୍ୟରେ ଜନଜାତି ଜୀବନଚର୍ଯ୍ୟାର ସ୍ୱରୂପ ଯେତିକି ଅନ୍ତରଙ୍ଗ ସେତିକି ରସୋତ୍ତୀର୍ଣ୍ଣ । ବିଷୟ ବୈଚିତ୍ର୍ୟ ଯେତିକି ଆକର୍ଷଣୀୟ ସେତିକି ମର୍ମସ୍ପର୍ଶୀ ।

ଦେଶିଆ ଢଗ୍‌ର ଗଠନ ସ୍ଥାପତ୍ୟ :

ଓଡ଼ିଆ ଢଗଢ଼ମାଳି, ପ୍ରବାଦ ପ୍ରବଚନ ଆଦି ଲୋକୋକ୍ତି ସମ୍ପର୍କରେ, ପଣ୍ଡିତ ଗୋବିନ୍ଦ ରଥ, ନୀଳମଣି ବିଦ୍ୟାରତ୍ନ, ନିତ୍ୟାନନ୍ଦ ସାହୁ, ଗୋପାଳଚନ୍ଦ୍ର ପ୍ରହରାଜ, ଚକ୍ରଧର ମହାପାତ୍ର, କୁଞ୍ଜବିହାରୀ ଦାଶ ଏବଂ ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁ ଆଦି ସାରସ୍ୱତ ସାଧକ, ଗବେଷକ ସଂଗ୍ରହ ଓ ଅଧ୍ୟୟନ ପରମ୍ପରା ସୃଷ୍ଟି କରିଯାଇଥିଲେ ହେଁ ଦେଶିଆ ଢଗ୍‌ର ସଂଗ୍ରହ, ସଂରକ୍ଷଣ ଓ ବିଶ୍ଳେଷଣ କ୍ଷେତ୍ରରେ କତିପୟ ଜନଜାତି ସାହିତ୍ୟପ୍ରେମୀ ଗବେଷକ, ଆଲୋଚକ ଆଗ୍ରହ ପ୍ରକାଶ କରିଛନ୍ତି । ଏହାର ବିଷୟବସ୍ତୁର ସାରାଂଶ ସମ୍ପର୍କରେ କ୍ୱଚିତ୍ ଆଲୋଚନା ରହିଛି । ମାତ୍ର କୌଣସି ପଦ୍ଧତି ଅବଲମ୍ବନରେ ଏହାର ତତ୍ତ୍ୱଗତ ଦିଗଟି ସମ୍ପର୍କରେ ବ୍ୟାଖ୍ୟା ଓ ବୈଶିଷ୍ଟ୍ୟ ନିରୂପଣର ପ୍ରୟାସ ପରିଦୃଷ୍ଟ ହୁଏ ନାହିଁ ।

ଦେଶିଆ ଢଗର ବ୍ୟାବହାରିକ ତଥା ପ୍ରୟୋଗଗତ ପରୀକ୍ଷାନିରୀକ୍ଷା ଆଧାରରେ ଏହାର ସଂରଚନା ଦିଗଟି ଭାଷା ବିଜ୍ଞାନ ସିଦ୍ଧାନ୍ତର ଅନୁଗାମୀ । ସଂରଚନା ଦିଗରୁ ଏହାର ବାକ୍ୟରୀତିରେ କେତେକ ସାଧାରଣ ଲକ୍ଷଣ ଓ ବିଶେଷ ରୂପେ ପରିଲକ୍ଷିତ ହୁଏ । ଅନୁଶୀଳନର ସ୍ୱଷ୍ଟତା ପାଇଁ ଦେଶିଆ ଢଗର ଗଠନ ସ୍ଥାପତ୍ୟକୁ ମୁଖ୍ୟତଃ ଦୁଇ ଭାଗରେ ସୂଚିତ କରାଯାଇପାରେ ।

**ଦେଶିଆ ଢଗର ଗଠନ ସ୍ଥାପତ୍ୟ :**



୧. ବାକ୍ୟ ପ୍ରକରଣ ଓ ଗଠନ :

କ) ପୂର୍ଣ୍ଣବାକ୍ୟ

ତୁଣ୍ଡ୍ ଫାଡ୍‌ଲେ କାଲିଜା ଦିସିସ୍ ।

ଅର୍ଥ : ଆଁ କଲେ କଲିଜା ଦିଶେ (ଅତ୍ୟନ୍ତ ଦରିଦ୍ର ଅବସ୍ଥା)

ଖ) ଖଣ୍ଡବାକ୍ୟ :

ଉଦାହରଣ : ହଲଦିର ରଙ୍ଗ / ପରଦେଶୀ ସଂଗ

ଅର୍ଥ : ହଳଦି ରଙ୍ଗ ଓ ପରଦେଶୀ ସଂଗ କ୍ଷଣସ୍ଥାୟୀ । ଏହାହିଁ ଢଗଟିର ପୂର୍ଣ୍ଣବାକ୍ୟ ।

ଗ) ଏକାଧିକ ବାକ୍ୟ :

ଦେଶିଆ : ଗାୟ ରଇଲେ ଦିଆଲି, ବାକ୍ୟ – ୧

ପୋ ରଇଲେ ବୁଆରି, ବାକ୍ୟ – ୨

ଅର୍ଥ : ଗାଇ ଘରେ ଥିଲେ ଦିଆଲି ପରବ ପାଳନ କରାଯାଏ, ପୁଅ ଘରେ ଥିଲେ ବୋହୂ ଘରକୁ ଆଣିବାକୁ ହୋଇଥାଏ ।

ଅନ୍ୟ ଏକ ଉଦାହରଣ :

ଆଜି ରଉ ରଉ କାନା – ବାକ୍ୟ –୧

ବୁଦି ରଉ ରଉ ବନା ବାକ୍ୟ – ୨

ଅର୍ଥ - ଆଖି ଥାଇ କଣା (ଅନ୍ଧ) ଏବଂ ବୁଦ୍ଧିଥାଇ ବଣା (ମୂର୍ଖ)

ଘ) ସମାନ୍ତରାଳ ବାକ୍ୟ :

ଉତ୍‌ଲା ଖୀର ଚୁଲିକେ ଲାବ୍

ବଢ଼ିଲା ଛେଲି ଗଣ୍ଡାକେ ଲାବ୍

ବଢ଼ିଲା ଝି ଜୁଇଁ କେ ଲାବ୍

ଅର୍ଥ ; କ୍ଷୀର ଉତୁରିଲେ ଚୁଲିକୁ, ଛେଳି ବଢ଼ିଲେ ଖଣ୍ଡାକୁ ଓ ଝିଅ ବିଭାଯୋଗ୍ୟ ହୋଇଗଲେ ଜୋଇଁକୁ ଲାଭ ।

ଙ) ଅସମାନ୍ତରାଳ ବାକ୍ୟ :

ଗରେ ନାଇ ରନ୍ଧା

ଦୁଆରେ ଭାଁଇସା ବନ୍ଧା

ଅର୍ଥ : ଘରେ ଭାତ ନାହିଁ, ଦ୍ୱାର ମୁହଁରେ ମଇଁଷି ବନ୍ଧା ହୋଇଛି ।

ଚ) ପ୍ରଶ୍ନବାଚକ ବାକ୍ୟ :

ବାର ଗୋଡ଼ାକେ କେ ଘାସ ଦେଇସି ?

ଅର୍ଥାତ୍ ଏତେ ଲୋକଙ୍କୁ କିଏ ପୋଷିବ ?

୨. ବିଷୟ-ମନ୍ତବ୍ୟ ପ୍ରକରଣ ଓ ଗଠନ :

ଦେଶିଆ ଢଗର ବାକ୍ୟ ଗଠନ ରୀତିର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ବିଭାଗ ହେଉଛି ବିଷୟ ମନ୍ତବ୍ୟ ଗଠନ ପ୍ରକ୍ରିୟା । ବିଶିଷ୍ଟ ଲୋକ ସଂସ୍କୃତିବିତ୍ ଆଲାନ୍ ଡାଣ୍ଡିସ୍ ଢଗ / ପ୍ରବାଦ ଆଦି ଲୋକୋକ୍ତିର ଗଠନକୁ ବିଷୟ ମନ୍ତବ୍ୟ ଶୃଙ୍ଖଳା ପ୍ରକ୍ରିୟାରେ ବିଶ୍ଳେଷଣ କରିବାର ନୂତନ ଦିଗର ଉନ୍ମୋଚନ କରିଛନ୍ତି (Dundes Alan, 1978-Essay on Folkloristic, Folklore Institution, P.41) । ଏହା ଦେଶିଆ ଢଗରେ ପର୍ଯ୍ୟାପ୍ତ ରୂପେ ପରିଲକ୍ଷିତ ।

ସାଧାରଣତଃ ଢଗ ନିର୍ଦ୍ଦିଷ୍ଟ ବିଷୟ (Topic) ସମ୍ପର୍କରେ ମନ୍ତବ୍ୟ (Comment) ପ୍ରଦାନ କରିଥାଏ । ଦେଶିଆ ଢଗର ଅନେକ ସ୍ଥଳରେ ବିଷୟ ମନ୍ତବ୍ୟ ଉଭୟ ରହିଥିଲେ ହେଁ ମନ୍ତବ୍ୟ ପାର୍ଶ୍ୱଟି ଅନୁପସ୍ଥିତ ଥାଏ କିମ୍ବା ଏହା ସିଧାସଳଖ ନ ରହି ଉହ୍ୟଥାଏ । ଯଥା- ବିଷୟ ମନ୍ତବ୍ୟ ଉଭୟ ରହିଥିବା ପ୍ରବାଦ -

କ) ଅନୁପସ୍ଥିତ ମନ୍ତବ୍ୟ :

| | |
|---|---|
| ଫୁଲ୍ ଭିତରେ ମଲି | ମନ୍ତବ୍ୟ |
| ମାଚ୍ ଭିତରେ 'ଲି | ++ |
| ମାଇଜି ଭିତରେ ଶାଲି | ++ |

ଅର୍ଥ : ଫୁଲ ଭିତରେ ମଲ୍ଲି, ମାଛ ଭିତରେ 'ଲି, ସ୍ତ୍ରୀ ଜାତି ଭିତରେ ଶାଳି ସମ୍ପର୍କ ଶ୍ରେଷ୍ଠ ବିବେଚିତ ହୋଇଥାଏ । ଅନ୍ୟ ଏକ ଦେଶିଆ ଢଗର ଉଦାହରଣ -

| | |
|---|---|
| ରାଜାର ଦଶରା | + |
| ଗଦବାର ଗତର | + |
| ଝଡ଼ିଆର ନାନ୍ଦୀ | + |

ଅର୍ଥ : ରାଜାର ଦଶହରା ପର୍ବ, ଗଦବା ଲୋକର ଗତର ପର୍ବ, ଝଡ଼ିଆ ପରଜାର ନାନ୍ଦୀ ପର୍ବ ଓ ମାଳି ଲୋକର ବାଲି ପର୍ବ ଖୁବ୍ ଗୁରୁତ୍ୱପୂର୍ଣ୍ଣ ।

| | |
|---|---|
| ଡଙ୍ଗରପାନି | + |
| ଡିଙ୍ଗର ମାଇଜି | + |

ଅର୍ଥ : ଡଙ୍ଗର ପାଣି ସ୍ଥିର ନ ରହିବା ପରି ଡିଙ୍ଗର ବା କଳିହୁଡ଼ି ସ୍ତ୍ରୀ ଘରେ ବସି ରହିପାରେ ନାହିଁ ।

ଏହି ସମସ୍ତ ଢଗରେ କେବଳ ବିଷୟ ଅଂଶ ରହିଛି, ମାତ୍ର ମନ୍ତବ୍ୟର ଉଲ୍ଲେଖ ନାହିଁ ଏହା ଅନୁପସ୍ଥିତ । ଏ ସମସ୍ତ 'ଉଦାହରଣରେ ବିଷୟବସ୍ତୁ ଉପରେ ଗୁରୁତ୍ୱାରୋପ ହୋଇଛି ।

ଖ) ବିଷୟ-ମନ୍ତବ୍ୟ ପ୍ରକରଣ ଓ ଗଠନର ଦ୍ୱିତୀୟ ପର୍ଯ୍ୟାୟରେ 'ମନ୍ତବ୍ୟ' ଉପରେ ସମାନ ଗୁରୁତ୍ୱ ପ୍ରଦାନ ଯଥା –

| ବିଷୟ | ମନ୍ତବ୍ୟ |
|---|---|
| ମାଲି ଗରର ଚେଲି | + |
| କୁମ୍ଭାର ଗରର ଗୋଡ଼ା | + |
| ତନ୍ତୀ ଗରର ମାଙ୍କଡ଼ | ଏ ତିନି ଅଇସେ ଗରବୁଡ଼ା |

ଅର୍ଥ : ମାଳି ହୋଇ ଛେଳି ପାଳିଲେ, କୁମ୍ଭାର ହୋଇ ଘୋଡ଼ା ପାଳିଲେ, ତନ୍ତୀ ଘରେ ମାଙ୍କଡ଼ ଥିଲେ ଘର ବୁଡ଼ିବା ହିଁ ସାର ହେବ ।

ଗ) ବିଷୟ ଅଂଶର ପ୍ରସାରଣ :

ଦେଶିଆ ଢଗ୍ ବିଶ୍ଳେଷଣ କଲେ ଜଣାଯାଏ ଅନେକ ସ୍ଥଳରେ ଗୋଟିଏ ଢଗ୍ ମଧ୍ୟରେ ଏକ ବା ଏକାଧିକ ବିଷୟ ସ୍ଥାନିତ ହୋଇଥାଏ । ଯଥା -

ବିଷୟ ସଂଖ୍ୟା ଏକ          ମନ୍ତବ୍ୟ

ଯାର ପଲା          ତାର ଖଲା

ଅର୍ଥ : ରୁଆରଷ କରୁଥିବା ଲୋକର ଖଳା ଭ© ହୋଇଥାଏ ଭଲ ଅମଳ ହେତୁ ।

ବିଷୟ ସଂଖ୍ୟା ଦୁଇ          ମନ୍ତବ୍ୟ

ଖଇରି ମେସିଆ ମନୁଷ

ପାଣ୍ଡରି ମେଘର ପାନି          ଏ ଦୁଇକେ ନ ପାରି ଜାନି ।

ଅର୍ଥ : ଖଇର ରଂଗର ନିଶୁଆ ଲୋକ ଓ ଧୂସର ରଂଗର ବର୍ଷା ପାଣି ଏ ଦୁହେଁ ବଡ଼ ଅବିଶ୍ୱାସୀ, କେହି ତାଙ୍କୁ କଳନା କରିପାରନ୍ତି ନାହିଁ ।

ଅନ୍ୟ ଏକ ଉଦାହରଣ -

ଲମ ଧାନ୍‌ର ଖେତ

ପାଣ୍ଡରି ମେଘର ପାନି

ଚାଡ଼ଲା ମାଇଜିର ଖସା

ଅର୍ଥ : ଅଧିକ ବଢ଼ିଥିବା ଧାନକେଣ୍ଡା, ଧୂସର ମେଘର ବର୍ଷା, ସ୍ୱାମୀଙ୍କୁ ଛାଡ଼ପତ୍ର ଦେଇଥିବା ସ୍ତ୍ରୀର ଖୋସା ବା ବେଶଭୂଷାକୁ ଭରସା ନାହିଁ ।

ଏହି ଢଗରେ ଜନଜାତିର ନାରୀ ସ୍ୱାଧୀନତାର କଥା ଉଲ୍ଲେଖିତ । ଜନଜାତି ସମାଜରେ ପୁରୁଷ ଓ ନାରୀ ଉଭୟଙ୍କର ଜୀବନସାଥୀ ପସନ୍ଦ କରିବାରେ ସମାନ ଅଧିକାର ସର୍ବଜନଗ୍ରାହ୍ୟ ।

ବିଷୟ ସଂଖ୍ୟା ଚାରି          ମନ୍ତବ୍ୟ

ଏକ ଆକି          ଆକି ନଏ

ଏକ ସାକି          ସାକି ନଏ

ମନ୍ ସମାନ          ଦନ୍ ନାଇଁ

ଦନ୍ ସମାନ          ମନ୍ ନାଇଁ

ଅର୍ଥ : ଗୋଟିଏ ଆଖି ଥିଲେ ଆଖିଥିବା ଲୋକ, ଜଣେ ସାକ୍ଷୀ ଥିଲେ ତାଙ୍କୁ ସାକ୍ଷୀ ରୂପେ ଯେପରି ଗଣାଯାଏ ନାହିଁ, ସେପରି ମନତୁଲ୍ୟ ଧନ ଓ ଧନତୁଲ୍ୟ ମନ ପରି ଏ ସଂସାରରେ ଅନ୍ୟ କିଛି ନାହିଁ ।

ଏହିପରି ରାଶି ରାଶି ଦେଶିଆ ଢଗର ଉଦାହରଣ ଜନଜାତି ଲୋକମୁଖରେ ସଂଜୀବିତ ହୋଇ ରହିଛି । ଏହା ଲୋକଜୀବନର ଜୀବନୀଶକ୍ତି ବଜାୟ ରଖିବା ସହ ସାଂସ୍କୃତିକ ଓ ସାମାଜିକ ଜୀବନର ଐକ୍ୟ ତଥା ସଂହତିରକ୍ଷା ଦିଗରେ ଲୋକୋକ୍ତିର ଏକ ବଳିଷ୍ଠ ବିଭବ ରୂପେ ପ୍ରତିଭାତ । ଦେଶିଆ ଲୋକଜୀବନର ପ୍ରାଣ ପ୍ରବାହରେ ଏହାର ସାମାଜିକ ପ୍ରୟୋଜନୀୟତା ଚିରକାଳ ସତ୍ୟ ।

ନିଷ୍କର୍ଷ :

ଅଧୁନା ଜଗତୀକରଣର ଆହ୍ୱାନ, ଦ୍ରୁତ ଶିଳ୍ପାୟନ, ବସ୍ତୁବାଦୀ ସଭ୍ୟତାର ପ୍ରଭାବ ତଥା ଆଧୁନିକୀକରଣ ପ୍ରକ୍ରିୟାରେ ବିଶ୍ୱର ସକଳ ମାନବୀୟ ସଂପତ୍ତି ଓ ସଂସ୍କୃତିର ଉପାଦାନ ବିପଣନ ସାମଗ୍ରୀ ରୂପେ ଗୃହୀତ ହେବା ଧାରାର ପ୍ରବାହମାନତାରେ ଅବିଭକ୍ତ କୋରାପୁଟ ଜିଲ୍ଲାର ଜନଜାତି ସଂପ୍ରଦାୟଙ୍କ ଦେଶିଆ ବୋଲି 'ଢଗ୍' । 'ଢଗ୍'ର ମୌଳିକତା କ୍ରମଶଃ ଲୁପ୍ତ ହେବାରେ ଲାଗିଛି । ଯୁବପିଢ଼ି ମଧ୍ୟରେ ଏଥିପ୍ରତି ଏବେ ବୀତସ୍ପୃହ ମନୋଭାବ । ଫଳତଃ ଦେଶିଆ ଲୋକଜୀବନର ପାରଂପରିକ ବିଶ୍ୱାସ, କଳାତ୍ମକ ବୈଭବ ଓ ଭାଷା ସଂପଦ ବିଲୟମୁଖୀ ।

ଉପସଂହାର

ଏଣୁ ଜନଜାତିର ସ୍ଥାନୀୟ ବୈଶିଷ୍ଟ୍ୟ, ବୈଚିତ୍ର ଓ ମୌଳିକ ସଂସ୍କୃତିର ସୁରକ୍ଷା ପାଇଁ ଦେଶିଆ 'ଢଗ୍'ର ମୌଖିକ ପରମ୍ପରାକୁ ସଂଗ୍ରହ, ସଂରକ୍ଷଣ, ଅନୁଧ୍ୟାନ, ଆଲୋଚନା ଦ୍ୱାରା ସାରସ୍ୱତ ପରିସରଭୁକ୍ତ କରିବା ବର୍ତ୍ତମାନ ସମୟରେ ଏକ ବଡ଼ ଆହ୍ୱାନ, କାରଣ ଆଧୁନିକତାର ମୋହନବେଣୁ ଝଙ୍କାରରେ ଯାଦୁକାରୀ ପ୍ରଲୋଭନ ଥିଲେ ହେଁ ଜନଜାତି ଦେଶିଆ ଢଗର ଚିରନ୍ତନ ସତ୍ୟ ଚିରକାଳ ସମସ୍ତଙ୍କୁ ଆକର୍ଷିତ କରିବାରେ ସମର୍ଥ; ଏହା ନିଃସନ୍ଦେହ ।

କ୍ଷେତ୍ର ଅଧ୍ୟୟନ : କୋରାପୁଟ (ଜୟପୁର, ରଂଗକୁମ୍ଭା, ଲକ୍ଷ୍ମୀପୁର, ଚପର ସେମଲା) ନବରଙ୍ଗପୁର (ବୈପାରୀଗୁଡ଼ା, ଦରାଗୁଡ଼ା) ।

ସହାୟକ ଗ୍ରନ୍ଥସୂଚୀ :

୧. ସ୍ମରଣିକା ୮, ଜିଲ୍ଲା ସଂସ୍କୃତି ପରିଷଦ, କୋରାପୁଟ, ଦେଶିଆ ଢଗ ଆର ବାକ୍‌ନା, ଡକ୍ଟର ରାଜେନ୍ଦ୍ର ପାଢ଼ୀ, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ।

୨. ଲୋକ ଗୀତ ଓ କାହାଣୀ, ଡକ୍ଟର କୁଞ୍ଜବିହାରୀ ଦାଶ, ବିଶ୍ୱଭାରତୀ ଗବେଷଣା ପରିଷଦ ।

୩. ଓଡ଼ିଆ ଲୋକସାହିତ୍ୟ, ଡକ୍ଟର ବନମାଳି ରଥ, ଓଡ଼ିଆ ପ୍ରବଚନରେ ଜନସଂସ୍କୃତି, ଗ୍ରନ୍ଥମନ୍ଦିର, ୧୯୮୭, ପୃ୯୬

●

ସହଯୋଗୀ ପ୍ରାଧ୍ୟାପିକା, ସ୍ନାତକୋତ୍ତର ଓଡ଼ିଆ ଭାଷା ଓ

ସାହିତ୍ୟ ବିଭାଗ,

କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଓଡ଼ିଶା

**Email: drrudrani@gmail.com**

# ଗବେଷଣା ଧର୍ମୀ ଓଡ଼ିଆ ପତ୍ରିକା 'ଶାବରୀ'
## : ନିୟମାବଳୀ :

୧. କୋରାପୁଟ ସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ପ୍ରକାଶିତ ଗବେଷଣାଧର୍ମୀ ପତ୍ରିକା 'ଶାବରୀ' ଜାନୁଆରୀ ଓ ଜୁଲାଇ ମାସର ପ୍ରଥମ ସପ୍ତାହରେ ପ୍ରକାଶ ପାଇବ ।

୨. ଏଥିରେ କେବଳ ଓଡ଼ିଆ ଭାଷାରେ ଭାଷା, ସାହିତ୍ୟ, ସଂସ୍କୃତି ସମ୍ବନ୍ଧୀୟ ଗବେଷଣାତ୍ମକ ରଚନା ସ୍ଥାନ ପାଇବ । ସମ୍ପାଦକମଣ୍ଡଳୀଙ୍କ ନିଷ୍ପତ୍ତିକ୍ରମେ ଅନ୍ୟାନ୍ୟ ବିଷୟକ ଲେଖା ପ୍ରକାଶିତ ହେବ ।

୩. ପ୍ରବନ୍ଧରେ ରାଷ୍ଟ୍ର ତଥା ସମ୍ବିଧାନ ବିରୋଧୀ, ବିଦ୍ୱେଷ ବା ଉତ୍ତେଜନା ସୃଷ୍ଟିକାରୀ କୌଣସି ତତ୍ତ୍ୱ ରହିବ ନାହିଁ ।

୪. ପ୍ରବନ୍ଧଗୁଡ଼ିକ ସମୀକ୍ଷକଙ୍କ ଅନୁକୂଳ ମନ୍ତବ୍ୟ ପରେ ପ୍ରକାଶିତ ହେବ ।

୫. ରଚନାର ଗଠନ ପରିପାଟୀ :

(କ) ମାଇକ୍ରୋସଫ୍ଟ ୱାର୍ଡ଼ ଫାଇଲ ବା ପେଜମେକର ଡକୁମେଣ୍ଟରେ ଟାଇପ୍ ଲେଖା ଗ୍ରହଣୀୟ ।

(ଖ) ଲେଖାଟି ଆକୃତି ସରଳ ଅକ୍ଷର ମାତ୍ରା- ୧୫ରେ ଟାଇପ୍ ହୋଇଥିବ ।

(ଗ) ପ୍ରଥମ ବା ମଲାଟ ପୃଷ୍ଠାରେ ଶୀର୍ଷକ, ଲେଖକଙ୍କ ନାମ, ପଦ, ସମ୍ପୂର୍ଣ୍ଣ ଠିକଣା ମେଲ ଠିକଣା ଓ ୱାଟ୍ସଆପ୍ ନଂ ରହିବ ।

(ଘ) ପ୍ରବନ୍ଧର ପ୍ରାରମ୍ଭରେ ୨୫୦ ଶବ୍ଦ ମଧ୍ୟରେ ସାରାଂଶ ରହିବ ।

(ଙ) ବିଷୟ ସୂଚକ ଶବ୍ଦ ୫ଟି ରହିବ ।

(ଚ) ପ୍ରାନ୍ତଟୀକା ଶୈଳୀ ଏମ୍.ଏଲ୍.ଏ. (ମଡ଼ର୍ଣ୍ଣ ଲାଙ୍ଗୁଏଜ ଆସୋସିଏସନ) ନିୟମ ଅନୁଯାୟୀ ହେବା ସହ ଅକ୍ଷରଗୁଡ଼ିକ ଦକ୍ଷିଣବକ୍ର ହେବ ।

(ଛ) ସନ୍ଦର୍ଭ ଗ୍ରନ୍ଥ ତାଲିକା ବର୍ଣ୍ଣାନୁକ୍ରମିକ ହେବ ।

୬. ଅମନୋନୀତ ଲେଖା ଫେରସ୍ତ ଦିଆଯିବ ନାହିଁ ।

୭. ପ୍ରବନ୍ଧଟି ସ୍ୱରଚିତ ଓ ତାହା ଅନ୍ୟ କୌଣସିଠାରେ ପ୍ରକାଶ ପାଇନାହିଁ ବା ପ୍ରକାଶ ପାଇଁ ପ୍ରେରିତ ହୋଇନାହିଁ - ଏହି ମର୍ମରେ ଲେଖକ ଏକ ପ୍ରମାଣ ପତ୍ର ସ୍ୱାକ୍ଷର କରି ପଠାଇବେ ।

୮. ଲେଖା ପ୍ରେରଣ ତଥା ସମସ୍ତ ଯୋଗାଯୋଗର ଠିକଣା - ସମ୍ପାଦକ, ଶାବରୀ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଏନ୍.ଏ.ଡି. ସୁନାବେଡ଼ା-୭୬୩୦୦୪, କୋରାପୁଟ, ଓଡ଼ିଶା ।